# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୧୭/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 17/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 171 | ମୂଲ୍ୟ ₹୭/-







## ଆଜିଠୁ ପୁଣି ଚାଲିବ ଆଇପିଏଲ୍

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ଯୋଗୁ ସ୍ଥଗିତ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶନିବାରଠାରୁ ପୁଣି ଖେଳାଯିବ। ଏଥିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ ରାଇଡର୍ସ ପରସ୍ପରକୁ ଭେଟିବେ। ଗତ ୮ ତାରିଖରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚକୁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଦର୍ଶକଙ୍କୁ ବାହାରକୁ ଯିବାକୁ ନିର୍ଦ୍ଦେଶ ଦିଆଯିବା ସହ ଷ୍ଟାଡିୟମକୁ ଅନ୍ଧାର କରି ଦିଆଯାଇଥିଲା। ଇତିମଧ୍ୟରେ ଅନେକ ବିଦେଶୀ ଖେଳାଳି ନିଜ ଫ୍ରାଞ୍ଚାଇଜ୍ ଦଳରେ ଯୋଗ ଦେଇଥିବାବେଳେ ଆଉ କେତେକ ଆସିବାକୁ ମନା କରି ଦେଇଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

### ପ୍ରତିରକ୍ଷାର ଅଦୃଶ୍ୟ ରେଖା

# ବଜ୍ରପାତ ନେଲା ୧୨ ଜୀବନ

## ୧୯ ଯାଏ ପ୍ରବଳ ଝଡ଼ବର୍ଷା, ବଜ୍ରପାତ

ତାତି, ଗୁଳୁଗୁଳି ରାଜ୍ୟବାସୀଙ୍କୁ କଲବଲ କରିଦେଉଥିବାବେଳେ ହଠାତ୍ ଘଟୁଥିବା କାଳବୈଶାଖୀ ଓ ବଜ୍ରପାତ ବ୍ୟାପକ ଧନଜୀବନ ହାନି ଘଟାଉଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୧୨ ଜଣଙ୍କ ଜୀବନ ହାନି ହୋଇଛି। ସେଥିମଧ୍ୟରେ କୋରାପୁଟ ଜିଲାରେ ଆଈନାତୁଣୀଙ୍କ ସମେତ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଯାଜପୁର ଜିଲାର ୨ ଛାତ୍ର, ଢେଙ୍କାନାଳର ୨ ଯୁବକ, ମୟୂରଭଞ୍ଜ, ଗଞ୍ଜାମ, ଗଜପତି ଏବଂ ନବରଙ୍ଗପୁର ଜିଲାର ଜଣେ ଲେଖାଏ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅସହ୍ୟ ଖରା ଓ ଏହାପରେ ଦେଖିବାକୁ ମିଳୁଛି କାଳବୈଶାଖୀ ଏବଂ ବଜ୍ରପାତ ତାଣ୍ଡବ। ଗତ ପ୍ରାୟ ୨ ମାସ ହେଲା ଏଭଳିସ୍ଥିତି ରହିଥିବାବେଳେ ଲୋକଙ୍କ ସଚେତନତାର ଅଭାବରୁ ବଜ୍ରପାତ ନେଇଛି ଜୀବନ। ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଉପାୟରେ ସତର୍କ କରାଇଦିଆଯାଉଥିଲେ ମଧ୍ୟ ଏଭଳି ଅସ୍ୱାଭାବିକ ମୃତ୍ୟୁ ରୋକି ହେଉନାହିଁ। ଏଭଳିସ୍ଥଳେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଝଡ଼ବର୍ଷା ଏବଂ ବଜ୍ରପାତ ହେବାନେଇ ପାଣିପାଗ ବିଭାଗ ସତର୍କ କରାଇଛି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସଚେତନତାମୂଳକ ପଦକ୍ଷେପ ନେଲେ ବଜ୍ରପାତଜନିତ ମୃତ୍ୟୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି।



କୋରାପୁଟ ଜିଲା ନନ୍ଦପୁରରେ କାଳବୈଶାଖୀ ଯୋଗୁ ଭାଙ୍ଗିଯାଇଥିବା ବିଦ୍ୟୁତ୍ ପୋଲଗୁଡ଼ିକୁ କର୍ମଚାରୀମାନେ ବଦଳାଉଛନ୍ତି।

**ଭୁବନେଶ୍ୱର, ୧୬।୫ (ଅନୁରାଧା ମହାରଣା)**

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଶୁକ୍ରବାର ଝଡତୋଫାନ ସହ ପ୍ରବଳ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୨ଜଣଙ୍କ ବଜ୍ରପାତରେ ଜୀବନ ଯାଇଛି। ସେମାନେ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆପେଣ୍ଠ ପଞ୍ଚାୟତ ପରିଡ଼ିଗୁଡ଼ାର ବୃଦି ମାଣ୍ଡିଙ୍ଗା(୬୦), ତାଙ୍କ ନାତୁଣୀ କସା ମାଣ୍ଡିଙ୍ଗା(୧୮), କୁମ୍ଭାରଗୁଡ଼ାର ଅମ୍ବିକା କାଶୀ(୩୫), ସୁନାବେଡ଼ା ଥାନା ଅଧୀନ ସେମିଳିଗୁଡ଼ା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତ ଖାଲପାଡି ଦାଶ ଜାନୀ(୩୨), ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଆଦିବାସୀ ଶଙ୍କରଡ଼ା ଗ୍ରାମର ଲଳିତ ମାଝି, ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି କାବେରା ଗ୍ରାମର ସନାତନ ତିଆଣି (୪୫), ମହାବିରୋଡ଼ ଥାନା ଦଶୀପୁର ପଞ୍ଚାୟତ ଅନ୍ତର୍ଗତ କୁସୁମୁଣ୍ଡିଆ ଗ୍ରାମର ସୁରୁଷି ବିଶ୍ୱାଳ(୪୦), ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ଗୁରୁସାହିର ଅର୍ଜୁନ ହେମ୍ବ୍ରମ୍ଙ୍କ ପୁଅ ତାରେ ହେମ୍ବ୍ରମ୍(୧୪), ପାଣ୍ଡେ ଚାତରଙ୍କ ପୁଅ ଟୁକୁଲ୍ ଚାତର୍ (୧୨), ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କେବିରି ବ୍ରହ୍ମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୌଡଙ୍କ ଝିଅ ରୀତା ଗୌଡ଼, ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଶିଆଳିଲଟି ପଞ୍ଚାୟତ କାନକଟାର ଦମୟନ୍ତୀ ମଣ୍ଡଳ(୩୮) ଏବଂ ବାଲେଶ୍ୱର ଜିଲା ଔପଦା ବ୍ଲକ ଦାରି ପୋଖରୀରେ ପ୍ରାଣ ହରାଇଥିବା ମୟୂରଭଞ୍ଜ ଜିଲା ଉଦଳା ଥାନା କୁଟିଂ ଗ୍ରାମର ଚୁନାରାମ କିସ୍କୋ (୩୧)।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁ ତାପମାତ୍ରାରେ ସାମାନ୍ୟ ☞ପୃଷ୍ଠା-୪

# ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋ ଲିଜ୍ ବାତିଲ ପାଇଁ ଏୟାର ଇଣ୍ଡିଆର ଲବି





ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସେନା ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବାରୁ ୨ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପଡ଼ୋଶୀ ଦେଶକୁ ତୁର୍କୀ ନୌସେନା ଜାହାଜ ଏବଂ ବିପୁଳ ଡ୍ରୋନ୍ ଯୋଗାଇଦେଇଥିଲା। ଏହାକୁ ନେଇ ଭାରତରେ ତୁର୍କୀ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ବ୍ୟବସାୟୀମାନେ ତୁର୍କୀରୁ ବିଭିନ୍ନ ସାମଗ୍ରୀ ଆମଦାନୀ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ମଧ୍ୟ ଆଙ୍କାରା ସହ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋର ଲିଜ୍ ଚୁକ୍ତିନାମା ବାତିଲ ପାଇଁ ଏୟାର ଇଣ୍ଡିଆ ସରକାରଙ୍କ ନିକଟରେ ଲବି କରିଛି। ଇତିମଧ୍ୟରେ ତୁର୍କୀର ଏୟାରପୋର୍ଟ ପରିଚାଳନାକାରୀ ସଂସ୍ଥା ସେଲେବି ଏହାର ନିରାପତ୍ତା ମଞ୍ଜୁରୀ ରଦ୍ଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଭାରତ ସରକାରଙ୍କ ବିରୋଧରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

### ସୁରକ୍ଷା ମଞ୍ଜୁରୀ ରଦ୍ଦକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କଲା ସେଲେବି

**ନୂଆଦିଲ୍ଲୀ, ୧୬।୫**

ପାକିସ୍ତାନକୁ ସମର୍ଥନ କରୁଥିବା ତୁର୍କୀଠାରୁ ଦେଶର ସୁରକ୍ଷା ପ୍ରତି ବିପଦ ଥିବା ଏବଂ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଏୟାର ଇଣ୍ଡିଆ ଦର୍ଶାଇଛି। ତୁର୍କୀ ଏୟାରଲାଇନ୍ସ ସହ ଇଣ୍ଡିଗୋର ଚୁକ୍ତି ଯୋଗୁ ତୁର୍କୀ ଲାଭବାନ ହେଉଥିବାବେଳେ ସିଟ୍ ସାମର୍ଥ୍ୟ ବୃଦ୍ଧି ଏବଂ ସେଠାକାର ପର୍ଯ୍ୟଟନର ବିକାଶ ଯୋଗୁ ଭାରତର ବିମାନ ଚଳାଚଳ କ୍ଷେତ୍ର କ୍ଷତି ସହୁଛି। ଭାରତ-ପାକିସ୍ତାନ ସଂଘର୍ଷ ବେଳେ ତୁର୍କୀର ଆଭିମୁଖ୍ୟକୁ ନେଇ ଭାରତୀୟମାନେ କ୍ଷୁବ୍ଧ ହୋଇଛନ୍ତି। ଭାରତୀୟମାନେ ସେଠାକୁ ଛୁଟି କଟାଇବାକୁ ଯିବା ଯୋଜନାକୁ ବାତିଲ କରିଦେଇଛନ୍ତି। ଗୁରୁବାର ଭାରତ ସରକାର ତୁର୍କୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସର୍ଭିସ୍ ପ୍ରୋଭାଇଡର କମ୍ପାନୀ ସେଲେବି ଆଭିଏଶନର ସିକ୍ୟୁରିଟି ☞ପୃଷ୍ଠା-୪

## ସଂକ୍ଷେପରେ

### ଭାରତର ଜିଡିପି ଅଭିବୃଦ୍ଧି ୬.୩%କୁ କମାଇଲା ଜାତିସଂଘ

ନୂଆଦିଲ୍ଲୀ,୧୬।୫

୨୦୨୫ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ପାଇ ୬.୩ ପ୍ରତିଶତ ରହିବ ବୋଲି ଜାତିସଂଘ ପୂର୍ବାନୁମାନ କରିଛି। ଭାରତ ଅନ୍ୟତମ ଦ୍ରୁତତମ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ହୋଇ ରହିବ ବୋଲି ଜାତିସଂଘର 'ଦି ୱାର୍ଲ୍ଡ ଇକୋନୋମିକ୍ ସିଚୁଏଶନ ଆଣ୍ଡ ପ୍ରସ୍ପେକ୍ଟସ୍ ଆଜ୍ ଅଫ୍ ମିଡ୍-୨୦୨୫' ରିପୋର୍ଟରେ କୁହାଯାଇଛି। ଅଧିକ ଘରୋଇ ବ୍ୟବହାର ଏବଂ ସରକାରୀ ବିନିଯୋଗ ଯୋଗୁ ଦେଶର ଅର୍ଥନୀତି ଦ୍ରୁତ ଅଭିବୃଦ୍ଧିଶୀଳ ରହିବ। ରିପୋର୍ଟରେ କୁହାଯାଇଛି, ବାଣିଜ୍ୟିକ ଉତ୍ତେଜନା ଏବଂ ନୀତିଗତ ଅନିଶ୍ଚିତତା ଯୋଗୁ ବିଶ୍ୱ ଅର୍ଥନୀତି ଏକ ଅନିଶ୍ଚିତ ମୋଡ଼ରେ ପହଞ୍ଚିଛି। ଆମେରିକା ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଟାରିଫ୍ ବଢ଼ାଇବାକୁ ନିଷ୍ପତ୍ତି ନେଇଥିବାରୁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି ହେବାକୁ ଯାଉଛି। ସୂଚନାଯୋଗ୍ୟ, ଗତ ଜାନୁଆରୀରେ ପ୍ରକାଶିତ ଜାତିସଂଘର ବିଶ୍ୱ ଅର୍ଥନୈତିକ ସ୍ଥିତି ଓ ସମ୍ଭାବନା, ୨୦୨୫ ରିପୋର୍ଟରେ ଭାରତର ଅଭିବୃଦ୍ଧି ହାର ୬.୬ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ୨୦୨୬ରେ ଜିଡିପି ଅଭିବୃଦ୍ଧି ୬.୪% ହେବା ନେଇ ଆକଳନ କରାଯାଇଛି।

### ଏନ୍ଏଲ୍ୟୁରେ ପ୍ରଫେସର ହେଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୧୬।୫

ଦିଲ୍ଲୀସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍ଏଲ୍ୟୁ) ପକ୍ଷରୁ ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଡି. ୱାଇ ଚନ୍ଦ୍ରଚୂଡ଼ଙ୍କୁ ଶୁକ୍ରବାର ବିଶିଷ୍ଟ ପ୍ରଫେସର ଭାବେ ନିଯୁକ୍ତ କରାଯାଇଛି। ସେହିପରି ଏନ୍ଏଲ୍ୟୁ ପକ୍ଷରୁ ଦିଲ୍ଲୀରେ ଏକ ସମ୍ବିଧାନ ଅଧ୍ୟୟନ କେନ୍ଦ୍ରର ସ୍ଥାପନ କରାଯିବ, ଯାହାର ଗବେଷଣା ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ କରାଯିବ। ଏନ୍ଏଲ୍ୟୁର ଭାଇସ୍ ଚ୍ୟାନ୍ସେଲର ପ୍ରଫେସର ଜି. ଏସ୍ ବାଜପେୟୀ କହିଛନ୍ତି, ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ସ୍ୱାଗତ କରି ବିଶ୍ୱବିଦ୍ୟାଳୟ ଅତ୍ୟନ୍ତ ସମ୍ମାନିତ ଅନୁଭବ କରୁଛି।


ଡି. ୱାଇ ଚନ୍ଦ୍ରଚୂଡ଼

# ଅପରେଶନ ସିନ୍ଦୂର କେବଳ ଟ୍ରେଲର ଥିଲା


ଗୁଜରାଟର ଭୁଜ୍ସ୍ଥିତ ବାୟୁସେନା ଏୟାର ଷ୍ଟେଶନରେ ସେନା ଯବାନଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ଭୁଜ୍, ୧୬।୫

**ଆବଶ୍ୟକ ହେଲେ ପୂରା ସିନେମା ଦେଖାଇବୁ: ରାଜନାଥ**

ଗୁଜରାଟର ଭୁଜ୍ ବାୟୁସେନା ଷ୍ଟେଶନରେ ବାୟୁବୀରମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଅପରେଶନ ସିନ୍ଦୂରରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ବ୍ୟବହାର ପାକିସ୍ତାନକୁ ଅନ୍ଧକାର ରାତିରେ ଦିନର ଆଲୋକ ଦେଖାଇଥିଲା। ଇସ୍‌ଲାମାବାଦକୁ ଏକ ସ୍ପଷ୍ଟ ଓ ଦୃଢ଼ ବାର୍ତ୍ତା ଦେଇ ସେ କହିଛନ୍ତି, ବର୍ତ୍ତମାନର ଅସ୍ତ୍ରବିରତି ଅର୍ଥ ଏହି ଅପରେଶନ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ। ପାକିସ୍ତାନକୁ ଏହାର ଆଚରଣ ଆଧାରରେ ଭାରତ ପ୍ରୋବେଶନ୍‌ରେ ରଖିଛି। ଯଦି ଉକ୍ତ ଆଚରଣରେ ଉନ୍ନତି ଆସେ ତେବେ ଭଲ, ନଚେତ୍ କୌଣସି ଅଶାନ୍ତି ଦେଖାଦେଲେ କଠୋରତମ ଦଣ୍ଡ ଦିଆଯିବ। ଆମ କାର୍ଯ୍ୟାନୁଷ୍ଠାନ କେବଳ ଏକ ଟ୍ରେଲର ଥିଲା। ଯଦି ଆବଶ୍ୟକ ପଡ଼େ, ତେବେ ପୂରା ସିନେମା ଦେଖାଇବୁ ବୋଲି ରାଜନାଥ କହିଛନ୍ତି। ଆକ୍ରମଣ କରି ଆତଙ୍କବାଦର ମୂଳୋତ୍ପାଟନ କରିବା ନୂଆ ଭାରତର ନୂଆ ନୀତି ବୋଲି ସେ କହିଛନ୍ତି।

ପାକିସ୍ତାନୀ ଆତଙ୍କବାଦୀ ଗତ ମାସ ୨୨ରେ ପହଲଗାମ୍‌ରେ ଆକ୍ରମଣ କରି ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଭାରତୀୟ ସେନା ଏହାର ବଦଲା ନେବାକୁ ଯାଇ ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଭାରତୀୟ ସେନା ଆକ୍ରମଣରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ୯ଟି ସ୍ଥାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା। ଏହାର ଜବାବରେ ପାକିସ୍ତାନ ଭାରତର ଜନବସତି ଅଞ୍ଚଳ ଓ ସାମରିକ ଘାଟିକୁ ଟାର୍ଗେଟ କରିଥିଲା। ଭାରତ ଏହାର ୮ଟି ଏୟାରବେସ୍‌କୁ ଧ୍ୱଂସ କରିଦେବାରୁ ୧୦ ତାରିଖରେ ଦୁଇ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ବୁଝାମଣା ହୋଇଥିଲା। ଭାରତର ଆକ୍ରମଣରେ ଧ୍ୱଂସ ହୋଇଥିବା ଆତଙ୍କବାଦ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ପାକିସ୍ତାନ ଉଦ୍ୟମ ଆରମ୍ଭ କରିବା ସହ ଜୈଶ-ଇ-ମହମ୍ମଦ ମୁଖ୍ୟ ମାସୁଦ୍ ଅଜହରଙ୍କୁ ୧୪ କୋଟି ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛି।

### ପାକିସ୍ତାନକୁ ଆର୍ଥିକ ସହାୟତାର ପୁନର୍ବିଚାର କରୁ ଆଇଏମ୍ଏଫ୍

ପାକିସ୍ତାନ ହାତରେ ଆଣବିକ ଅସ୍ତ୍ର ସୁରକ୍ଷିତ ନୁହେଁ ଦର୍ଶାଇ ସେଗୁଡ଼ିକୁ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ତତ୍ତ୍ୱାବଧାନରେ ରଖାଯିବା ଲାଗି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ଆହ୍ୱାନ ଦେଇଥିଲେ। ଶୁକ୍ରବାର ସେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)କୁ ପାକିସ୍ତାନକୁ ଦିଆଯାଇଥିବା ଆର୍ଥିକ ସହାୟତାର ପୁନର୍ବିଚାର କରିବାକୁ ନିବେଦନ କରିଛନ୍ତି। ଗୁଜରାଟର ଭୁଜ୍‌ରେ ଭାରତୀୟ ବାୟୁସେନା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ରାଜନାଥ କହିଛନ୍ତି, ପାକିସ୍ତାନ ନିଜ ନାଗରିକଙ୍କଠାରୁ ସଂଗ୍ରହ କରିଥିବା ଟିକସରୁ ୧୪ କୋଟି ଟଙ୍କା ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟ ମାସୁଦ ଅଜହରଙ୍କୁ ଦେବାକୁ ଯାଉଛି। ଆଇଏମ୍ଏଫ୍‌ରୁ ପାକିସ୍ତାନ ପାଇଥିବା ପାଣ୍ଠିରୁ ଅଧିକାଂଶ ଭାଗ ଦେଶର ଆତଙ୍କବାଦ ଭିତ୍ତିଭୂମି ପାଇଁ ଖର୍ଚ୍ଚ ହେବ ବୋଲି ସେ ବିଶ୍ୱାସ କରୁଛନ୍ତି। ପାକିସ୍ତାନକୁ ଯେକୌଣସି ପ୍ରକାର ଆର୍ଥିକ ସହାୟତା ଆତଙ୍କବାଦକୁ ପାଣ୍ଠି ଯୋଗାଣଠାରୁ କୌଣସିମତେ କମ୍ ନୁହେଁ। ତେଣୁ ଆଇଏମ୍ଏଫ୍ ଏହି ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ।

ଆଇଏମ୍ଏଫ୍ ୭ ବିଲିୟନ ଡଲାର ବର୍ଦ୍ଧିତ ପାଣ୍ଠି ସହାୟତା ଋଣ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଗତ ୯ ତାରିଖରେ ପାକିସ୍ତାନକୁ ୧ ବିଲିୟନ ଡଲାର ମଞ୍ଜୁର କରିଥିଲା। ଏହା ବ୍ୟତୀତ ଆଇଏମ୍ଏଫ୍ ଏହାର ଆର୍‌ଏସ୍‌ଏଫ୍ ସହାୟତା ଯୋଜନାରେ ପାକିସ୍ତାନକୁ ୧.୩ ବିଲିୟନ ଡଲାର ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିଲା। ଏହି ଅର୍ଥ ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦକୁ ପାଣ୍ଠି ଯୋଗାଣରେ ଦୁରୁପଯୋଗ ହୋଇପାରେ କହି ଭାରତ ଗତ ୯ ତାରିଖରେ ଅନୁଷ୍ଠିତ ବୈଠକରେ ଭୋଟଦାନରୁ ଦୂରେଇ ରହିଥିଲା।

### ଇସ୍ରାଏଲ ଆକ୍ରମଣରେ ଗାଜାରେ ୯୩ ମୃତ

ଡେର୍ ଅଲ୍ ବଲାହ, ୧୬।୫

ଗାଜାରେ ଇସ୍ରାଏଲର ଏୟାରଷ୍ଟ୍ରାଇକରେ ଶୁକ୍ରବାର ୯୩ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଗାଜା ଉପକଣ୍ଠସ୍ଥିତ ଡେର୍ ଅଲ୍ ବଲାହ ଏବଂ ଦକ୍ଷିଣ ଗାଜାର ଖାନ୍ ୟୁନିସ୍ ସହରକୁ ଟାର୍ଗେଟ କରି ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏହି ଏୟାର ଷ୍ଟ୍ରାଇକରେ ଶତାଧିକ ଆହତ ହୋଇଛନ୍ତି। ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ମଧ୍ୟ ପ୍ରାଚ୍ୟ ଗସ୍ତ ସାରି ଆମେରିକା ଫେରୁଥିବା ବେଳେ ଇସ୍ରାଏଲ ପକ୍ଷରୁ ପୁଣିଥରେ ଗାଜାରେ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଟ୍ରମ୍ପ୍ ନିଜ ମଧ୍ୟପ୍ରାଚ୍ୟ ଗସ୍ତରେ ବିଭିନ୍ନ ଗଲ୍ଫ ଦେଶ ଯାଇଥିବାବେଳେ ଇସ୍ରାଏଲକୁ ଯାଇ ନ ଥିଲେ। ନିଜ ମଧ୍ୟପ୍ରାଚ୍ୟ ଗସ୍ତର ଶେଷ ଦିନରେ ଟ୍ରମ୍ପ୍ ଆବୁଧାବୀର ଆୟୋଜିତ ବିଜନେସ୍ ଫୋରମରେ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଗାଜା ସମେତ ବିଭିନ୍ନ ବୈଶ୍ୱିକ ସଙ୍କଟର ସମାଧାନ ପାଇଁ ତାଙ୍କର ପ୍ରୟାସ ଜାରି ରହିବ। ଗାଜାରେ ଲୋକମାନେ ଭୋକ, ଉପାସରେ ଏବଂ ଦୁଃଖ ଦୁର୍ଦ୍ଦଶାରେ ରହୁଛନ୍ତି। ଏହାର ଯତ୍ନ ନେବାକୁ ପଡ଼ିବ। ତେବେ ଏହି ଏୟାର ଷ୍ଟ୍ରାଇକ୍ ନେଇ ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି, ହମାସର ଆତଙ୍କବାଦୀମାନଙ୍କ ବିରୋଧରେ ଇସ୍ରାଏଲୀ ସେନା ନିଜର ଅପରେଶନକୁ ଶୁକ୍ରବାର ମଧ୍ୟ ଜାରି ରଖିଛି। ବିଗତ କିଛି ଦିନ ମଧ୍ୟରେ ଏହା ହମାସ୍‌ର ଆଣ୍ଟି ଟ୍ୟାଙ୍କ୍ ମିଶାଇଲ ପୋଷ୍ଟ ସମେତ ୧୫୦ରୁ ଅଧିକ ଠିକଣାକୁ ଧ୍ୱସ୍ତ କରିଛି।

### ରୁଷିଆ, ୟୁକ୍ରେନ୍ ମଧ୍ୟରେ ପ୍ରଥମ ଶାନ୍ତି ଆଲୋଚନା

ଇସ୍ତାନବୁଲ୍, ୧୬।୫

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ୨ ଦେଶର ପ୍ରତିନିଧି ତୁର୍କୀ ରାଜଧାନୀ ଇସ୍ତାନବୁଲ୍‌ରେ ଶୁକ୍ରବାର ପ୍ରଥମଥର ପାଇଁ ପ୍ରତ୍ୟକ୍ଷ ଶାନ୍ତି ଆଲୋଚନାରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଲାଗିରହିଥିବା ଏହି ସବୁଠୁ ମରଣାନ୍ତକ ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାପ ପକାଇ ଆସୁଛନ୍ତି। ବୋସ୍‌ଫୋରସ୍‌ର ଡୋଲ୍‌ମାବାଚେ ପ୍ୟାଲେସ୍‌ରେ ଅନୁଷ୍ଠିତ ଏହି ବୈଠକରେ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହାକନ ଫିଦାନ ଓ ଅନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ୨୦୨୨ ମାର୍ଚ୍ଚରୁ ଦୁଇ ଦେଶର ନେତା ଏକାଠି ସାମ୍‌ନାସାମ୍‌ନି ହୋଇ ନ ଥିଲେ। ଶୁକ୍ରବାରର ବୈଠକ ୨ ଆକ୍ରମଣକାରୀ ଦେଶ ମଧ୍ୟରେ କୂଟନୈତିକ ଅଗ୍ରଗତିର ବିରଳ ସଙ୍କେତ ଦେଉଛି। ଆଲୋଚନାରେ ଯୁଦ୍ଧ ବନ୍ଦ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ପତ୍ତି ହୋଇପାରେ ବୋଲି ଆଶା କରାଯାଉଛି।


ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କ ମଧ୍ୟପ୍ରାଚ୍ୟ ଗସ୍ତ ଶେଷ କରି ୱାଶିଂଟନ ଫେରିଥିବାବେଳେ ସେ ଖୁବ୍‌ଶୀଘ୍ର ରୁଷିଆ ନେତାଙ୍କୁ ଭେଟିବେ ବୋଲି ଶୁକ୍ରବାର କହିଛନ୍ତି। ୟୁକ୍ରେନ୍ ତୁରନ୍ତ ଯୁଦ୍ଧବିରତି ଚାହୁଁଛି। ମସ୍କୋ ୩୦ ଦିନିଆ ଅସ୍ତ୍ରବିରତି ପାଇଁ ରାଜି ହେବା ସହ ଯୁଦ୍ଧବନ୍ଦୀଙ୍କ ବଦଳରେ ୟୁକ୍ରେନ୍‌ରୁ ଅପହୃତ ପିଲାମାନଙ୍କୁ ଫେରାଇଦେଲେ ଶାନ୍ତି ଫେରିବା ସମ୍ଭବ ବୋଲି ଏହାର ପ୍ରତିନିଧି କହିଛନ୍ତି। ଅନ୍ୟପକ୍ଷରେ ରୁଷିଆ କୂଟନୈତିକ ପଦକ୍ଷେପ ଜରିଆରେ ଯୁଦ୍ଧ ବନ୍ଦ ଚାହୁଁଥିବା ଓ ଅସ୍ତ୍ରବିରତି ପାଇଁ ରାଜି ଥିବା କହିଛି।

### '୮୬ ୪୭'କୁ ନେଇ ଆମେରିକାରେ ହଇଚଇ

**ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ)ର ପୂର୍ବତନ ନିର୍ଦ୍ଦେଶକ ଜେମ୍ସ କୋମେ ଶୁକ୍ରବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି '୮୬ ୪୭' ଉଲ୍ଲେଖ କରିଥିଲେ। ଆମେରିକାରେ ୮୬ର ଅର୍ଥ ହେଉଛି ଜଣଙ୍କୁ ହଟାଇବା କିମ୍ବା ହତ୍ୟା କରିବା। ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ହୋଇଥିବାରୁ ତାଙ୍କ ପ୍ରଶାସନ ଓ ସମର୍ଥକମାନେ ଉକ୍ତ ପୋଷ୍ଟକୁ ନେଇ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ୍ ନିଜ ପ୍ରଥମ ପାଳିରେ କୋମେଙ୍କୁ ଏଫ୍‌ବିଆଇ ନିର୍ଦ୍ଦେଶକ ପଦରୁ ହଟାଇଥିବାରୁ ସେ ରାଷ୍ଟ୍ରପତିଙ୍କୁ ହଟାଇବା କିମ୍ବା ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଅନେକେ ସନ୍ଦେହ କରୁଛନ୍ତି। ସିକ୍ରେଟ୍ ସର୍ଭିସ ଏବଂ ଏଫ୍‌ବିଆଇ ପକ୍ଷରୁ ଏନେଇ କୋମେଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ବିବାଦ ସୃଷ୍ଟି ହେବା ପରେ କୋମେ ଉକ୍ତ ପୋଷ୍ଟକୁ ଡିଲିଟ୍ କରିବା ସହ ଏହି ନମ୍ବର ହିଂସା ସହ ସମ୍ପର୍କିତ ବୋଲି ସେ ଅବଗତ ନ ଥିବା ସଫେଇ ଦେଇଛନ୍ତି।**

**ଏଫ୍‌ବିଆଇ ପୂର୍ବତନ ନିର୍ଦ୍ଦେଶକଙ୍କ ପୋଷ୍ଟକୁ ଟ୍ରମ୍ପ୍‌ଙ୍କ ପ୍ରତି ବିପଦ ରୂପେ ଦେଖାଯାଉଛି**


ଜେମ୍ସ କୋମେ



ୱାଶିଂଟନ୍, ୧୬।୫

ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ପୂର୍ବତନ ଡାଇରେକ୍ଟର ଜେମ୍ସ କୋମେଙ୍କ ଏକ ରହସ୍ୟମୟ ଇନ୍‌ଷ୍ଟାଗ୍ରାମ ପୋଷ୍ଟକୁ ନେଇ ବିବାଦ ଦେଖାଦେଇଛି। ଏକ ସମୁଦ୍ର ବେଳାଭୂମିରେ '୮୬ ୪୭' ଲେଖାଯାଇଥିବା ସଂଖ୍ୟାର ଫଟୋକୁ କୋମେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ସାଧାରଣତଃ ଆମେରିକାରେ ୮୬ ଶବ୍ଦର ବ୍ୟବହାର କୌଣସି ବ୍ୟକ୍ତିଙ୍କୁ ତାଙ୍କ ପଦରୁ ବିତାଡ଼ିତ କରିବା କିମ୍ବା କୌଣସି ବ୍ୟକ୍ତିଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରାଯାଇଥାଏ। ସେହିପରି ଟ୍ରମ୍ପ୍ ହେଉଛନ୍ତି ଆମେରିକାର ୪୭ତମ ରାଷ୍ଟ୍ରପତି। ତେଣୁ ଏହି ରହସ୍ୟଜନକ ପୋଷ୍ଟ ଟ୍ରମ୍ପ୍‌ଙ୍କୁ ଗାଦିଚ୍ୟୁତ କରିବା କିମ୍ବା ତାଙ୍କୁ ହତ୍ୟା ପାଇଁ କୌଣସି ଷଡ଼ଯନ୍ତ୍ରକୁ ଦର୍ଶାଉଥିବା ଅଭିଯୋଗ ଆଣି ଏହାର ତଦନ୍ତ ପାଇଁ ଟ୍ରମ୍ପ୍‌ଙ୍କ ସମର୍ଥକମାନେ ଦାବି କରିଛନ୍ତି।

ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ନିଜ ପ୍ରଥମ କାର୍ଯ୍ୟକାଳରେ କୋମେଙ୍କୁ ଏଫ୍‌ବିଆଇ ଡାଇରେକ୍ଟର ପଦରୁ ବହିଷ୍କାର କରିଥିବାରୁ ସେ ଏହାର ପ୍ରତିଶୋଧ ସ୍ୱରୂପ ଟ୍ରମ୍ପ୍‌ଙ୍କ ହତ୍ୟାର ଷଡ଼ଯନ୍ତ୍ର ରଚୁଥିବା ସେମାନେ କହିଛନ୍ତି। ଟ୍ରମ୍ପ୍‌ଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ୟୁଏସ୍ ସିକ୍ରେଟ ସର୍ଭିସ୍ କୋମେଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି। ବିବାଦ ବଢ଼ିବା ପରେ କୋମେ ନିଜର ଏହି ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି।

### ଆତଙ୍କବାଦ ବିରୋଧରେ ବୈଶ୍ୱିକ ସମର୍ଥନ ହାସଲ ଉଦ୍ୟମ

ନୂଆଦିଲ୍ଲୀ, ୧୬।୫

**ବିଦେଶକୁ ବହୁଦଳୀୟ ପ୍ରତିନିଧି ପଠାଇବ ଭାରତ**

ଆତଙ୍କବାଦ ବିରୋଧରେ ସାମରିକ ଅଭିଯାନ ଅପରେଶନ ସିନ୍ଦୂର ପରେ ଏକ ବଡ଼ କୂଟନୈତିକ ଆକ୍ରମଣସ୍ୱରୂପ କେନ୍ଦ୍ର ସରକାର ବିଶ୍ୱ ମଞ୍ଚରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ପଦାରେ ପକାଇବା ପାଇଁ ଆସନ୍ତା ସପ୍ତାହରୁ ବିଭିନ୍ନ ଦେଶକୁ ଏକାଧିକ ସର୍ବଦଳୀୟ ପ୍ରତିନିଧି ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ବିରୋଧରେ ଭାରତର ଆଭିମୁଖ୍ୟକୁ ବିଶ୍ୱ ନିକଟରେ ଉପସ୍ଥାପନ କରିବା ଏହି କୂଟନୈତିକ ଅଭିଯାନର ଲକ୍ଷ୍ୟ। ଏଥିରେ ଶାସକ ଓ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ସାମିଲ ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ଦଳ ସମର୍ଥନ ଜଣାଇବା ସହ ନିଜ ଦଳର ସଦସ୍ୟଙ୍କୁ ପଠାଇବାକୁ ସହମତ ହୋଇଛନ୍ତି। ସେମାନେ ୧୦ ଦିନ ପାଇଁ ବିଭିନ୍ନ ଦେଶ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ପ୍ରତିନିଧି ଦଳରେ ଭାଜପାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଓଡ଼ିଶାର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କଂଗ୍ରେସରୁ ଶଶୀ ଥରୁର, ମନୀଷ ତିୱାରୀ, ସଲ୍‌ମାନ ଖୁର୍ଶିଦ ଏବଂ ଅମର ସିଂ, ଟିଏମ୍‌ସିରୁ ସୁଦୀପ ବନ୍ଦୋପାଧ୍ୟାୟ, ଡିଏମ୍‌କେରୁ କାନିମୋଝି, ବିଜେଡିରୁ ସସ୍ମିତ୍ ପାତ୍ର ପ୍ରମୁଖ ସାମିଲ ହେବେ ବୋଲି ଜଣାପଡ଼ିଛି।

### ଡିଜିଟାଲ ପରିବର୍ତ୍ତନରେ ଲିଙ୍ଗଗତ ଏକତା ଜରୁରୀ



**ଆଜି ବିଶ୍ୱ ଟେଲି କମ୍ୟୁନିକେଶନ ଦିବସ**

ଦିନ ଥିଲା ଯୋଗାଯୋଗର ପ୍ରମୁଖ ମାଧ୍ୟମ ଥିଲା ଚିଠି। ଏବେ କିନ୍ତୁ ସମଗ୍ର ପୃଥିବୀ ସତେଯେମିତି ଯୋଗାଯୋଗ କ୍ଷେତ୍ରରେ ସଙ୍କୁଚିତ ହୋଇଯାଇଛି। ମୋବାଇଲ୍, ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ଇଲେକଟ୍ରୋନିକ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। କୌଣସି ବିଷୟରେ ଜାଣିବାକୁ ହେଲେ ମୋବାଇଲରୁ ନିମିଷକ ମଧ୍ୟରେ ତଥ୍ୟ ମିଳିପାରୁଛି। ବର୍ତ୍ତମାନ ସମଗ୍ର ଦୁନିଆକୁ ଯଦି ଆମେ ଡିଜିଟାଲ ଦୁନିଆ କହିବା ତାହେଲେ ଟିକିଏ ହେଲେ ଭୁଲ୍ ହେବ ନାହିଁ। ଦିନକୁ ଦିନ ବିଭିନ୍ନ ପ୍ରକାର ନୂଆ ଡିଜିଟାଲ ଟେକ୍ନୋଲୋଜିର ଉଦ୍ଭାବନ ହେଉଛି। ଟଙ୍କା ଦିଆନିଆରେ ଡିଜିଟାଲ ସିଷ୍ଟମର ବ୍ୟବହାର ସୁଦୂରପ୍ରସାରୀ ହୋଇସାରିଲାଣି। ତେଣୁ ଯୋଗାଯୋଗ ଏବଂ ମନୁଷ୍ୟ ଜୀବନରେ ବିଭିନ୍ନ କ୍ଷେତ୍ରରେ ଟେଲିକମ୍ୟୁନିକେଶନର ବ୍ୟବହାର ବିଷୟରେ ଜନସାଧାରଣଙ୍କୁ ଆହୁରି ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୭ ତାରିଖରେ ପାଳିତ ହୋଇଆସୁଅଛି 'ବିଶ୍ୱ ଟେଲିକମ୍ୟୁନିକେଶନ ଦିବସ'। ବିଶ୍ୱସ୍ତରରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ନୂଆ ଡିଜିଟାଲ ଡିଭାଇସ୍ ବିଷୟରେ ଆମେ ସମସ୍ତେ ବିଶଦ ଭାବରେ ଜାଣିପାରିଲେ ତାହା ଜନକଲ୍ୟାଣ ଦିଗରେ ଆହୁରି ସହାୟକ ହୋଇପାରିବ। ଏହି ଦିବସଟି ମଧ୍ୟ 'ୱାର୍ଲ୍ଡ ଟେଲିକମ୍ୟୁନିକେଶନ ଆଣ୍ଡ ଇନ୍‌ଫରମେଶନ ସୋସାଇଟି ଡେ' ଭାବେ ପରିଚିତ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ଡିଜିଟାଲ ପରିବର୍ତ୍ତନରେ ଲିଙ୍ଗଗତ ଏକତା କାହିଁକି ଜରୁରୀ'' (Why gender equality in digital transformation matter.) ୧୮୬୫ ମେ' ୧୭ରେ ପ୍ୟାରିସରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟେଲିଗ୍ରାଫ ସମ୍ମିଳନୀରେ ଏହି ଦିବସର ମୂଳଦୁଆ ପଡିଥିଲା। ଏଥିରେ ଏକ ଅନ୍ତର୍ଜାତୀୟ ଟେଲିକମ୍ୟୁନିକେଶନ ୟୁନିୟନ ଗଠନ କରିବାକୁ ସହମତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୧୯୬୯ରୁ ପ୍ରତିବର୍ଷ ମେ' ୧୭ରେ ଏହି ଦିବସ ନିୟମିତ ପାଳନ କରାଯାଇଆସୁଅଛି।





Reliance
Growth is Life
Jio Mart
ଉଭୟ ସମୟ ଏବଂ ଟଙ୍କା ର ବଚତ୍
Quick ମାଗଣା ହୋମ୍ ଡେଲିଭରୀ
ଲୋ ପ୍ରାଇସ୍ ଗ୍ୟାରେଣ୍ଟୀ
0 ଜିରୋ ଏକ୍ସଟ୍ରା ଚାର୍ଜ
Quick
Scheduled
Biscuits, Drink & Packaged Foods
Ice Cream & Frozen
Chips & Namkeens
Biscuits & Cookies
Chocolates &...
Indian Sweets
Drinks & Juices
Breakfast Cereals
Noodles, Pasta &...
Ready To Cook &...
Spread, sauces ...
Pickles, Chutney...
Tea & Coffee
ଆପ୍ ଡାଉନଲୋଡ୍ କରନ୍ତୁ JioMart
ବର୍ତ୍ତମାନ ଆପ୍ ଡାଉନଲୋଡ କରନ୍ତୁ
ପିଆଜ 1 kg
ବଜାର ମୂଲ୍ୟ ₹ 26
ଜିଓମାର୍ଟ ପ୍ରାଇସ୍ ₹ 23
ଆମ୍ବ ବାଇଗଣ ପଲି 1 kg
ବଜାର ମୂଲ୍ୟ ₹ 100
ଜିଓମାର୍ଟ ପ୍ରାଇସ୍ ₹ 79
ଆମ୍ବ ଦୁଶେରୀ 1 kg
ବଜାର ମୂଲ୍ୟ ₹ 120
ଜିଓମାର୍ଟ ପ୍ରାଇସ୍ ₹ 89
କ୍ୱାଲିଟୀ ୱାଲ୍ସ ପାର୍ଟି ଟବ୍ସ 500 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹ 125 ତେଣିକି
ସର୍ବନିମ୍ନ 33% ଛାଡ଼
ଥଣ୍ଡା ପାନୀୟ 750 ml / ଜୁସ 600 ml (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 40 ତେଣିକି
ଫ୍ଲାଟ୍ 25% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 30 ତେଣିକି
ବିସ୍କୁଟ୍ 230 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 145 ତେଣିକି
ଫ୍ଲାଟ୍ 33% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 97 ତେଣିକି
ଟାଟା ଟୀ ପ୍ରିମିଅ ମ୍ ଡଷ୍ଟ 500 g
MRP ₹ 200 ତେଣିକି
ସଞ୍ଚନ୍ତୁ ₹ 40
ଜିଓମାର୍ଟ ପ୍ରାଇସ୍ ₹ 160 ତେଣିକି
ସନ୍‌ଫିଷ୍ଟ୍ ୟିପୀ / ଟପ୍ ରାମେନ୍ / ମ୍ୟାଗି ଭେଜ୍ ଅଟା ନୁଡୁଲ 290 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 88 ତେଣିକି
ଫ୍ଲାଟ୍ 33% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 59 ତେଣିକି
ଉତ୍କଳ କାସପର ଜୀରା ରାଇସ 10 kg
MRP ₹ 672
ଜିଓମାର୍ଟ ପ୍ରାଇସ୍ ₹ 545
₹ 54.50 / kg
ସଞ୍ଚନ୍ତୁ ₹ 127
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg
MRP ₹ 278
ଜିଓମାର୍ଟ ପ୍ରାଇସ୍ ₹ 245
ସଞ୍ଚନ୍ତୁ ₹ 33
ଫ୍ରୀଡମ୍ ରିଫାଇନ୍ଡ ସନଫ୍ଲାୱର / ଧାରା କଚ୍ଚି ଘାନୀ ସୋରିଷ ତେଲ 1 L
MRP ₹ 178 / ₹ 200
ଜିଓମାର୍ଟ ପ୍ରାଇସ୍ ₹ 149/ ₹ 153
ସଞ୍ଚନ୍ତୁ ₹ 29 / ₹ 47
ଓମ୍‌ଫେଡ୍ ଘିଅ 1 L
MRP ₹ 720
ଜିଓମାର୍ଟ ପ୍ରାଇସ୍ ₹ 669
ସଞ୍ଚନ୍ତୁ ₹ 51
ସିନ୍ଥଲ / ଡଭ୍ / ଲିରିଲ୍ / ଗୋଦରେଜ୍ ନଂ.1 / ଲକ୍ସ / ପେଅର୍ସ ସୋପ୍ 125 g ତେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 175 ତେଣିକି
ସର୍ବନିମ୍ନ 33% ଛାଡ଼
ବ୍ୟୁଟି ରେଞ୍ଜ 0.35 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 100 ତେଣିକି
ଫ୍ଲାଟ୍ 50% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 50 ତେଣିକି
ଟାଇଡ୍ 6 kg + 2 kg / ସର୍ଫ ଏକ୍ସେଲ୍ ଡିଟରଜେଣ୍ଟ ପାଉଡର୍ 7 kg / ଏରିଏଲ / ସର୍ଫ ଏକ୍ସେଲ୍ ମ୍ୟାଟିକ୍ ଲିକ୍ୱିଡ୍ 4 L (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹ 795 ତେଣିକି
ଫ୍ଲାଟ୍ 40% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹ 477 ତେଣିକି
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅଫର୍ 18 ମଇ 2025, ନିର୍ଦ୍ଦିଷ୍ଟ ପିନ୍ କୋଡ୍‌ରେ ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଦ୍ୱାଦଶ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟାୟନ ପକ୍ଷରୁ ଗୁରୁଦେବର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଆର୍ଟ ଅଫ ଗିଭିଂ ଦିବସ ପାଳନ, ସ୍ଥାନ: କାଳୀ ମନ୍ଦିର, ଜଳେଶ୍ୱର, ସମୟ: ସକାଳ ୬ଟା ୩୦।
- ହେଲ୍‌ଥ ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ଲାୟନ୍ସ ଆଇ ହସ୍ପିଟାଲ, ଏଡିଏମ୍ ସ୍କୋୟାର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ଅଧିବେଶନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ତୃତୀୟ ଅଧିବେଶନ, ସମୟ: ଅପରାହ୍ନ ୧୨ଟା ୪୫।
- ଚତୁର୍ଥ ଅଧିବେଶନ, ସମୟ: ଅପରାହ୍ନ ୨ଟା ୪୫।
- ଉଦ୍‌ଯାପନୀ ପର୍ବ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ବସନ୍ତ ଉତ୍ସବ-୨୦୨୫ ଉଦ୍‌ଘାଟନୀ ପର୍ବ, ସମୟ: ଅପରାହ୍ନ ୫ଟା।
- ସାପ୍ତାହିକ କବିତା ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, କାଦରାବାଦ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ ପ୍ରାଙ୍ଗଣ, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ପିଡବ୍ଲ୍ୟୁ ମାମଲାର ଶୁଣାଣି, ସ୍ଥାନ: ତହସିଲଦାରଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଆଦର୍ଶ ବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୯ଟା।
- ମୟୂରସେବା ମୋବାଇଲ ଆପ୍‌ର ଶୁଭ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଶିକ୍ଷକ ତାଲିମ ଶିବିର ଉଦଘାଟନ, ସ୍ଥାନ: ଭଞ୍ଜନଗର ସରସତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ ଟା ।
- କିଟ୍ କର୍ମଚାରୀଙ୍କ ପକ୍ଷରୁ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବେଲଗୁଣ୍ଠା ବ୍ଲକ୍ ତନରଦା ଅନାଥ ଆଶ୍ରମ, ସମୟ: ସକାଳ ୯ ଟା।

## ଢେଙ୍କାନାଳ
ଜିଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାଜିଚୌକ, ଢେଙ୍କାନାଳ, ସମୟ: ଅପରାହ୍ନ ସାଢେ ୪ଟା।

## କେନ୍ଦ୍ରାପଡ଼ା
- ଆର୍ଟ ଅଫ ଗିଭିଙ୍ଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପ, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୧୦ଟା।

## ଯାଜପୁର
- ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ କଳସ ଯାତ୍ରା, ସ୍ଥାନ: ଓଡ଼ଗାଁ ବ୍ଲକର ଆମ୍ବରାପୁର, ସମୟ: ସକାଳ ୧୦ ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୮ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଚନ୍ଦନଯାତ୍ରାର ୧୮ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୮ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୮ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୮ତମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୮ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଅଗ୍ରଣୀ ଶିକ୍ଷକ ନେତା ସ୍ୱର୍ଗତ ସୁନୀଲ କୁମାର ଦାସଙ୍କ ଜୟନ୍ତୀ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀ ନିବାସ ନଗର, ଗୁଣୁପୁର, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମନିଟରିଂ କମିଟି ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନେଇ ତୃତୀୟ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ:ଅପରାହ୍ନ ୪ଟା ୩୦।
- ପିଏମ୍ ବିଶ୍ୱକର୍ମା ଯୋଜନା ନେଇ ଜିଲା ସ୍କ୍ରିନିଂ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୬ଟା ।
- ସାଓଲିନ କୁଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ସ୍ୱଧର୍ମ ସ୍ୱଭାବ ଓ ସ୍ୱଦେଶ ଶୀର୍ଷକ ଆଲୋଚନା ଚକ୍ର, ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା ।

## ରାଉରକେଲା
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ନେତୃତ୍ୱରେ ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ରାଉରକେଲା, ସମୟ: ସକାଳ ୯ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା।
- ହାପି ମୁମେଣ୍ଟ ପକ୍ଷରୁ ଶିଶୁ ମହୋତ୍ସବ ଆରମ୍ଭ, ସ୍ଥାନ: ଭଞ୍ଜଭବନ ପରିସର, ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ପୁରୁଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୋବିନ୍ଦପୁର, ବରଗଡ଼,ସମୟ:ସକାଳ ୮ଟା।

## କଳାହାଣ୍ଡି
- ଦାଦଶ ଆର୍ଟ ଅଫ ଗିଭିଂ ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ:ଅପରାହ୍ନ ୫ଟା।
- ଜିଲା ମୁଖ୍ୟ ଚିକିତ୍ସାଳୟରେ ପିସିପିଏନ ଡିଟି ସମୀକ୍ଷା ବୈଠକ,ସ୍ଥାନ: ଭବାନୀପାଟଣା, ଜିଲା ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା, ସମୟ: ସକାଳ ୬ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ନିର୍ବାଚନ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ:କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ପ୍ରାତଃ ୪ଟା ୩୦।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ଫଳ ପ୍ରକାଶ

**କଟକ,୧୬।୫(କାର୍ତ୍ତିକ ସାହୁ)** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୪ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡର ୱେବ୍‌ସାଇଟ୍ www.bseodisha.ac.in-ରୁ ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଏହି ପରୀକ୍ଷାର ଷ୍ଟେଜ-୧ ଓ ଷ୍ଟେଜ-୨ରେ ମୋଟ ୯୪,୩୩୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମଗ୍ର ରାଜ୍ୟର ୫୫୩ଟି କେନ୍ଦ୍ରରେ ୨୦୨୫ ଏପ୍ରିଲ ୯ରେ ପରୀକ୍ଷା ହୋଇଥିଲା।

# ରାମହରି ଦାସଙ୍କୁ 'ଗୁରୁ ବନମାଳୀ ମହାରଣା ସ୍ମୃତି ସମ୍ମାନ'

**ଭୁବନେଶ୍ୱର, ୧୬।୫ (ସୌମ୍ୟରଞ୍ଜନ ରାଉତ)** ମର୍ଦ୍ଦଳ ଏକାଡେମୀ ଭୁବନେଶର, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଏବଂ ଓଡିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଓଡିଶୀ ମର୍ଦ୍ଦଳ ଗୁରୁ ଡ. ବନମାଳୀ ମହାରାଣାଙ୍କ ୮୪ତମ ସ୍ୱନକ୍ଷତ୍ର ମହୋତ୍ସବ ଶୁକ୍ରବାର ଓଡିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ଉତ୍କଳ ରଙ୍ଗମଞ୍ଚଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ଗୁରୁ ରାମହରି ଦାସଙ୍କୁ 'ଗୁରୁ ଡ଼ ଶ୍ରୀ ବନମାଳୀ ମହାରଣା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ପରେ କଳାକାରଙ୍କ ଦ୍ୱାରା ବାଦ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ସଭାପତି ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସମ୍ପାଦକ ଗୁରୁ ପ୍ରଫୁଲ୍ଲ ମହାରାଜ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫୁଟିଲା ଭାତରେ ଜାଳ,**
**ବୁଢ଼ୀ ବୋଲି କିଆଁ କହୁଛୁ ମତେ,**
**ବାତରେ ପାଚିଲା ବାଳ।**

ମହିଳାମାନେ ସାଧାରଣତଃ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ କରିବା ଲାଗି କୁଣ୍ଠାବୋଧ କରିଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ଜଣକ ନିଜ ବୟସକୁ ଲୁଚାଇ ରଖିବା ନେଇ ମିଛ ବାହାନା ଦେଖାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫଳ ନାହିଁ କି ଫୁଲ ନାହିଁ;**
**କିସ ଲାଭ ସେ ଗଛ ଲଗାଇ।**

ସାଧାରଣତଃ ଯେଉଁ ଗଛରେ ଫୁଲ କି ଫଳ ଧରି ନ ଥାଏ , ସେଭଳି ଗଛକୁ ଲଗାଇବାରେ କିଛି ଲାଭ ମିଳି ନ ଥାଏ। ପରୋକ୍ଷରେ ଗୁଣହୀନ ବ୍ୟକ୍ତିଙ୍କୁ ଆଦର ଅଭ୍ୟର୍ଥନା ଦେଖାଇବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ରକ୍ତଚାପକୁ ନିୟନ୍ତ୍ରଣରେ ରଖି ଦୀର୍ଘାୟୁ ହୁଅନ୍ତୁ

**ଆଜି ବିଶ୍ୱ ହାଇପରଟେନ୍‌ସନ ଦିବସ**



ଆମ ଶରୀରରେ ସମସ୍ତ ଅଙ୍ଗକୁ ତଥା ମସ୍ତିଷ୍କରୁ ପାଦ ପର୍ଯ୍ୟନ୍ତ ଶୁଦ୍ଧ ରକ୍ତ ଧମନୀ ମାଧ୍ୟମରେ ପ୍ରବାହିତ ହୋଇଥାଏ। ହୃତ୍‌ପିଣ୍ଡ ସଙ୍କୁଚିତ ଏବଂ ପ୍ରସାରିତ ହେବା ଦ୍ୱାରା ଏକ ଚାପ ସୃଷ୍ଟି ହୋଇ ପମ୍ପ ଦ୍ୱାରା ରକ୍ତ ସୁଚାରୁରୂପେ ସମସ୍ତ ଅଙ୍ଗର କୋଷ ନିକଟରେ ପହଞ୍ଚିଥାଏ। ଏହାକୁ ରକ୍ତଚାପ (ବ୍ଲଡପ୍ରେସର) କୁହାଯାଏ। ଏହି ଚାପର ଉପରଟି ସିଷ୍ଟୋଲିକ୍ (CBP) ଏବଂ ତଳଟି ଡାଇଷ୍ଟୋଲିକ୍ (DBP)- ଏହିପରି ଦୁଇ ପ୍ରକାର ମାପ ରହିଥାଏ। ସୁସ୍ଥ ଶରୀରରେ ରକ୍ତଚାପ ମାପ ୧୨୦/୮୦ ମିମି ଅଫ ମର୍କୁରୀ ରହିବା ଉଚିତ। ଏହି ଚାପ ଯଦି କୌଣସି କାରଣରୁ ବଢ଼ିଯାଏ ତେବେ ଧମନୀ ଭିତର କାନ୍ଥକୁ କ୍ଷତି ପହଞ୍ଚାଏ। ଶେଷରେ ଏହା ଫାଟି ଯାଇ ରକ୍ତ ଜମାଟ ବାନ୍ଧି ପ୍ରବାହିତ ଅଙ୍ଗକୁ ରକ୍ତ ପହଞ୍ଚି ନଥାଏ। ଉକ୍ତ ଅଙ୍ଗଟି କାର୍ଯ୍ୟକ୍ଷମ ନ ହେବାରୁ ତାହା ପକ୍ଷାଘାତ ବା ପାରାଲିସିସର ଶିକାର ହୋଇଥାଏ। ତେଣୁ ରକ୍ତଚାପ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ତାହା ବେଳେବେଳେ ଜୀବନନାଶକ ହୋଇଥାଏ। ଏ ସମ୍ପର୍କରେ ଜନସଚେତନତା ଅଧିକ ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ' ୧୭ ତାରିଖକୁ ବିଶ୍ୱ ହାଇପରଟେନ୍‌ସନ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ଠିକ୍ ଭାବରେ ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ, ଦୀର୍ଘାୟୁ ହୁଅନ୍ତୁ'' (Measure Your Blood Pressure Accurately, Control It, Live Longer. ) ଅତି ସ୍ଥୂଳକାୟ ବ୍ୟକ୍ତି, ବ୍ୟାୟାମ କରୁ ନ ଥିବା, ସର୍ବଦା ଚର୍ବିଜାତୀୟ ଖାଦ୍ୟ, ଅଧିକ ଲୁଣ, ତେଲଜାତୀୟ ଖାଦ୍ୟ, ମାନସିକ ଚିନ୍ତା, ଭୟ, କ୍ରୋଧ, ନିଶାଦ୍ରବ୍ୟ ସେବନ ଆଦି ସହ ଜଡ଼ିତ ବ୍ୟକ୍ତି ଏବଂ ଦୀର୍ଘ ଦିନ ଧରି ମଧୁମେହ ବା ଡାଇବେଟିସ୍‌ରେ ଆକ୍ରାନ୍ତ ରହିଲେ ରକ୍ତଚାପ ବୃଦ୍ଧି ହୋଇଥାଏ। ମୁଣ୍ଡବିନ୍ଧା ଲାଗି ରହିବା, ମୁଣ୍ଡ ବୁଲାଇବା, ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବା, ଅସ୍ୱାଭାବିକ ହୃଦ୍‌ସ୍ପନ୍ଦନ, ନାକରୁ ରକ୍ତ ପଡ଼ିବା, ଚିଡ଼ିଚଡ଼ା ଭାବ, ଛାତି ବ୍ୟଥା, ଝାପ୍‌ସା ଦେଖାଯିବା ଆଦି ଏହାର କେତୋଟି ପ୍ରମୁଖ କାରଣ। ତେଣୁ ଏପରି ସମୟରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ ଏବଂ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ କେତେ ରହୁଛି ତାହା ଠିକ୍ ଭାବରେ ମାପି ନିଅନ୍ତୁ।

ରକ୍ତଚାପରୁ ରକ୍ଷା ପାଇବା ପାଇଁ ଅଧିକ ଲୁଣ, ତେଲମସଲାଜାତୀୟ ଖାଦ୍ୟ ଏବଂ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ରକ୍ତଚାପର କେତୋଟି ଆୟୁର୍ବେଦୀୟ ଉପଚାର ରହିଛି। ଜଣେ ରକ୍ତଚାପ ରୋଗୀ ଦୈନିକ ସକାଳେ ଖାଲିପେଟରେ ୨/୩ ପୁଡା ରସୁଣ କଞ୍ଚା ଚୋବାଇ ଖାଇପାରନ୍ତି। ନିମ୍ବପତ୍ର ୫ଟି ଓ ତୁଳସୀ ପତ୍ର ୧୦/୧୨ଟି ଦୈନିକ ସକାଳେ ମର୍ନିଂୱାକ୍ ପରେ ସେବନ କରିପାରିବେ। ଖାଲି ପେଟରେ ସଜନା ପତ୍ର ରସ ୨/୩ ଚାମଚ ସେବନ କଲେ ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହାବ୍ୟତୀତ ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରନ୍ତୁ। ଅଧିକ ଚିନ୍ତାଗ୍ରସ୍ତ ଏବଂ ଟେନସନ୍‌ଗ୍ରସ୍ତ ହୁଅନ୍ତୁ ନାହିଁ। ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ପୂଜାପାଠ କରନ୍ତୁ। ନିୟମିତ ମନ୍ତ୍ର ଉଚ୍ଚାରଣ କରନ୍ତୁ ଏବଂ ଶୁଣନ୍ତୁ। ଏହାଦ୍ୱାରା ଆପଣ ଏକ ସୁସ୍ଥ ଜୀବନଯାପନ କରିପାରିବେ।

**-ଡା. ଆଶିଷ ବାନାର୍ଜୀ,** ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

## ପ୍ରଥମ ପୃଷ୍ଠାରୁ...

### ବଜ୍ରପାତ ନେଲା ...

ହ୍ରାସ ଘଟିଛି। ସମ୍ବଲପୁରରେ ସର୍ବାଧିକ ୪୧.୮ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡାରେ ୪୦.୮, ହୀରାକୁଦ ୪୦.୨, ଭୁବନେଶ୍ୱର ୩୮.୬, ରାଉରକେଲା ୩୮.୬ ଓ ଚାନ୍ଦବାଲିରେ ୩୭.୪ ଡିଗ୍ରୀ ରହିଥିଲା। ଶନିବାର କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୂଆପଡ଼ା, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ସୁନ୍ଦରଗଡ ଓ ଝାରସୁଗୁଡା ଜିଲାରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବ। ଏହି ସମୟରେ ଘଣ୍ଟା ପ୍ରତି ୫୦-୬୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ଅରେଞ୍ଜ ୱାର୍ନିଂ ଦେଇଛି। ଏଥିସହ କଳାହାଣ୍ଡି, ଢେଙ୍କାନାଳ, ବରଗଡ଼, କନ୍ଧମାଳ, ସମ୍ବଲପୁର, ଦେବଗଡ଼, ବଲାଙ୍ଗୀର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଅନୁଗୋଳ, ସୋନପୁର, ବୌଦ୍ଧ ଓ ମାଲକାନଗିରି ଜିଲାକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ତେଣୁ ଏହିସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ଝଡ଼ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ୧୯ ତାରିଖରେ ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ବଲାଙ୍ଗୀର, କୋରାପୁଟ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖ ସକାଳଠାରୁ ୨୦ ତାରିଖ ସକାଳ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ରାୟଗଡ଼ା ଜିଲାରେ ବିଜୁଳି ଘଡ଼ଘଡି ସହ ପବନର ବେଗ ୩୦ରୁ ୪୦ କି.ମି. ରହିବ ବୋଲି ସୂଚନା ଦିଆଯାଇଛି।

### ତୁର୍କୀ ଏୟାରଲାଇନ୍ସ ସହ ...

କ୍ଲିଅରାନ୍ସକୁ ବାତିଲ କରିଥିଲେ। ଭାରତର ୯ଟି ପ୍ରମୁଖ ଏୟାରପୋର୍ଟରେ ସେଲେବି ପକ୍ଷରୁ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସେବା ପ୍ରଦାନ କରାଯାଉଥିଲା। ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ କମ୍ପାନୀର ସୁରକ୍ଷା କ୍ଲିଅରାନ୍ସ ବାତିଲ କରାଯାଇଥିବା ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ୍) କହିଛି। ୨୦୨୩ରୁ ଇଣ୍ଡିଗୋ ଏବଂ ତୁର୍କୀ ସରକାରଙ୍କ ସମର୍ଥିତ ତୁର୍କିଶ୍ ଏୟାରଲାଇନ୍ସ ମଧ୍ୟରେ ଲିଜ୍ ଚୁକ୍ତି କାର୍ଯ୍ୟକାରୀ ହୋଇଆସୁଥିଲା। ତଦନୁଯାୟୀ ନୂଆଦିଲ୍ଲୀ ଏବଂ ମୁମ୍ବାଇ ସହ ଇସ୍ତାନବୁଲ୍‌କୁ ବିମାନ ଚଳାଚଳ ପାଇଁ ତୁର୍କିଶ୍ ଏୟାରଲାଇନ୍ସ ଇଣ୍ଡିଗୋକୁ ୨ଟି ବିମାନ ସହ ପାଇଲଟ୍ ଓ କେତେଜଣ କର୍ମଚାରୀ ଯୋଗାଇଦେଇଥିଲା। ଉକ୍ତ ଲିଜିଂ ଡିଲ୍‌ର ପୁନଃ ସମ୍ପ୍ରସାରଣକୁ ଅନୁମତି ନ ଦେବା ପାଇଁ ଏୟାର ଇଣ୍ଡିଆ ଭାରତର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁନିବେଦନକରିଛି। ପ୍ରତି୬ମାସରେଉକ୍ତ ଡିଲ୍ ନବୀକରଣ ହୋଇଥାଏ। ତେବେ ଏହାଦ୍ୱାରା ତୁର୍କୀ ଲାଭବାନ ହେଉଥିବାବେଳେ ଭାରତୀୟ ବିମାନ ଚଳାଚଳ କ୍ଷେତ୍ର କ୍ଷତି ସହୁଛି। ଏହାର ପ୍ରମାଣ ସ୍ୱରୂପ କେତେକ କାଗଜପତ୍ର ଏୟାର ଇଣ୍ଡିଆ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଦାଖଲ କରିଛି। ଅନ୍ୟପକ୍ଷରେ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ତୁର୍କିଶ ଏୟାରଲାଇନ୍ସ ସହ ଏହାର ସହଭାଗିତା ଯୋଗୁ ଭାରତୀୟ ଯାତ୍ରୀ ଉପକୃତ ହେବା ସହ ବିମାନ ଚଳାଚଳ ସେକ୍ଟର ଏବଂ ନିଯୁକ୍ତିରେ ଅଭିବୃଦ୍ଧି ହେଉଥିଲା। ଏହାଦ୍ୱାରା ଇଣ୍ଡିଗୋ ୟୁରୋପ ଏବଂ ଆମେରିକାରେ ନିଜ ଉପସ୍ଥିତି ଜାହିର କରିଥିଲା। ଭାରତୀୟ ବେସାମରିକ ବିମାନ ଚଳାଚଳ ନୀତି ଅନୁଯାୟୀ ଜରୁରୀ କିମ୍ବା ଅପ୍ରତ୍ୟାଶିତ ପରିସ୍ଥିତିରେ ସରକାର ଏଭଳି ଲିଜ୍‌କୁ ୬ ମାସ ପାଇଁ ଅନୁମୋଦନ କରିପାରନ୍ତି, କିନ୍ତୁ ଏହାକୁ ସମ୍ପ୍ରସାରଣ କରାଯାଇପାରିବ। ଶେଷଥର ପାଇଁ ହୋଇଥିବା ଏହି ଲିଜ୍ ସମ୍ପ୍ରସାରଣ ମେ' ୩୧ ପର୍ଯ୍ୟନ୍ତ ବୈଧ ରହିଛି। ଏହାକୁ ବଢ଼ାଇବା ପାଇଁ ଇଣ୍ଡିଗୋ ଆବେଦନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଭାରତ ସରକାର ଗୁରୁବାର ସେଲେବିର ସିକ୍ୟୁରିଟି କ୍ଲିୟରାନ୍ସକୁ ରଦ୍ଦ କରିଦେଇଥିଲେ। ଜାତୀୟ ନିରାପତ୍ତା ସ୍ୱାର୍ଥ ପ୍ରତି ବିପଦ ଥିବା ଦର୍ଶାଇ ସରକାର ଏଭଳି ପଦକ୍ଷେପ ନେଇଥିବାବେଳେ ଶୁକ୍ରବାର ସେଲେବି ଏୟାରପୋର୍ଟ ସର୍ଭିସେସ୍ ଇଣ୍ଡିଆ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସରକାର ପୂର୍ବରୁ କମ୍ପାନୀକୁ କିଛି ନ ଜଣାଇ ନେଇଥିବା ଏହି ନିଷ୍ପତ୍ତି ଫଳରେ ୩,୭୯୧ ନିଯୁକ୍ତି ଓ ନିବେଶକଙ୍କ ଆସ୍ଥା ପ୍ରଭାବିତ ହେବ ବୋଲି ସେଲେବି ଯୁକ୍ତି ବାଢ଼ିଛି। ସେଲେବି ପକ୍ଷରୁ ଆହୁରି କୁହାଯାଇଛି, ନିର୍ଦ୍ଦିଷ୍ଟ ଭାବେ କାରଣ ନ ଦର୍ଶାଇ ଜାତୀୟ ସୁରକ୍ଷା ଆଳରେ ସିକ୍ୟୁରିଟି କ୍ଲିୟରାନ୍ସକୁ ରଦ୍ଦ କରିଦେବା ଆଇନସମ୍ମତ ନୁହେଁ। ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବାତିଲ କରାଯାଉ ବୋଲି କମ୍ପାନୀ ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି ବୋଲି ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ନିକଟରେ ଏନ୍‌ଡିଏ ସରକାରର ସହଯୋଗୀ ଶିବସେନା ପକ୍ଷରୁ ସେଲେବିର ସିକ୍ୟୁରିଟି କ୍ଲିୟରାନ୍ସ ରଦ୍ଦ ପାଇଁ ମୁମ୍ବାଇରେ ବିକ୍ଷୋଭ କରାଯାଇଥିଲା। ସେଲେବି ନୂଆଦିଲ୍ଲୀ, କେରଳ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଗୋଆରେ ଏୟାରପୋର୍ଟପରିଚାଳନା ସେବା ପ୍ରଦାନ କରିଆସୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉଚ୍ଚସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଉତ୍ତମ ପାରିବାରିକ ସମ୍ପର୍କ ଲୋକସମ୍ପର୍କ ବୃଦ୍ଧିରେ ସହାୟକ ହୋଇପାରେ। ସବୁକଥାକୁ ଭଲରୂପେ ବିଚାରପୂର୍ବକ କାମ କରି ଆଗକୁ ବଢ଼ିବା ଠିକ୍ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ** ଆଜି ଅର୍ଥଲାଭ, ନୂତନ ବନ୍ଧୁତ୍ୱ ଏବଂ ଉଚ୍ଚ ସ୍ତରରେ ସମ୍ପର୍କରେ ଉନ୍ନତି ଘଟିବ। ଆନୁଷ୍ଠାନିକ କାମ ସକାଶେ ଧାଁଦଉଡ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ରିଏଲ୍‌ଇଷ୍ଟେଟ୍, ହୋଟେଲ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବିବାଦୀୟ ମନ୍ତବ୍ୟରେ ମୁଣ୍ଡ ନପୂରାଇବା ଭଲ।

**ମିଥୁନ** ମନ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚ ବଶତଃ ବନ୍ଧୁଙ୍କୁ କହିପାରିବେ ନାହିଁ। ନିଜର କୃତି ଓ କୃତିତ୍ୱ ସକାଶେ ସାମାଜିକ ସ୍ତରରେ ଶୁଭେଚ୍ଛୁମାନଙ୍କ ଶ୍ରଦ୍ଧାଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଚିନ୍ତା ପ୍ରକଟ କରିପାରନ୍ତି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିବାର ସୂଚନା ରହିଛି।

**କର୍କଟ** କୃତି ଓ କୃତିତ୍ୱ କାରଣରୁ ସମାଜରେ ସୁପ୍ରତିଷ୍ଠିତ ହେବା ସାଙ୍ଗକୁ ଆତ୍ମୀୟଙ୍କ ସହ ଆତ୍ମୀୟତା ବୃଦ୍ଧି ପାଇବ। ନିର୍ମାଣ କାର୍ଯ୍ୟରେ, ମାଲିମକଦ୍ଦମା, କ୍ରୟବାଣିଜ୍ୟରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ପ୍ରତ୍ୟେକ କଥା ଓ ପରାମର୍ଶକୁ ବିଚାରପୂର୍ବକ ଗ୍ରହଣ ଓ କାର୍ଯ୍ୟକାରୀ କରିବା ଠିକ୍ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇପାରନ୍ତି।

**ସିଂହ** ରବିଙ୍କ ସୁପ୍ରଭାବରୁ ଉଚ୍ଚସ୍ତରରେ ସୁସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ଗୌରବାନ୍ୱିତ ହେବେ। ଆଜିର ବନ୍ଧୁମିଳନରେ ସମ୍ମାନ, ଉପଢୌକନ, ସ୍ୱାଗତ, ସମ୍ବର୍ଦ୍ଧନା ମଧ୍ୟ ପାଇପାରନ୍ତି। ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ପାଇବେ। ବ୍ୟବସାୟ, ପରିବହନ ସାଙ୍ଗକୁ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଆଜିର ଦିନଟି ଅର୍ଥଲାଭ, ଗବେଷଣା, ରୁଦ୍ଧଦ୍ୱାର ବୈଠକ ପାଇଁ ଅନୁକୂଳ ରହିବ। ସ୍ୱାସ୍ଥ୍ୟହାନି ସାଙ୍ଗକୁ କେତେକ ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଗତିକରିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଈର୍ଷାପରାୟଣ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ତୁଳା** ଉଦ୍ୟମକୁ ସାକାର କରିବା ପାଇଁ ଚେଷ୍ଟିତ ରହିବେ ଏବଂ ସମ୍ପର୍କୀୟଙ୍କ ସହଯୋଗ ପାଇପାରିବେ। ଚିତ୍ରା ନକ୍ଷତ୍ର ବହୁତ ଚେଷ୍ଟା କରି ମଧ୍ୟ କାମ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। କୌଣସି ଜିନିଷ କିଣିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ବ୍ୟସ୍ତତା ବଢ଼ିଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ବିଛା** ଅତି ନିକଟତର ବ୍ୟକ୍ତିଙ୍କ ବିରୁଦ୍ଧାଚରଣ ସମସ୍ୟା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଆଳସ୍ୟ ଏବଂ ଅବହେଳା ଜନିତ କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଯାଇପାରେ।

**ଧନୁ** ଆଜି ଅର୍ଥଲାଭ, ଆଇନ ସହାୟତା, ସାମାଜିକ ସମର୍ଥନ ସହ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପ୍ରତିଯୋଗିତାରେ ସଫଳତା, ରାଜନୈତିକ ଉତ୍କର୍ଷ, ବିଜାତୀୟଙ୍କ ବନ୍ଧୁତାରୁ ଉପକୃତ ହେବେ। ବନ୍ଧୁଙ୍କ ଅନୁରୋଧରେ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଦିନଟିରେ ଯେମିତି ଆଶା କରୁଛନ୍ତି ତାହା ପାଇବାରେ ପ୍ରତିବନ୍ଧକ ରହିବ ନାହିଁ। ଆପଣଙ୍କ କଥା ଓ କାମର ପ୍ରଶଂସାରେ ଆତ୍ମବିଭୋର ହୋଇପାରନ୍ତି। ସରକାରୀ ସାହାଯ୍ୟ ପାଇବା ସାଙ୍ଗକୁ ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ।

**କୁମ୍ଭ** ଯେତେ ଚେଷ୍ଟା କଲେ ମଧ୍ୟ ଆଜି ଆପଣଙ୍କର ଆଶା ଆଶାରେ ହିଁ ରହିଯିବାର ଆଶଙ୍କା ରହିଛି। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାର ଆଶା ରହିଛି। ଦୈହିକ, ମାନସିକ ସ୍ଥିତି ଏକପ୍ରକାର ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ** ଇଚ୍ଛା ଓ ଅଭିଳାଷ ପୂରଣ ସକାଶେ ବନ୍ଧୁଙ୍କ ସହଯୋଗ ଅତ୍ୟାବଶ୍ୟକ ମନେକରିପାରନ୍ତି। ସମସ୍ୟା ମଧ୍ୟରେ ପ୍ରାପ୍ୟ ପାଇବେ ଏବଂ କାମ ମଧ୍ୟ ସମ୍ପନ୍ନ କରିପାରିବେ। ତଥାପି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ ମାତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

ଆଜି ମେ ୧୭ ତାରିଖ, ବିଶ୍ୱ ଦୂରସଞ୍ଚାର ଦିବସ, ଜ୍ୟେଷ୍ଠ କୃଷ୍ଣ ୫ମୀ, ଶନିବାର। ରାଶି ନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୦୫ ଗତେ ଘ. ୧୨।୦୯ ମଧ୍ୟେ, ଘ.୦୨।୫୭ ଗତେ ଘ.୦୩।୩୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୮।୨୮ ଗତେ ଘ.୧୦।୦୬ ମି. ମଧ୍ୟେ ରାହୁ କାଳ।




# ୨୩,୭୦୦ କୋଟିର କାରବାର କରିଛି ଓଏମ୍‌ସି: ମୁଖ୍ୟମନ୍ତ୍ରୀ

## ଓଏମ୍‌ସିର ୧୮ ଖଣି କାର୍ଯ୍ୟକ୍ଷମ ହେଲା: ମନ୍ତ୍ରୀ

ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)



ଖଣିଜ ସମ୍ପଦ ଦୃଷ୍ଟିରୁ ଦେଖିଲେ ଓଡ଼ିଶା ଭାରତବର୍ଷରେ ଏକ ଅଗ୍ରଣୀ ରାଜ୍ୟ। ଦେଶର ସର୍ବମୋଟ୍ ଖଣିଜ ସମ୍ପଦର ୪୧.୯%ରୁ ଅଧିକ ଓଡ଼ିଶାରେ ମହଜୁଦ ଅଛି। ଓଏମ୍‌ସି (ଓଡ଼ିଶା ମାଇନିଂ କର୍ପୋରେଶନ) ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି। ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍‌ସିର ବଳିଷ୍ଠ ଅବଦାନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୬୦ ଦଶକରେ ମାତ୍ର ୧କୋଟି ଟଙ୍କାର ଆର୍ଥିକ କାରବାର ସହ ଓଏମ୍‌ସି ନିଜର ଯାତ୍ରା ଆରମ୍ଭକରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୭୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି। ଏହି କାରବାର କେବଳ ଖଣିଜ ପଦାର୍ଥ ଉତ୍ପାଦନ ଓ ବିକ୍ରୟ ମାଧ୍ୟମରେ ହୋଇଛି। ଓଏମ୍‌ସି ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ମ ସ୍ଥାନରେ ରହିଛି। ଓଏମ୍‌ସି କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଦେଶରେ ନିଜକୁ ଏକ ଆଦର୍ଶ ପିଏସ୍‌ୟୁଏସ୍ ଭାବେ ପ୍ରତିଷ୍ଠିତ କରିପାରିଛି। ଓଡ଼ିଶା ବିକାଶର ସାରଥି ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓଏମ୍‌ସି ଗ୍ରହଣ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ ଲଙ୍ଗ୍ ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକୁ ୮୦%ରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଯାଇପାରୁଛି। ଓଏମ୍‌ସି ତା'ର ସିଏସ୍‌ଆର୍ ଆକ୍ଟିଭିଟି ଜରିଆରେ ପ୍ରଶଂସନୀୟ କାମ କରୁଛି। ପରିବେଶ ସୁରକ୍ଷା ପାଇଁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିବାରେ ସଫଳ ହୋଇଛି। ଖଣି ଅଞ୍ଚଳରେ ଆଇରନ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡୁବୁନା, ବଡ଼ବିଲ ଲୌହପଥର ଖଣିର ପୁନଃ ଆରମ୍ଭ କରିବା ସହ ବଡବିଲ ଅଞ୍ଚଳର ଟିରିଙ୍ଗ ପାହାଡ ଖଣି ଓ ରେଙ୍ଗାଲବେଡା ଆର୍‌ଆର୍ କଲୋନିକୁ ବିଦ୍ୟୁତ୍ ଯୋଗାଣର ଶୁଭାରମ୍ଭ କରିବା ସହ ସେ କୋଇଡା ଖଣି ଅଞ୍ଚଳରେ ଅବସ୍ଥିତ ଓଏମ୍‌ସି ଖଣି ଗୁଡ଼ିକରେ ୯୦୦ କିଲୋ ୱାଟ୍ ପିକ୍‌ର ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଛନ୍ତି, ଶୁକ୍ରବାରଠାରୁ ଓଏମ୍‌ସିର ୧୮ଟି ଖଣି କାର୍ଯ୍ୟକ୍ଷମ ହେଲା। ଏହା କେବଳ ଖଣିଜ ପଦାର୍ଥ ଉତ୍ପାଦନ କରୁନାହିଁ ଏହା ଏକ ଶକ୍ତିଶାଳୀ, ସ୍ୱାବଲମ୍ବୀ ଓଡ଼ିଶାର ମୂଳଦୁଆ ସ୍ଥାପନ କରୁଛି। ଉନ୍ନୟନ କମିଶନର ଅନୁ ଗର୍ଗ, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର, ୧୬।୫ (ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ଜିଲାରୁ ଶହ ଶହ ସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗ ମୋର୍ଚ୍ଚାର କର୍ମକର୍ତ୍ତା, ସଦସ୍ୟ ଏବଂ ବିଭିନ୍ନ ଜାତି ସଙ୍ଗଠନର ସଦସ୍ୟମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

## ଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୧୧.୨୫% ସଂରକ୍ଷଣ ପ୍ରସଙ୍ଗ

ମାଝୀଙ୍କୁ ଭେଟି ଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୧୧.୨୫% ସଂରକ୍ଷଣ କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମେ ୧୪ ତାରିଖରେ ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଥିଲା। ଏହା ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଲାଗୁହେବ। ପୂର୍ବରୁ ଓଡ଼ିଶାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୧୧.୨୫% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ଶିକ୍ଷା କ୍ଷେତ୍ରରେ ଏହା ଲାଗୁ କରିବା ପାଇଁ ଦୀର୍ଘଦିନର ଦାବି ରହିଥିଲା। ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ଶିକ୍ଷାକ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘଦିନର ଅପେକ୍ଷା ଥିଲା ତା'ର ଅନ୍ତ ଘଟିଛି। ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଢେଙ୍କାନାଳ ଜିଲାରୁ ଓବିସି ମୋର୍ଚ୍ଚା କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସହ ଓବିସି ଛାତ୍ର ସଙ୍ଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେହିପରି କଳିଙ୍ଗ ପାଇକ ସଙ୍ଗଠନ, ଉତ୍କଳ ବିକାଶ ପରିଷଦ, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଉତ୍କଳ ଯାଦବ ମହାସଭା, ନିଖିଳ ଉତ୍କଳ ଶୁଣ୍ଡି ସମାଜ, ନିଖିଳ ଉତ୍କଳ ବାରିକ ମହାସଂଘ, ଗଞ୍ଜାମ କାଳଞ୍ଜି ଖଣ୍ଡାୟତ ସମାଜ, ପଛୁଆବର୍ଗ ଜନସାମ୍ମୁଖ୍ୟ, ତୈଳିକ ବୈଶ୍ୟ ମହାସଂଘର ସଦସ୍ୟମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି।

# ଜୁନ୍‌ରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୬।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ଓଡ଼ିଶା ଗସ୍ତରେ ଆସିପାରନ୍ତି। ରାଜ୍ୟରେ ଭାଜପା ସରକାରର ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଆସିପାରନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ଅଛନ୍ତି ବୋଲି ମନ୍ତ୍ରୀ ପୂଜାରୀ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ବର୍ଷ ପୂର୍ତ୍ତିକୁ ଉତ୍ସବ ଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ରାଜ୍ୟ ସରକାର ପାଳନ କରିବେ। ଜୁନ୍ ୧୨ରୁ ୧୯ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ବର୍ଷକର ରିପୋର୍ଟ କାର୍ଡ ଧରି ରାଜ୍ୟର ୧ କୋଟି ଲୋକଙ୍କ ପରିବାର ନିକଟରେ ସରକାର ପହଞ୍ଚିବେ। ୨୦୨୪ରେ ଭାଜପା ଦେଇଥିବା ୨୧ଟି ନିର୍ବାଚନ ପ୍ରତିଶ୍ରୁତିରୁ ବର୍ଷକ ମଧ୍ୟରେ ୧୧ଟି ପୂରଣ ସରିଲାଣି। ଆଗାମୀ ବର୍ଷକ ମଧ୍ୟରେ ବଳକା ୧୦ଟି ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ପ୍ରଥମ ଥର ଲାଗି ସରକାରକୁ ଆସିଛି। ଦଳ ସରକାରକୁ ଆସିବାର ୧ ବର୍ଷ ଆସନ୍ତା ମାସରେ ପୂରଣ ହେବାକୁ ଯାଉଛି। ତେଣୁ ସରକାରଙ୍କ ପକ୍ଷରୁ କେଉଁସବୁ ଯୋଜନା ବା ଭଲ ପଦକ୍ଷେପ ନିଆଯାଇଛି ସେସବୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ବାରମ୍ବାର ସଚିବସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ମିଳିଥିବା ସୂଚନା ମୁତାବକ, ଜନତା ମଇଦାନଠାରେ ବର୍ଷପୂର୍ତ୍ତି ପାଳନ ଲାଗି ସ୍ଥିର ହୋଇଥିବା ଜଣାପଡ଼ିଛି।

# ଗଛକୁ ପିଟିଲା କାର୍ : ୪ ମୃତ

ବୈପାରିଗୁଡ଼ା, ୧୬।୫
(କଳ୍ପତରୁ ମହାନ୍ତି)


ଦୁର୍ଘଟଣାଗ୍ରସ୍ତ କାର୍।

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡ଼ା ଛକ ନିକଟରେ ଏକ କାର ଦୁର୍ଘଟଣାରେ ୪ ଜଣଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେମାନେ ହେଲେ ଗାଡ଼ିଚାଳକ ବିରଞ୍ଚି ବେହେରା, ଅମ୍ବିକାବାଳା ଦାସ, ତାଙ୍କ ବୋହୂ ପଦ୍ମିନୀ ସିଂ ସାମନ୍ତ ଓ ଶଶୀ ବେହେରା। ଦୁର୍ଘଟଣାରେ ଗୁରୁତର ଥିବା ଅମ୍ବିକାଙ୍କ ପୁଅ ସୁର୍ଜିତ୍ ସିଂ ସାମନ୍ତ ଓ ନାତି ପ୍ରିୟାଂଶୁ ସିଂ ଶେଖର ସାମନ୍ତ(୧୨)ଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ସୁର୍ଜିତ୍ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ କାର୍(ଓଡି୦୨-ବିଡବ୍ଲ୍ୟୁ-୫୧୪୮) ଯୋଗେ ନୟାଗଡ଼ରୁ ମାଲକାନଗିରି ଯାଉଥିଲେ। ଏହି ସମୟରେ ବୈପାରିଗୁଡ଼ାଠାରୁ ୨ କି.ମି. ଦୂର ଗୌଡ଼ଗୁଡ଼ା ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଗଛ ସହ ପିଟିହୋଇଯାଇଥିଲା। ସେଥିରେ ବସିଥିବା ୬ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ବିରଞ୍ଚି, ଅମ୍ବିକା ଓ ଶଶୀଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ସୁର୍ଜିତ୍, ତାଙ୍କ ସ୍ତ୍ରୀ ପଦ୍ମିନୀ ଓ ପୁଅ ପ୍ରିୟାଂଶୁଙ୍କୁ ଆମ୍ବୁଲାନ ଯୋଗେ ବୈପାରିଗୁଡ଼ା ମେଡିକାଲକୁ ନିଆଯାଇଥିଲା। ସେଠାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଦ୍ମିନୀଙ୍କ ଅପରାହ୍ନରେ ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣଗ୍ରସ୍ତ ଗାଡ଼ିକୁ ଜବତକରିବା ସହ ମୃତଦେହ ବ୍ୟବଚ୍ଛେଦ କରିଛି। ଏ ନେଇ ବୈପାରିଗୁଡ଼ା ଥାନାରେ ୧୦୫/୨୫ରେ ମାମଲା ରୁଜୁ କରାଯାଇଛି।

# ୨୦ କୋଚ୍ ସହ ଗଡ଼ିଲା ହାଓଡା-ପୁରୀ ବନ୍ଦେ ଭାରତ



ଭୁବନେଶ୍ୱର, ୧୬।୫
(ଅନୁରାଧା ମହାରଣା)

ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/୨୨୮୯୬ ହାଓଡା-ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ୨୫% କୋଚ ବୃଦ୍ଧି ଘୋଷଣା କରିଛି। ଏଥିସହ ଶୁକ୍ରବାରଠାରୁ ଏହି ଏକ୍ସପ୍ରେସ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ ଆରମ୍ଭ କରିଛି। ଏଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ ଯୋଡ଼ାଯାଇଥିବା ସୂଚନା ଦିଆଯାଇଛି।

ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍, ଯାହା ପଶ୍ଚିମବଙ୍ଗର ହାଓଡା ଜଙ୍କ୍‌ଶନକୁ ପୁରୀ ସହିତ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ୬.୫ ଘଣ୍ଟାରେ ୫୦୦ କି.ମି. ଦୂରତା ଯାତ୍ରା କରିଥାଏ। ଏହି ଟ୍ରେନ ଗୁରୁବାର ବ୍ୟତୀତ ସପ୍ତାହରେ ୬ଦିନ ଚଳାଚଳ କରିଥାଏ। ୭ଟି ଷ୍ଟେଶନ ଖୋର୍ଦ୍ଧା ରୋଡ୍ ଜଙ୍କ୍‌ଶନ, ଭୁବନେଶ୍ୱର, କଟକ, ଯାଜପୁର-କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର ଏବଂ ଖଡ଼ଗପୁର ଜଙ୍କ୍‌ଶନଠାରେ ରହଣି କରିଥାଏ। ବନ୍ଦେ ଭାରତ ଏକ୍ସପ୍ରେସରେ ଅତ୍ୟାଧୁନିକ ସୁବିଧା ଯଥା ଅନ-ବୋର୍ଡ ୱାଇ-ଫାଇ, ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍, ବାୟୋ-ଭାକ୍ୟୁମ ଶୌଚାଳୟ ଏବଂ ଆରାମଦାୟକ ବସିବା ବ୍ୟବସ୍ଥା ରହିଛି।







ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ। ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେ ହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ। -ଶ୍ରୀମା



# ପ୍ରତିରକ୍ଷାର ଅଦୃଶ୍ୟ ରେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କିଛିଦିନ ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ଶତ୍ରୁତା ପ୍ରଶମିତ ହେବା ସହ ଉତ୍ତେଜନା ଥମିଯାଇଛି। କିନ୍ତୁ ତୁମର ପଡ଼ୋଶୀ ଯଦି ସୀମା ଟପି ଗୋଳାବାରୁଦ ପକାଏ, ତେବେ ସୁରକ୍ଷା ପାଇଁ ତୁମ ପାଖରେ କିଛି ଯୋଜନା ରହିବା ଦରକାର। ପାକିସ୍ତାନର ଏଭଳି ଆକ୍ରମଣାତ୍ମକ ମନୋଭାବକୁ ଦେଖି ଭାରତ ଯୋଜନା କରିଛି। ଏହି ଯୋଜନା କ୍ଷେପଣାସ୍ତ୍ର ଏବଂ ଆଲୋଚନା ବିଷୟରେ ନୁହେଁ, ବରଂ ଏହା ହେଉଛି ବଙ୍କର ସମ୍ପର୍କିତ। ଏହି ଭୂତଳ ଆଶ୍ରୟସ୍ଥଳଗୁଡ଼ିକ ଜମ୍ମୁ-କଶ୍ମୀର ବିଶେଷକରି ଲାଇନ ଅଫ୍ କଣ୍ଟ୍ରୋଲ ନିକଟରେ ବିଛାଇହୋଇ ରହିଛି। ଏଗୁଡ଼ିକ ଏବକାର ଉତ୍ତେଜନା ପ୍ରକାଶ ପାଇବାର ବହୁ ପୂର୍ବରୁ ନିର୍ମାଣ ହୋଇଥିଲା। ଏସବୁ ବଙ୍କର କେବଳ ସେନା ପ୍ରସ୍ତୁତି ପାଇଁ ନୁହେଁ, ଏହା ବାସ୍ତବରେ ନାଗରିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ନିକଟରେ ହୋଇଥିବା ଯୁଦ୍ଧରେ ପୁଞ୍ଚ ଅଞ୍ଚଳରେ ଏହା ଅଧିକ କାମ କରିନାହିଁ ବୋଲି ଜଣାପଡ଼ିଥିଲା। କାରଣ ଆକାଶ ଅଶାନ୍ତ ହୋଇଯିବାବେଳେ ସୀମା ନିକଟରେ ଥିବା ନାଗରିକମାନଙ୍କୁ ଅନ୍ୟତ୍ର ଚାଲିଯିବାକୁ ପଡ଼ିଥିବା ବାବୁମାନେ କହିଛନ୍ତି। ସେମାନଙ୍କ ମତରେ ଏହା କୌଣସି ଆରାମଦାୟକ ସ୍ଥଳୀ ନୁହେଁ। ଏହା ଖୁବ୍ ମଜଭୁତ ଓ ଜରୁରୀ ସମୟରେ ଜୀବନ ବଞ୍ଚାଏ। ସୂତ୍ରରୁ ଜଣାପଡ଼ିଛି, ଏହି ବଙ୍କରଗୁଡ଼ିକ ପାରମ୍ପରିକ ଯୁଦ୍ଧ ପାଇଁ ନୁହେଁ। ଭାରତ ଏଭଳି ସୁଦୃଢ଼ ତଥା ବିଶାଳ ବଙ୍କରଗୁଡ଼ିକୁ ଆଣବିକ ଆକ୍ରମଣରୁ ସୁରକ୍ଷା ଲାଗି ନିର୍ମାଣ କରିଛି। ବେଳେବେଳେ ସୁରକ୍ଷା ଲଢ଼ୁଆ ବିମାନ ଓ ଉଚ୍ଚସ୍ତରୀୟ ଆଲୋଚନାରେ ହୁଏ ନାହିଁ। ବେଳେବେଳେ ଏହା ଯୋଗାଣ, ସୁରକ୍ଷିତ ସ୍ଥାନ ଓ ଏକ ଯୋଜନା ଦ୍ୱାରା ସମ୍ଭବ ହୋଇଥାଏ। ପ୍ରତିରକ୍ଷାର ଅଦୃଶ୍ୟ ରେଖା ଭାବେ ଦୃଢ଼ କଂକ୍ରିଟ ବଙ୍କରଗୁଡ଼ିକ ସୂଚାଇ ଦିଏ ଯେ ପ୍ରକୃତ ପ୍ରତିରକ୍ଷା ଭୂତଳରୁ ଆରମ୍ଭ ହୋଇଛି। ଏହା କେବଳ ସେନା ପାଇଁ ନୁହେଁ , ନାଗରିକଙ୍କ ସୁରକ୍ଷା ବି ଏଥିରେ ଜଡ଼ିତ ରହିଛି।

### ୨ ବ୍ୟାଚ୍‌ର କ୍ଷମତା ଲଢ଼େଇ

ଶୀର୍ଷ ପ୍ରଶାସନିକ ପଦବୀରେ ପହଞ୍ଚିବା ପାଇଁ ସିଭିଲ ସର୍ଭାଣ୍ଟଙ୍କ ପ୍ରତିଯୋଗୀ ମନୋଭାବ ଥିବାବେଳେ ସମାନ ବ୍ୟାଚ୍‌ର ଅଧିକାରୀଙ୍କ ଭିତରେ ମଧ୍ୟ ପାରସ୍ପରିକ ବିଶ୍ୱାସ ରହଥାଏ। କିନ୍ତୁ ୧୯୮୯ ଓ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ଯେଉଁଭଳି ସୂକ୍ଷ୍ମ କ୍ଷମତା ଲଢ଼େଇ ଅଛି ତାହା ଅନ୍ୟ କୌଣସି ବ୍ୟାଚ୍‌ରେ ଅଧିକ ସ୍ପଷ୍ଟ ନୁହେଁ। ତେବେ ୧୯୮୯ ବ୍ୟାଚ୍‌ରୁ ଆରମ୍ଭ କରିବା। ସେମାନେ ଆରମ୍ଭରୁ ଯୋଜନାବଦ୍ଧ ଭାବେ ଦିଲ୍ଲୀ ଓ ଜମ୍ମୁ-କଶ୍ମୀର ଭଳି ଦେଶର ହଟ୍ ଜୋନ୍‌ରେ ନିଜକୁ ଅବସ୍ଥାପିତ କରିଛନ୍ତି। ଅଟଳ ଡୁଲ୍ଲୁ ସମ୍ବେଦନଶୀଳ ଜମ୍ମୁ-କଶ୍ମୀର ଅଞ୍ଚଳକୁ ନିୟନ୍ତ୍ରଣ କରୁଥିବାବେଳେ ଧର୍ମେନ୍ଦ୍ର ଦିଲ୍ଲୀର ଅମଲାତାନ୍ତ୍ରିକ କ୍ଷେତ୍ରକୁ ସଞ୍ଚାଳନ କରୁଛନ୍ତି। ଏହା ସହ ଗୁଜରାଟ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର ଏବଂ କର୍ଣ୍ଣାଟକରେ ଏହି ବ୍ୟାଚ୍ କେବଳ କାମ କରିବାକୁ ନୁହେଁ, ବରଂ ନିୟନ୍ତ୍ରଣ କରିବାକୁ ଆସିଥିଲେ। ଏବେ ଦିଲ୍ଲୀ କିମ୍ବା ଶ୍ରୀନଗରରେ ୧୯୯୧ ବ୍ୟାଚ୍ ପ୍ରାୟତଃ ନାହାନ୍ତି, କିନ୍ତୁ ସେମାନେ ସାତଟି ରାଜ୍ୟରେ ଖେଳାଇ ହୋଇ ରହିଛନ୍ତି, ଯାହା ଏକ ବିଶାଳ ପ୍ରଶାସନିକ ଶକ୍ତି। ତାମିଲନାଡୁ ଓ ପଶ୍ଚିମବଙ୍ଗଠାରୁ ଆରମ୍ଭକରି କେରଳ, ଅରୁଣାଚଳ ଓ ନାଗାଲାଣ୍ଡ ପର୍ଯ୍ୟନ୍ତ ୧୯୯୧ ବ୍ୟାଚ୍ ଅଧିକାରୀମାନେ କଠିନ ତଥା ସମସ୍ୟାବହୁଳ ଅଞ୍ଚଳର ଭୌଗୋଳିକ ତଥା ରାଜନୈତିକ ସ୍ଥିତିର ସଞ୍ଚାଳନ କରୁଛନ୍ତି। ୧୯୮୯ ବ୍ୟାଚ୍ କେନ୍ଦ୍ରଶାସିତ ଅଞ୍ଚଳ ଓ ଅଧିକ ସମସ୍ୟାରେ ଥିବା ସୀମାନ୍ତ ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି। ଅନ୍ୟପଟେ ୧୯୯୧ ବ୍ୟାଚ୍ ଅଧିକ ରାଜ୍ୟରେ ଗୁରୁଦାୟିତ୍ୱ ସମ୍ଭାଳୁଛନ୍ତି । ଗୋଟିଏ କଥା ସ୍ପଷ୍ଟ ଯେ, ଭାରତରେ ଶାସନ କେବଳ ନୀତିର ବିଷୟ ନୁହେଁ, ବରଂ ପଦବୀର। ବେଳେବେଳେ ଅମଲାତାନ୍ତ୍ରିକ ତନ୍ତ୍ରକୁ ସକ୍ରିୟ ରଖିବାକୁ ବ୍ୟାଚ୍ ମଧ୍ୟରେ ସାମାନ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ।

### ପ୍ରକ୍ରିୟାଗତ ତ୍ରୁଟି

ଆଇଏଏସ୍ ଅଧିକାରୀ ଏନ୍. ପ୍ରଶାନ୍ତଙ୍କ ନିଲମ୍ବନକୁ କେରଳ ସରକାର ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ଏହା କେବଳ ଏକ ଅସ୍ୱାଭାବିକ ସ୍ଥିତି ନୁହେଁ, ବରଂ ସମ୍ପୂର୍ଣ୍ଣ ଅପାରଦର୍ଶିତାକୁ ସୂଚାଉଛି। ୨ ସପ୍ତାହ ମଧ୍ୟରେ ଦୁଇଟି ନିଲମ୍ବନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମଟି ଏପ୍ରିଲ ୨୩ରେ ବିଦାୟୀ ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନଙ୍କ ଅଧ୍ୟକ୍ଷତାରେ ହୋଇଥିଲା ଓ ଏଥିରେ ନିଲମ୍ବନ ଉଠାଇନେବାକୁ ସୁପାରିସ କରାଯାଇଥିବା ଜଣାପଡ଼ିଛି। ଏହାର କିଛିଦିନ ପରେ ଦ୍ୱିତୀୟ ବୈଠକ ନୂଆ ମୁଖ୍ୟ ଶାସନ ସଚିବ ଏ. ଜୟତିଲକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା, ଯିଏ କି ପ୍ରଶାନ୍ତଙ୍କ ସହ ତାଙ୍କ ଝଗଡ଼ାକୁ ନେଇ ସେ ବେଶ୍ ଜଣାଶୁଣା। ଏହି ବୈଠକରେ ପ୍ରଶାନ୍ତଙ୍କ ନିଲମ୍ବନ ଅବଧି ବଢ଼ାଇବା ଲାଗି ସୁପାରିସ କରାଯାଇଥିଲା। ସର୍ବଭାରତୀୟ ସେବା ଆଇନ (ଏଆଇଏସ୍) ଅନୁଯାୟୀ, ଜଣେ ଅଧିକାରୀଙ୍କୁ ୬ ମାସରୁ ଅଧିକ ନିଲମ୍ବନ ପାଇଁ କେନ୍ଦ୍ରର ଅନୁମତି ଦରକାର। କିନ୍ତୁ ପ୍ରଶାନ୍ତଙ୍କ ମାମଲାରେ କେନ୍ଦ୍ର ସରକାରଙ୍କ ସହମତି ଲୋଡ଼ାଯାଇଥିଲା ନା ଗ୍ରହଣ କରାଯାଇଥିଲା ତାହା ଉପରେ କିଛି କୁହାଯାଇନାହିଁ। ବୈଧାନିକ ଆବଶ୍ୟକତାକୁ ଅଣଦେଖା କରିବା ଏକ ପ୍ରକ୍ରିୟାଗତ ତ୍ରୁଟି। ଗୋଟିଏ ଦିଗରୁ ଦେଖିବାକୁ ଗଲେ ଏହା ପ୍ରକ୍ରିୟାଗତ ଅସ୍ୱଚ୍ଛତାର ସମସ୍ୟାବହୁଳ ସ୍ଥିତି। ଅନ୍ୟପଟେ, ଏହା ଶାସନ ନାମରେ ପ୍ରତିଶୋଧର ଏକ ଭାବନ ଭଳି ମନେହୁଏ। ଏହା ନିଶ୍ଚିତ ଯେ, ସିଭିଲ ସର୍ଭାଣ୍ଟମାନେ ଆଇନର ଉର୍ଦ୍ଧ୍ୱରେ ନୁହନ୍ତି, କିନ୍ତୁ ସେମାନଙ୍କୁ ପରିଚାଳନା କରୁଥିବା ବ୍ୟବସ୍ଥା ଏମିତି ହେବା ଉଚିତ ନୁହେଁ। ଯଦି ଆଇନ ସବୁ କିଛି, ତେବେ ରାଜ୍ୟକୁ ଠିକ୍ ପ୍ରକ୍ରିୟାରେ ଚାଲିବାକୁ ପଡ଼ିବ।

Email: dilipcherian@gmail.com

# ମଦ୍ୟପାନର ସାମାଜିକ ପ୍ରଭାବ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମଦ୍ୟପାନର ଇତିହାସ ଯେତିକି ପୁରାତନ, ତା'ର ଭୟାବହ ନକାରାତ୍ମକ ପରିଣାମ ସହିତ ଆମର ପରିଚିତି ମଧ୍ୟ ସେତିକି ଆଦିମ। ତେବେ ବଡ଼ ବିସ୍ମୟର କଥା ଯେ ଆଜିର ସ୍ୱାସ୍ଥ୍ୟ ସଚେତନ ଯୁଗରେ ମଧ୍ୟ ଭାରତ ସମେତ ବିଶ୍ୱର ଅଧିକାଂଶ ଦେଶରେ ତାହା ବଢ଼ି ବଢ଼ି ଚାଲିଛି ବୋଲି ସୂଚିତ କରିଛି ସ୍ୱାସ୍ଥ୍ୟ ବିଜ୍ଞାନ ପତ୍ରିକା 'ଲାନସେଟ୍' ତା'ର ୨୦୨୨ ମସିହାରେ ପ୍ରକାଶିତ ଏକ ରିପୋର୍ଟରେ। ଏଥି ଅନୁଯାୟୀ ପ୍ରତି ୩ ବର୍ଷରେ ଏହା ପ୍ରାୟ ୮ ପ୍ରତିଶତ ବୃଦ୍ଧିପ୍ରାପ୍ତ ହେଉଛି ଏବଂ ଏହି ମଦ୍ୟପଙ୍କ ମଧ୍ୟରୁ ଅଧାରୁ ଅଧିକ ତାହା କରୁଛନ୍ତି 'ଅତି ବିପଜ୍ଜନକ' ଭାବେ।

ଇତିମଧ୍ୟରେ କାନାଡାର ଟୋରେଣ୍ଟସ୍ଥିତ ସେଣ୍ଟର ଫର ଆଡିକ୍ସନ ଏଣ୍ଡ ମେଣ୍ଟାଲ ହେଲ୍‌ଥ ଏବଂ ଜର୍ମାନୀର ଟେକ୍ନିସ୍ଚେ ୟୁନିଭରସିଟାଟ୍ ଡ୍ରେସଡେନ ମିଳିତ ଭାବେ ବିଶ୍ୱର ୧୮୯ଟି ଦେଶରେ ମଦ୍ୟପାନ ସମ୍ପର୍କରେ ସର୍ବେକ୍ଷଣଟିଏ କରିଛନ୍ତି। ତହିଁରୁ ଜଣାପଡ଼ିଛି ଯେ ୧୯୯୦ ରୁ ୨୦୧୭ ମସିହା ମଧ୍ୟରେ ଏହା ପ୍ରାୟ ୭୦ ଶତାଂଶ ବୃଦ୍ଧି ପାଇଛି। ପୁନଶ୍ଚ ଉଚ୍ଚ ଆୟକାରୀ ଦେଶମାନଙ୍କରେ ଏ ପରିମାଣ ଅପରିବର୍ତ୍ତିତ କିମ୍ବା କମ୍ ହେଲା ବେଳେ ଭାରତ ଭଳି ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଏହା ଅଧିକ ହୋଇଛି। ଉଦାହରଣ ସ୍ୱରୂପ ୟୁରୋପରେ ୨୦୧୦ରୁ ୨୦୧୭ ମସିହା ମଧ୍ୟରେ ମୁଣ୍ଡ ପିଛା ବାର୍ଷିକ ମଦ୍ୟପାନ ୧୨ ଶତାଂଶ ହ୍ରାସ ପାଇଛି। କିନ୍ତୁ ତାହା ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କରେ ୩୪ ଶତାଂଶ ବୃଦ୍ଧି ହୋଇଛି। ତେବେ ସାମଗ୍ରିକ ଭାବେ ସାରା ବିଶ୍ୱରେ ସର୍ବାଧିକ ମଦ୍ୟପାନକାରୀ ହୋଇଥିବା ୪୦ରୁ ୬୪ ବର୍ଷୀୟ ଲୋକଙ୍କ ମଧ୍ୟରେ ଏହା ୫.୬୩ ଶତାଂଶ, ୧୫ରୁ ୩୯ ବର୍ଷୀୟଙ୍କ ମଧ୍ୟରେ ୫.୨୮ ଶତାଂଶ ଏବଂ ବୟସ୍କ ଲୋକଙ୍କ ମଧ୍ୟରେ ୨.୮୮ ଶତାଂଶ ହାରରେ ବଢ଼ିଛି। ଏହି ଧାରା ଅବ୍ୟାହତ ରହିଲେ ତଦ୍ୱାରା ଗଭୀର ରୂପେ ପ୍ରଭାବିତ ହେବ ଅର୍ଥନୀତି, ଜନସ୍ୱାସ୍ଥ୍ୟ ଓ ସମ୍ଭାବ୍ୟ ଆୟୁଷ, ସାମାଜିକ ତଥା ପାରିବାରିକ ଜୀବନ।

ଆମ ଦେଶର ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେର ଆକଳନ ଅନୁସାରେ ଏଠାର ପ୍ରାୟ ୨୧ ଶତାଂଶ ପୁରୁଷ ଏବଂ ୨ ଶତାଂଶ ନାରୀ ମଦ୍ୟପାନ କରିଥାନ୍ତି। ତେବେ ଚିନ୍ତାର ବିଷୟ ହେଲା, ଆମ ଯୁବଗୋଷ୍ଠୀ ଏଥିପ୍ରତି ଅଧିକରୁ ଅଧିକ ଆକର୍ଷିତ ହେବାରେ ଲାଗିଛନ୍ତି। ଅତଏବ ୧୫ ବର୍ଷ ପୂର୍ବେ ୨୧ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ୨ ଶତାଂଶ ଥିଲାବେଳେ ଏବେ (୨୦୨୩-୨୦୨୪ ମସିହାରେ) ତାହା ପହଞ୍ଚିଯାଇଛି ୧୪ ଶତାଂଶରେ। ପୁନଶ୍ଚ ବିଗତ ୨୦ ବର୍ଷ ମଧ୍ୟରେ ମଦ୍ୟପାନ ଆରମ୍ଭ କରିବାର ବୟସ ୧୯ ବର୍ଷରୁ ହ୍ରାସ ପାଇଛି ୧୩ ବର୍ଷକୁ। ଅନ୍ୟପକ୍ଷରେ, ଏ କ୍ଷେତ୍ରରେ ନୂତନ ସମସ୍ୟା ସୃଷ୍ଟି କରିଛି ବେଆଇନ ମଦ କାରବାର। 'ଇଣ୍ଟରନ୍ୟାଶନାଲ ସ୍ପିରିଟ୍ ଆଣ୍ଡ୍ ୱାଇନ ଆସୋସିଏଶନ ଅଫ୍ ଇଣ୍ଡିଆ' ଏଠାରେ ପ୍ରତିବର୍ଷ ବିକ୍ରୟ ହେଉଥିବା ପ୍ରାୟ ୫ ବିଲିୟନ ଲିଟର ମଦରୁ ୪୦ ଶତାଂଶ ବେଆଇନ ଭାବେ ପ୍ରସ୍ତୁତ ହେଉଥିବାର



ଆକଳନ କରିଛି। ଅନେକସ୍ଥଳେ ତାହା ଅପମିଶ୍ରିତ ଏବଂ ବିଷାକ୍ତ ହୋଇଥିବାରୁ ୨୦୧୬ରୁ ୨୦୨୦ ମସିହା ମଧ୍ୟରେ ଏହା ୬,୧୭୨ ଲୋକଙ୍କର ପ୍ରତ୍ୟକ୍ଷ ମୃତ୍ୟୁ (ପରୋକ୍ଷ ମୃତ୍ୟୁର ଆକଳନ ସମ୍ଭବ ନୁହେଁ, ତେବେ ତାହା ନିଶ୍ଚୟ ଖୁବ୍ ବେଶି) କାରଣ ହୋଇଥିବାର ଜଣାପଡ଼ିଛି। ନିକଟରେ ପଞ୍ଜାବରେ ବିଷାକ୍ତ ମଦପିଇ ୨୧ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ନିୟମିତ ଭାବେ ଏଭଳି ମୃତ୍ୟୁ ହୋଇଚାଲିଛି।

ଏସବୁ ଦୃଷ୍ଟିରୁ ଦେଶକୁ ମଦମୁକ୍ତ କରିବା ଲାଗି କେତେକ ମହଲରେ ନିୟମିତ ଆନ୍ଦୋଳନ ଚାଲିଛି। ତେବେ ତିନୋଟି ମୁଖ୍ୟ କାରଣ ଦର୍ଶାଇ ସରକାର ଏଥିରୁ ନିବୃତ୍ତ ରହୁଛନ୍ତି। ତନ୍ମଧ୍ୟରୁ ପ୍ରଥମଟି ହେଲା ଅର୍ଥନୈତିକ। କୁହାଯାଉଛି ଯେ ଅନେକ ରାଜ୍ୟର ମଦ ବ୍ୟବସାୟ ହେଉଛି ରାଜସ୍ୱ ଆୟର ପନ୍ଥା। ସେହିପରି ଦ୍ୱିତୀୟ କାରଣ ରୂପେ ଉପସ୍ଥାପିତ କରାଯାଉଛି ମଦ୍ୟପାନର ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ। ଶେଷରେ ତୃତୀୟ ଯୁକ୍ତିଟି ହେଲା ମଦ ବିକ୍ରୟ ବନ୍ଦ କରି ଦିଆଗଲେ ଅପମିଶ୍ରିତ ବେଆଇନ ମଦର କାରବାର ବଢ଼ିବ। ତେବେ ବିବିଧ ଅଧ୍ୟୟନରୁ ଏସବୁର ଅସାରତା ପ୍ରମାଣିତ ହେଲାଣି।

ପ୍ରଥମେ ଚାଲନ୍ତୁ ମଦର ଅର୍ଥନୈତିକ ଦିଗ କଥା ବିଚାରକୁ ନେବା-'ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ଡ୍ରଗ୍ ପଲିସି'ର ଜୁଲାଇ ୨୦୧୯ ସଂଖ୍ୟାରେ ସୂଚିତ କରାଯାଇଛି ଯେ ସମଗ୍ର ବିଶ୍ୱରେ ମଦ୍ୟପାନ ସହିତ ସମ୍ପୃକ୍ତ ବିବିଧ କାରଣରୁ ସମୁଦାୟ ଘରୋଇ ଉତ୍ପାଦ ବା 'ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ'କୁ ଘୋର କ୍ଷତି ପହଞ୍ଚିଛି, ବିଭିନ୍ନ ଦେଶରେ ଏହା ୦.୪୫ ଶତାଂଶରୁ ପ୍ରାୟ ୫.୪୪ ଶତାଂଶ ପର୍ଯ୍ୟନ୍ତ। ତେବେ ସାମଗ୍ରିକ ଭାବେ ସାରା ବିଶ୍ୱରେ ଏହା ୩.୩ ଶତାଂଶରୁ ଅଧିକ। ସ୍ୱାସ୍ଥ୍ୟଜନିତ ସମସ୍ୟା, ସାମାଜିକ ତଥା ଘରୋଇ ହିଂସା ବୃଦ୍ଧି, ଦୁର୍ଘଟଣା ସମ୍ବନ୍ଧରେ ଅବକ୍ଷୟ ଆଦିର ଏଥିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ମଦର ପ୍ରଚଳନ କଦାପି ଲାଭଜନକ ନୁହେଁ।

ଏବେ ଆସିବା ଜନସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଆକଳନ ଅନୁସାରେ ୨୦୧୮-୧୯ରେ ବିଶ୍ୱରେ ମଦ୍ୟପାନଜନିତ ଅକାଳ ମୃତ୍ୟୁ ଘଟିଥିଲା ପ୍ରାୟ ୨.୮ ନିୟୁତ ଲୋକଙ୍କର ଏବଂ ଅକର୍ମଣ୍ୟ ହୋଇଥିଲେ ପ୍ରାୟ ୧୩୬.୬ ନିୟୁତ। ପୁନଶ୍ଚ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ୧୮.୫ ଶତାଂଶ କର୍କଟ ରୋଗୀ, ୧୪.୬ ଶତାଂଶ ଯକୃତ ପ୍ରଦାହରୋଗୀ ଏବଂ ୩୮.୭ ଶତାଂଶ ବିଭିନ୍ନ କ୍ଷତିଗ୍ରସ୍ତ ରୋଗୀ ହେଉଛନ୍ତି ମାତ୍ରାଧିକ ମଦ୍ୟପାନକାରୀ। ଆମ ଦେଶରେ ଏ ପ୍ରକାର ଅଣ ସଂକ୍ରମଣକାରୀ ରୋଗରେ ଆକ୍ରାନ୍ତ ରୋଗୀଙ୍କ ମଧ୍ୟରୁ ଏମାନେ ହେଲେ ଏକପଞ୍ଚମାଂଶ।

କୌଣସି ମାତ୍ରାରେ ମଧ୍ୟ ମଦ୍ୟପାନ ନିରାପଦ ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କିଛିନା କିଛି କୁପ୍ରଭାବ ରହିଛି। ଏପରିସ୍ଥଳେ ଏହା ଆଦୌ ନ କରିବା ପାଇଁ ନିକଟରେ ଉପଦେଶ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଅନ୍ୟପକ୍ଷରେ ଆଜକୁ ପ୍ରାୟ ଏକ ଦଶକ ପୂର୍ବେ ଇଣ୍ଟରନ୍ୟାଶନାଲ ଏଜେନ୍‌ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର ମଦକୁ ଏକ ବିଷାକ୍ତ ତଥା ପ୍ରଥମ ଶ୍ରେଣୀର କର୍କଟ ରୋଗୀକାରୀ ରୂପେ ଘୋଷଣା କରିଥିଲା। ଏହା ଆମ ମସ୍ତିଷ୍କଠାରୁ ଆରମ୍ଭ କରି ଶରୀରର ଅଧିକାଂଶ ଅଙ୍ଗ ପ୍ରତ୍ୟଙ୍ଗର କ୍ରିୟାକଳାପକୁ ପ୍ରଭାବିତ କରେ। ଏଣୁ ଏହାଠାରୁ ଦୂରେଇ ରହିବା ଉଚିତ ବୋଲି ଏହା ମତ ଦେଇଥିଲା।

ମଦ୍ୟପାନର ସାମାଜିକ ତଥା ପାରିବାରିକ ଜୀବନ ଉପରେ ପ୍ରଭାବ ମଧ୍ୟ ବେଶ୍ ଅଧିକ। ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍‌ସେସ୍ ବା ନିମହାନସ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣ ଅନୁସାରେ ଏହା ସହରର ନିକଟବର୍ତ୍ତୀ ବସ୍ତିମାନଙ୍କରେ ବାସ କରୁଥିବା ନିମ୍ନ ଆୟକାରୀ ବର୍ଗଙ୍କ ମଧ୍ୟରେ ଅର୍ଦ୍ଧାଧିକ ଲୋକଙ୍କର ଆୟ ତୁଳନାରେ ମଦ୍ୟପାନରେ ବ୍ୟୟ ଅଧିକ। ଏହା ସୃଷ୍ଟି କରୁଥିବା ପାରିବାରିକ ହିଂସା ତଥା ବିବିଧ ଅସାମାଜିକ କାର୍ଯ୍ୟକଳାପର ମୂଲ୍ୟାୟନ କରାଗଲେ ତାହା ନିୟୁତ ନିୟୁତ ଟଙ୍କା ସହିତ ସମାନ ହେବ। ଆମ ଦେଶର କେତେ ଗ୍ରାମାଞ୍ଚଳ ଏବଂ ବହୁ ସହରାଞ୍ଚଳର ଅବସ୍ଥା ସେହି ଏକାପ୍ରକାର। ସୂଚନାଯୋଗ୍ୟ ଯେ ଆମ ରାଜ୍ୟରେ ୧୧ ଶତାଂଶ ଚାକିରି ହରାଇବା, ୧୨ ଶତାଂଶ ସମ୍ପତ୍ତି ହାନି ଘଟିବା ଏବଂ ୪୩ ଶତାଂଶ ପିଲା ଶିକ୍ଷାରୁ ବିରତ ରହିବାର ଏହା ହେଉଛି କାରଣ।

ଆମ ଦେଶର ସମ୍ବିଧାନର 'ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ'(ଡିରେକ୍ଟିଭ ପ୍ରିନ୍ସିପଲସ୍)ରେ ମଦ୍ୟପାନ ନିଷେଧକୁ ଅଗ୍ରାଧିକାର ଦେବାର ବ୍ୟବସ୍ଥା ରହିଛି। ଏହା କରିବା ଦାୟିତ୍ୱ ରାଜ୍ୟମାନଙ୍କର। ତେବେ ରାଜସ୍ୱ ହାନିର କାରଣ ଦର୍ଶାଇ ଏହା କରିବାକୁ ସେମାନେ ରାଜି ନୁହନ୍ତି। ଅନ୍ୟପକ୍ଷରେ, ଏ ଯୁକ୍ତିର ଅସାରତା ପ୍ରମାଣିତ ହୋଇଛି ବିହାର ଓ ଗୁଜରାଟ ଭଳି ମଦମୁକ୍ତ ରାଜ୍ୟମାନଙ୍କରେ। ସେହିପରି ମଦ୍ୟପାନ ନିଷେଧ କରାଗଲେ ତଦ୍ୱାରା ବେଆଇନ ତଥା ବିଷାକ୍ତ ଅପମିଶ୍ରିତ ମଦର ପ୍ରସାର ଘଟିବ ବୋଲି କରାଯାଉଥିବା ଯୁକ୍ତି ମଧ୍ୟ ନିରାଧାର। ଏହା ରୋକିବାରେ ଅକ୍ଷମତା ସରକାରଙ୍କ ଅପାରଗତା କିମ୍ବା ଅନିଚ୍ଛାକୁ ପ୍ରମାଣିତ କରେ।

ସୂଚନାଯୋଗ୍ୟ ଯେ ବିଗତ ଜାନୁଆରୀ ୩ ତାରିଖ(୨୦୨୫) ଦିନ ଆମେରିକାର 'ସର୍ଜନ ଜେନେରାଲ୍' ଡାକ୍ତର ବିବେକ ମୂର୍ତ୍ତି ମଦ ବୋତଲ ଉପରେ ଏହାର ବିଷାକ୍ତ ପରିଣାମଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ଜନସଚେତନତା ସୃଷ୍ଟି କରିବାକୁ ତାଙ୍କ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ଏବେ ଦକ୍ଷିଣ କୋରିଆ, ନରୱେ, ଥାଇଲାଣ୍ଡ, କାନାଡା ଭଳି କେତେକ ଦେଶରେ ଏହା କରାଯାଉଛି। ପରିଣାମ ସ୍ୱରୂପ ସେଠାରେ ମଦ୍ୟପାନ ହ୍ରାସ ପାଉଛି ବୋଲି କୁହାଯାଉଛି। ଏଣୁ ଆମ ସରକାର ବିନା ଦ୍ୱନ୍ଦ୍ୱ ବା ବିବାଦର ସମ୍ମୁଖୀନ ହୋଇ ତାହା କରିପାରନ୍ତେ।

**ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି, ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦**

# ସେବା ଓ ସେବକ



ଧ୍ରୁବ ଚରଣ ଘିବେଲା

ସେବା ଯେ କରେ ସେ ସେବାକାରୀ। ସେ ସେବକ। ସେବା ପୁଣି ନିଃସ୍ୱାର୍ଥପର ନିରଳସ ଥିଲେ ସେଇ ସେବା ବାସେ ମହମହ। ସେଇ ସେବାର ମହମହ ମହକ ସୀମିତ ଇଲାକାରେ ସୀମାବଦ୍ଧ ରହେ ନାହିଁ। ସେ ମହକ ବିଛୁରିତ ହୁଏ ମାଟିଠୁ ଆକାଶ ପର୍ଯ୍ୟନ୍ତ, ବ୍ୟାପ୍ତ ହୁଏ ଦିଗବିଦିଗକୁ। ସେବାର ବଳିଷ୍ଠ ଉଦାହରଣ ଫ୍ଲୋରେନ୍ସ ନାଇଟିଙ୍ଗେଲ ଓ ମଦର ଟେରେସା। ପୀଡ଼ିତ ସୈନିକଙ୍କୁ ପ୍ରଥମେ ସେବା ପ୍ରଦାନ କରିଥିଲେ ଇଂଲଣ୍ଡର ସେଇ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲ କ୍ରିମିଆନ ଯୁଦ୍ଧରେ। ସେତେବେଳେ ସେ ପରିଚିତ ଥିଲେ 'ଲେଡ଼ି ଉଇଥ୍ ଦି ଲ୍ୟାମ୍ପ'। ତାଙ୍କ ସେବାର ମହକ ଏତେ ବଳିଷ୍ଠ ଥିଲା ଯେ ତାହା ନିର୍ଦ୍ଦିଷ୍ଟ ଭୂମିଭୂଖଣ୍ଡରେ ସୀମିତ ରହିଯାଇନଥିଲା। ତାହା ବ୍ୟାପିଥିଲା ସମଗ୍ର ବିଶ୍ୱକୁ। ତେଣୁକରି ତ ଫ୍ଲୋରେନ୍ସ ନାଇଟିଙ୍ଗେଲ ହୋଇପାରିଥିଲେ ସମଗ୍ର ବିଶ୍ୱରେ ପରିଚିତ। ଦେଶ ବିଦେଶରେ ଚର୍ଚ୍ଚିତ। ସାମାନ୍ୟ ସେବିକାଙ୍କ ଅସାମାନ୍ୟ ସେବା ତାଙ୍କୁ କରିଥିଲା ମହୀୟସୀ। 'ନୋଟସ ଅନ୍ ନର୍ସିଙ୍ଗ'ର ସେ ରଚୟିତା। 'ରେଡକ୍ରସର ଇଣ୍ଟରନ୍ୟାଶନାଲ କମିଟି' ତରଫରୁ ପ୍ରଦାନ କରାଯାଉଛି 'ଫ୍ଲୋରେନ୍ସ ନାଇଟିଙ୍ଗେଲ ମେଡାଲ'। ସେମିତି ସେବା କ୍ଷେତ୍ରରେ ପରିଚୟ ତିଆରି କରିଥିଲେ ମଦର ଟେରେସା। ରୋମର ମାସିଡୋନିଆରେ ଜନ୍ମିତ ମଦର ଟେରେସା ଭାରତକୁ ତାଙ୍କର କର୍ମ (ସେବା) କ୍ଷେତ୍ର ଭାବେ ଚୟନ କରି ଭାରତର ଦରିଦ୍ରନାରାୟଣଙ୍କ ସେବାରେ ନିଜକୁ ସେ ସମ୍ପୂର୍ଣ୍ଣ ନିୟୋଜିତ କରିଦେଇଥିଲେ। ସେବା ପାଇଁ ଜୀବନ ଥିଲା ସମ୍ପୂର୍ଣ୍ଣ ସମର୍ପିତ। ସେଇ ସେବା ଯେଉଁ ହାତରେ ଦରିଦ୍ରଙ୍କୁ ପ୍ରଦାନ କରୁଥିଲେ ସେଇ ଉତ୍ସର୍ଗୀକୃତ ସେବା ତାଙ୍କ ହାତକୁ ଆଣି ଦେଇଥିଲା ପୃଥିବୀର ସର୍ବୋଚ୍ଚ ନୋବେଲ ଶାନ୍ତି ପୁରସ୍କାର ୧୯୭୯ ମସିହାରେ। 'ମାନବ ସେବା ହିଁ ମାଧବ ସେବା' ସେଇ ଉଚ୍ଚ ବିଚାର ଆଧାରରେ ସେବା କରିବା ଆଉ ସେବା ଦେବା ସେବାକାରୀଙ୍କ ସ୍ୱତନ୍ତ୍ର ପରିଚୟ। ତେବେ ସେବା ଦେବା ଏକ ଉଚ୍ଚ ମାନବୀୟ ଚେତନା। ସେବା ଦେବାରେ ଦେଖାଇହେବା ମାନସିକତା ନ ରହିବା ଚାହି। କେହି ସେବା ଦେବା ନେଇ କେବେ ବି ରୁଗ୍ଣ ବିଚାର ରଖିବା, ପୋଷଣ କରିବା ଉଚିତ ନୁହେଁ। ପୁଣି ସେବା ଦେଇ ଦେଖାଇହେବା ମାନସିକତା ରହିଲେ/ରଖାଗଲେ ତାହା ଉତ୍କୃଷ୍ଟ ସେବା ପର୍ଯ୍ୟାୟଭୁକ୍ତ ହୋଇ ନ ପାରେ। ସେବାରେ ସ୍ୱାର୍ଥର ଗନ୍ଧ ବାରିହେଲେ ତାହା ନିରୁତା ସେବାର ମର୍ଯ୍ୟାଦା ପାଇନଥାଏ।

ଆଜିକାଲିର ସେବା ଅନେକ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପର୍ଯ୍ୟାୟଭୁକ୍ତ ନ ହୋଇ ଚାଲୁ ଚଳନୀୟ ସେବାରେ ସୀମିତ ରହିଯାଉଥିବାର ଅନୁମାନ କରାଯାଏ। ବାସ୍ତବତା ଅପେକ୍ଷା ସେବା ମନେହୁଏ ଅଧିକ ପ୍ରଚାରମୁଖୀ ପ୍ରଚାରସର୍ବସ୍ୱ। ଅଯଥା ପ୍ରସାର କରାଯାଏ ବ୍ୟକ୍ତିର। ସେବାର ବାସ୍ନା ସେଠି କମ୍



ଥାଏ, ଯେଉଁଠି ପ୍ରଚାର ପ୍ରସାର ବେଶି କରାଯାଏ। ପ୍ରକୃତ ସେବା ଯେ ଦିଏ ସେଇ ପ୍ରକୃତ ସେବକ ପ୍ରଚାର ପ୍ରସାରଠୁ ସେ ବରାବର ଦୂରେଇ ରହେ। ନିରଳସ ସେବା ପ୍ରଦାନ କାର୍ଯ୍ୟ ଏମିତି ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହୁଏ ଯେ ତା'ର ପ୍ରଚାର ପ୍ରସାର ଆପେ ହୋଇଥାଏ। ନିରଳସ ନିଃସ୍ୱାର୍ଥପର ସେବା କରିବା ଭିତରେ ସେବାକାରୀ କେତେବେଳେ ଯେ ଉଚ୍ଚ ସେବକ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାନ୍ତି, ତାହା କୌଣସି ପୁରସ୍କାର ପ୍ରାପ୍ତିରେ ଯାଇ ବୃହତ୍ତର ସମାଜ ଆଗକୁ ଆସିବାର ସୁଯୋଗ ପାଏ ଏବଂ ସେଇ ସେବାର ମହାନତା ତା' ଆଗରୁ ସାମାଜିକ ସ୍ତରରେ ଚର୍ଚ୍ଚିତ ତଥା ସ୍ୱୀକୃତ ହୋଇସାରିଥାଏ। ଆଜିକାଲି ସେବା କ୍ଷେତ୍ରର ବ୍ୟାପକତା ବଢ଼ିଚାଲିଛି। ଯେମିତି ସ୍ୱାସ୍ଥ୍ୟ ସେବା, କୃଷି ସେବା, ଶିକ୍ଷା ସେବା, ପ୍ରଶାସନ ସେବା,ସାହିତ୍ୟ ସେବା,ସମାଜ ସେବା,ସର୍ବୋପରି ଦେଶଦଶ(ସମାଜ) ରାଷ୍ଟ୍ରସେବା ପ୍ରଣିଧାନଯୋଗ୍ୟ।

ଅସହାୟ ମାଆବାପାଙ୍କ ସେବା କରିବା, ସେମାନଙ୍କୁ ସେବା ଦେବା ସନ୍ତାନସନ୍ତତିଙ୍କ ନୈତିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ହେଲେ ଆଜିର ଦିନରେ ଅସହାୟ ମାଆବାପା ନିଜ ଜନ୍ମିତ ସନ୍ତାନଠୁ ଉପଯୁକ୍ତ ସେବା ପାଇ ନ ପାରି ଅତ୍ୟନ୍ତ ଦୁର୍ବିଷହ ଜୀବନ ଜିଇବାକୁ ବାଧ୍ୟ ହୁଅନ୍ତି। ଅନେକ କ୍ଷେତ୍ରରେ ଅଲୋଡ଼ା ରୁହନ୍ତି। ଅଣଦେଖାର ଶିକାର ହୁଅନ୍ତି। ମାଆବାପା ଯେଉଁ ପୁଅକୁ ପାଳି ପୋଷି ମଣିଷ କରନ୍ତି, ସେଇ ଚଳନ୍ତି ଠାକୁରମାନେ ଶେଷକୁ କିଛି ପୁଅଙ୍କ ଦ୍ୱାରା ଶେଷ ଜୀବନରେ ଅବହେଳିତ ହୁଅନ୍ତି। ଯେଉଁ ମାଆବାପା ପୁଅଠୁ ଠିକ୍ ସେବା ପାଆନ୍ତି, ସେହି ପୁଅ ଧନ୍ୟବାଦ ପାଇବା ଯୋଗ୍ୟ। ଯେଉଁଠି ରହି ନ ଥାଏ ପୁଅର ସେବା ଦେବାରେ ଏତେଟା ଆନ୍ତରିକ ଭାବ, ସେଠି ମାଆବାପା ପାଆନ୍ତି ଅନେକ ଦୁଃଖକଷ୍ଟ। ଯେଉଁ ପୁଅ ବୋହୂ ପାଖେ ସମୟ ନଥାଏ ସେବା ଦେବା ପାଇଁ ସେମାନେ ମାଆବାପାଙ୍କ ନୂଆ ଠିକଣା ତିଆରି କରାନ୍ତି 'ଜରା ନିବାସ' ବା 'ବୃଦ୍ଧାଶ୍ରମ'।

ପୁନଶ୍ଚ ଆମ ସୀମାନ୍ତ ପ୍ରହରୀ ବୀର ଯବାନଙ୍କ ଦେଶମାତୃକା ପାଇଁ ଉତ୍ସର୍ଗୀକୃତ ସେବାର ପଟାନ୍ତର ନାହିଁ। ସେହି ବୀର ଯବାନଙ୍କ ଆଗେ ଆପଣା ମୁଣ୍ଡ ଆପେ ନଇଁଯାଏ। ବୀର ଯବାନଙ୍କ ଦେଶରକ୍ଷା, ଦେଶ ସୁରକ୍ଷା ପାଇଁ ସେବା ଦେବାର ତୁଳନା ନାହିଁ। ପ୍ରଚାରପ୍ରସାରଠୁ ସେ ସେବା କାହିଁ କେତେ ଉଚ୍ଚରେ ଉର୍ଦ୍ଧ୍ୱରେ ଥାଏ। ସେଇ ସେବାର ସମକକ୍ଷ ଆଉ କେଉଁ ସେବା ହୋଇନପାରନ୍ତି , ଯଦିଓ ବାକି ସେବାର ମୂଲ୍ୟ ରହିଥାଏ। ଦେଶ ଗଢ଼ିବାରେ ବିଭିନ୍ନ ବର୍ଗର ବିଭିନ୍ନ ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ସେବା ଦେବାର ମୂଲ୍ୟ ଥାଏ। କୋଠାଘରେ ବସି ଦେଶ ପାଇଁ କାମ କରୁଥିବା ତଳିଆ କର୍ମଚାରୀଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚ ପଦାଧିକାରୀ ରାଜନେତାଙ୍କ ଯେଉଁ ଅବଦାନ ରହିଥାଏ, କୋଠା ତିଆରିରେ ଶ୍ରମଦାନ କରିଥିବା ଶ୍ରମିକଙ୍କ ମଧ୍ୟ ଅବଦାନ ସ୍ୱୀକୃତ ଥାଏ। କାମ ଛୋଟ ବଡ଼ ଯାହା ଥାଉ ନିଜ କାମ ଠିକ୍ ଠିକ୍ କରିବାରେ ଥାଏ ପରାକାଷ୍ଠା। ସେବା ଦେବାରେ ଥାଏ ମହାନତା। ତେବେ ଯିଏ ଦିଅନ୍ତି ଯଥାର୍ଥ ସେବା ସେ ହିଁ ପ୍ରକୃତ ସେବକ।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରି ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରାଉଛନ୍ତି ଗୁରୁଗ୍ରାମର ଆର୍ଯ୍ୟନ ଛୋପ୍ରା। ସେ ହେରିଟେଜ ଏକ୍ସପେରିମେଣ୍ଟାଲ ଲର୍ଣ୍ଣିଂ ସ୍କୁଲର ଦ୍ୱାଦଶ ଶ୍ରେଣୀର ଛାତ୍ର। ସେ ଗ୍ରାମୀଣ ଅଞ୍ଚଳରେ ଡିଜେଲ ଚାଳିତ ଅଟାକଳକୁ ସୌର ଶକ୍ତି ଦ୍ୱାରା ଚଳାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି। 'ପ୍ରୋଜେକ୍ଟ ସୂର୍ଯ୍ୟ ଚକ୍ର' ମାଧ୍ୟମରେ ସେ ଏହି କାମ କରୁଛନ୍ତି। ଫଳରେ ମିଲ୍ ମାଲିକ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦରେ ବଞ୍ଚାଇ ପାରୁଛନ୍ତି। ଏହା ବ୍ୟତୀତ ଡିଜେଲ ମିଲ ଦ୍ୱାରା ହେଉଥିବା କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବାକୁ ସକ୍ଷମ ହୋଇଛନ୍ତି। ସେ ହିମାଚଳ ପ୍ରଦେଶରେ ତାଙ୍କ ପୈତୃକ ଗ୍ରାମକୁ ଯାଇଥିବାବେଳେ ସେଠାରେ ଡିଜେଲ ଚାଳିତ ଅଟା ମିଲ ଦେଖିଥିଲେ ଓ ତାହା ସବୁ କିଭଳି ସୌରଶକ୍ତିରେ ଚାଲିବ ସେ ସମ୍ପର୍କରେ ଚିନ୍ତା କରିଥିଲେ। ପରେ ସେ ସୋଲାର ପ୍ୟାନେଲ ଲଗାଇବା ଲାଗି ଲୋନ ଦେଉଥିବା ମେଟାଫିନ୍ ନାମକ ଏକ ନନ୍ ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀ ସହ ଯୋଗଯୋଗ କରି ଅଟାମିଲ ମାଲିକଙ୍କୁ ସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସେ ଜୁଲାଇ ୨୦୨୪ରେ ଆରମ୍ଭ କରିଥିଲେ। ଉତ୍ତରପ୍ରଦେଶ ବାରାଣସୀର ଗ୍ରାମୀଣ ଅଞ୍ଚଳରେ ସେ ଏବେ ସୁଦ୍ଧା ୧୫ଟି ଡିଜେଲ ଚାଳିତ ଅଟାମିଲକୁ ସୌରଶକ୍ତିରେ ଚଳାଇବାକୁ ସକ୍ଷମ ହୋଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ମେ ୧୯୭୬

- ଉତ୍ପାଦିତ ଦ୍ରବ୍ୟକୁ ପ୍ରତିଯୋଗିତାମୂଳକ କରିବା ଓ ରପ୍ତାନୀ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସରକାର ପ୍ରତି ବର୍ଷ ୧୦ଟି କ୍ଷୁଦ୍ର ଶିଳ୍ପ ଆଧୁନିକୀକରଣ କରିବା ପାଇଁ ସ୍ଥିର କରିଛନ୍ତି।
- କେନ୍ଦ୍ର ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ସାଇକେଲ ଓ ଏହାର ଅଂଶ ତିଆରି କାରଖାନାଗୁଡ଼ିକ ପାଇଁ ଏକ ଉନ୍ନୟନ ପରିଷଦ ଗଠନ କରାଯାଇଛି।

## ଚିରନ୍ତନୀ

କାଷ୍ଠ ପାଷାଣ ଗଠିତ ହେ
ନିର୍ଜୀବ ଦେବତା-ମୂରତି!
ଏ ଦେଶ-ଶୋଣିତେ ଆଜି
ଜାଗ୍ରତ ଯେ ବିଶ୍ୱର କୀରତି।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | 4 | 6 |
| | 8 | | | | | | | 7 |
| 4 | | 9 | | | 7 | | | |
| 7 | | | | | | 1 | 3 | |
| | | 4 | | | | 5 | | 9 |
| | 2 | | | | 8 | | | 6 |
| | | | | | | 3 | | |
| | 4 | | | | | | | 2 |
| 2 | 1 | | 5 | | | 9 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 5 | 9 | 4 | 2 | 3 | 7 | 1 |
| 3 | 1 | 2 | 7 | 5 | 6 | 4 | 8 | 9 |
| 9 | 7 | 4 | 8 | 3 | 1 | 5 | 2 | 6 |
| 7 | 4 | 6 | 2 | 9 | 3 | 1 | 5 | 8 |
| 1 | 8 | 3 | 4 | 6 | 5 | 2 | 9 | 7 |
| 5 | 2 | 9 | 1 | 7 | 8 | 6 | 3 | 4 |
| 6 | 9 | 7 | 3 | 2 | 4 | 8 | 1 | 5 |
| 4 | 3 | 8 | 5 | 1 | 7 | 9 | 6 | 2 |
| 2 | 5 | 1 | 6 | 8 | 9 | 7 | 4 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କାମ ମାନ୍ଦା ପଡ଼ିଯାଇଛି

ମହାଶୟ,

ଗତ ନିର୍ବାଚନରେ ଭାଜପା ଆଦୌ ଜିତିନାହିଁ ବରଂ ବିଜେଡିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଗଣତନ୍ତ୍ରରେ କୌଣସି ଗୋଟିଏ ଦଳକୁ ଲୋକମାନେ ନ ଜିତାଇ ମତ ପରିବର୍ତ୍ତନ କରି ସରକାର ବଦଳାଇ ଥାନ୍ତି। କୌଣସି ଦଳ ବାରମ୍ବାର ସରକାର ଗଢ଼ିଲେ ଏକଚ୍ଛତ୍ରବାଦୀ ହୋଇଯିବାର ଆଶଙ୍କା ଥାଏ। କିନ୍ତୁ ଗତ ସରକାରରେ ସେଭଳି କୌଣସି ସଙ୍କେତ ନ ଥିଲା। କେବଳ ଅନେକ ଦିଗରେ ଲାଞ୍ଚ ଦେଇ ସରକାରଙ୍କୁ ବଦଳା ଯାଇଛି, ଯାହା ନିରାଟ ସତ୍ୟ। ଏହା ଗତଣତନ୍ତ୍ର ଶାସନ ପାଇଁ ଏକ ଶକ୍ତ ଧକ୍କା। ବିଲେଇ କପାଳକୁ ଶିକା ଛିଡ଼ିବା ଭଳି ଭାଜପା ତା'ର ଫାଇଦା ନେବା ପାଇଁ କଳେବଳେ କୌଶଳେ ଭୋଟ ହାତେଇବା ଲାଗି ବହୁ ମିଛ ବାହାନା କରି ଲାଗିପଡିଲା ; ଯାହା ଫଳରେ ସରକାର ବଦଳିଗଲା। କିନ୍ତୁ ଭାଜପା ଶାସନକୁ ଆସିବା ପରେ ସରକାରୀ କାମ ପୂରା ମାନ୍ଦା ପଡ଼ିଯାଇଛି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ରେମ ପାଇଁ ପାଳିତା ମା'ଙ୍କୁ ହତ୍ୟା ଘଟଣା

# ପ୍ରେମିକଙ୍କ ସମେତ ୨ ଗିରଫ

ପାରଳାଖେମୁଣ୍ଡି,୧୬।୫(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ଶୁଣ୍ଡିସାହିରେ ଜଣେ ନାବାଳିକା ନିଜ ପ୍ରେମିକଙ୍କ ସହ ମିଶି ବିଧବା ମା'ଙ୍କୁ ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ରାଜଲକ୍ଷ୍ମୀ କର। ରାଜଲକ୍ଷ୍ମୀ ଝିଅକୁ ଜନ୍ମ କରି ନ ଥିଲେ ମଧ୍ୟ ଜନ୍ମ ହେବାର ୩ ଦିନ ପରଠାରୁ ନିଜ ପାଖରେ ରଖି ଲାଳନପାଳନ କରିଥିଲେ। ଝିଅ ଯେଉଁଭଳି ଭଲ ପାଠ ପଢ଼ିବ ସେଥିପାଇଁ ସେ ଭୁବନେଶ୍ୱରରୁ ଆସି ପାରଳାଖେମୁଣ୍ଡିରେ ଘରଭଡ଼ା ନେଇ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ାଉଥିଲେ। ହେଲେ ଅଷ୍ଟମ ଶ୍ରେଣୀରେ ପଢୁଥିବା ୧୩ ବର୍ଷୀୟା ଝିଅ ପ୍ରେମଫାଶରେ ପଡ଼ିଥିଲେ। ମା' ରାଜଲକ୍ଷ୍ମୀ ବିରୋଧ କରିବାରୁ ପ୍ରେମିକ ଓ ତାଙ୍କ ସହଯୋଗୀଙ୍କ ସହ ମିଶି ରାଜଲକ୍ଷ୍ମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି। ପ୍ରେମିକ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଗଣେଶ ରଥ ଓରଫ ରିଙ୍କୁ (୨୧), ତାଙ୍କ ସହଯୋଗୀ ଓଡ଼ିଆ ପାରଳା ସାହିର ଦିନେଶ ସାହୁ ଓରଫ ଅମନ(୨୦)ଙ୍କୁ ଗିରଫ କରାଯାଇଛି। ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବା ଗୁରୁବାର ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ସ୍ୱଧାର ଗୃହ ଗଲେ ଝିଅ**



ଗିରଫ ୨ ଅଭିଯୁକ୍ତ।

ଅଭିଯୁକ୍ତ ପ୍ରେମିକ ଗଣେଶ ବିଭିନ୍ନ ସମୟରେ ନାବାଳିକାଙ୍କୁ ପ୍ରବର୍ତ୍ତାଇ ତାଙ୍କଘରୁ ଟଙ୍କା, ସୁନା ଆଣୁଥିଲେ। ନାବାଳିକାଙ୍କ ମା' ରାଜଲକ୍ଷ୍ମୀ ବିରୋଧ କରୁଥିବାରୁ ଗଣେଶ ତାଙ୍କୁ ରାସ୍ତାରୁ ହଟେଇବା ପାଇଁ ଯୋଜନା କରିଥିଲେ। ଗତ ଏପ୍ରିଲ ୨୯ରେ ଝିଅ ଦ୍ୱାରା ରାଜଲକ୍ଷ୍ମୀଙ୍କୁ ନିଦ ଔଷଧ ଖୁଆଇ ଅଚେତ କରିଥିଲେ। ପରେ ସେ ଘର ପଛପଟୁ ତାଙ୍କ ସହଯୋଗୀ ଦିନେଶଙ୍କ ସହ ଆସି ରାଜଲକ୍ଷ୍ମୀଙ୍କ ମୁହଁରେ ତକିଆମାଡ଼ି ଶ୍ୱାସରୁଦ୍ଧ କରି ମାରି ଦେଇଥିଲେ। ଏହାପରେ ନାବାଳିକା ଜଣକ ତାଙ୍କ ସମ୍ପର୍କୀୟଙ୍କୁ ହୃଦ୍‌ଘାତରେ ମା'ଙ୍କର ମୃତ୍ୟୁ ହୋଇଥିବା କହିଥିଲେ। ପ୍ରେମିକଙ୍କ ସହଯୋଗରେ ମୃତଦେହକୁ ନେଇ ଭୁବନେଶ୍ୱରରେ ମାମୁ ପ୍ରଫୁଲ୍ଲ ମିଶ୍ରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ମଧ୍ୟ ଦେଖାଯାଇଥିଲା। ପୂର୍ବରୁ ରାଜଲକ୍ଷ୍ମୀ ଔଷଧ ଖାଉଥିବାରୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବ ବୋଲି ସମ୍ପର୍କୀୟ ଓ ଡାକ୍ତର ମାନିନେଲେ। ଏହାପରେ ଗଣେଶ, ଦିନେଶ ଓ ନାବାଳିକା ସମ୍ପର୍କୀୟଙ୍କ ସହ ମିଶି ମୃତଦେହ ପୁରୀ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। କିନ୍ତୁ ନାବାଳିକାଙ୍କ କାର୍ଯ୍ୟକଳାପ ଦେଖି ରାଜଲକ୍ଷ୍ମୀଙ୍କ ଭାଇ ପ୍ରଫୁଲ୍ଲଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେ ପାରଳାଖେମୁଣ୍ଡି ଥାନାକୁ ଆସି ତାଙ୍କ ଭଉଣୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇନାହିଁ, ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ନାବାଳିକାଙ୍କୁ ପଚରାଉଚରା କରିବା ସମୟରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ପାରଳାଖେମୁଣ୍ଡି ପୋଲିସ ଗଣେଶ, ତାଙ୍କ ସହଯୋଗୀ ଦିନେଶ ଓ ନାବାଳିକାଙ୍କୁ ନେଇ ଗୁରୁବାର ଘଟଣାର ସିନ ରିକ୍ରିଏଟ କରିଥିଲା। ଅଭିଯୁକ୍ତ ଗଣେଶ ନାବାଳିକାଙ୍କ ଦ୍ୱାରା ବିଭିନ୍ନ ସମୟରେ ରାଜଲକ୍ଷ୍ମୀଙ୍କ ଘରୁ ଆଣିଥିବା ସୁନାଗହଣା ବିଭିନ୍ନ ସ୍ଥାନରେ ବନ୍ଧକ ରଖିଥିଲେ। ସେଥି ମଧ୍ୟରୁ ମୁଥୁଟ ଫାଇନାନ୍ସରେ ବନ୍ଧକ ରଖିଥିବା ୨୪ ଗ୍ରାମ ସୁନା ଗହଣା ଓ ୩ ଜଣଙ୍କ ମୋବାଇଲ ଫୋନ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।



ମୃତ ମହିଳା ରାଜଲକ୍ଷ୍ମୀ କର

# ଚାକିରି ଆଳରେ ୫୮.୭୫ ଲକ୍ଷ ଠକେଇ

ଭୁବନେଶ୍ୱର,୧୬।୫(ସତ୍ୟଜିତ ରାଉତ)

କନ୍‌ସଲଟାନ୍ସି ସଂସ୍ଥା ଖୋଲି ଠକେଇ ଜାଲ ବିଛାଇଥିଲେ ଶୋଭନ ରଞ୍ଜନ ବେହେରା। ତାଙ୍କ ଟାର୍ଗେଟରେ ଥିଲେ ଚାକିରି ଆଶାୟୀ। ଚାକିରି କରାଇଦେବା ଆଳରେ ୫ଜଣଙ୍କଠାରୁ ୫୮.୭୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଶୋଭନଙ୍କୁ ଶୁକ୍ରବାର ଗିରଫ କରିଛି। ଶୋଭନଙ୍କଠାରୁ ପୋଲିସ ୬ ଲକ୍ଷ ଟଙ୍କା ଜବତ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପୂର୍ବରୁ ଶୋଭନ ନୟାପଲ୍ଲୀ ଥାନା ଅନ୍ତର୍ଗତ ପ୍ଲଟ୍ ନଂ. ଏନ୍୧/୧୧୫ରେ ଏକ ସଂସ୍ଥା ଖୋଲିଥିଲେ। ପରେ ଝାରପଡାରେ ସଂଯୋଗ କନ୍‌ସଲଟାନ୍ସି ନାମରେ ଅଫିସ ଚଳାଉଛନ୍ତି। ବିଶେଷକରି ଘରୋଇ ସଂସ୍ଥାରେ ଚାକିରି ଦେବାକୁ କହି ଶୋଭନ ଆଶାୟୀମାନଙ୍କୁ ଫସାଉଥିଲେ। ଠକେଇର ଶିକାର ହୋଇଥିବା ବୌଦ୍ଧ ଜିଲା ରାମଗଡ ଅଞ୍ଚଳର ଦେବବ୍ରତ କର୍ଣ୍ଣ ଗତ ଫେବୃଆରୀ ୨୩ରେ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ୨୦୨୩ରେ ଶୋଭନ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୬ ଲକ୍ଷ ଟଙ୍କା ଠକି ନେଇଥିବା ଦେବବ୍ରତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୨୩/୨୦୨୫) ରୁଜୁକରିତଦନ୍ତ କରିଥିଲା। ଶୋଭନ ଗିରଫ ହେବା ପରେ ତାଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଥିଲା। ୪ଜଣ ଯୁବକ ଆସି ଭିନ୍ନ ଭିନ୍ନ ଅଭିଯୋଗ କରିଥିଲେ। ଶୋଭନ ଚାକିରି ଦେବା ଆଳରେ ମଞ୍ଜେଶ୍ୱରର ବିଶ୍ୱରଞ୍ଜନ ଦାଶଙ୍କଠାରୁ ୧୫ ଲକ୍ଷ, ବୌଦ୍ଧ ଜିଲା ଛତ୍ରଙ୍ଗା ଅଞ୍ଚଳର ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କଠାରୁ ୧୧ ଲକ୍ଷ, ସୁଧାଂଶୁ ଶେଖର ପାତ୍ରଙ୍କଠାରୁ ୧୧ ଲକ୍ଷ ଏବଂ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ଦୈତାରୀ ବେହେରାଙ୍କଠାରୁ ୧୫ ଲକ୍ଷ ୭୫ ହଜାର ଟଙ୍କା ନେଇ ଠକିଥିବା ଅଭିଯୋଗ ହୋଇଥିଲା। ୨୦୨୩ରେ ଏସବୁ ଠକେଇ ହୋଇଥିଲା। ଏହି ୪ଟି ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ଏଭଳି ଆଉ କେତେଜଣ ଆଶାୟୀଙ୍କୁ ଶୋଭନ ଠକିଥିବା ପୋଲିସ ସନ୍ଦେହ କରୁଛି। ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି, ଶୋଭନଙ୍କ ବିରୋଧରେ ଆଗକୁ ମାମଲା ସଂଖ୍ୟା ବଢ଼ିପାରେ। ତେବେ ଯୁବପିଢ଼ି ଏଭଳି ଠକେଇରେ ନ ପଡିବାକୁ ଡିସିପି ପରାମର୍ଶ ଦେଇଛନ୍ତି। କେହି ଚାକିରି କରାଇଦେବାକୁ କହି ପ୍ରଥମେ ଟଙ୍କା ମାଗିଲେ ସ୍ଥାନୀୟ ଥାନାରେ ଅଭିଯୋଗ ଦେବାକୁ ସେ ଅପିଲ କରିଛନ୍ତି।

**କନ୍‌ସଲଟାନ୍ସି ସଂସ୍ଥା ମୁଖ୍ୟ ଗିରଫ**

- ୫ ମାମଲା ରୁଜୁ, ବଢୁଛି ଅଭିଯୋଗ
- ଚାକିରି ପାଇଁ ଟଙ୍କା ନ ଦେବାକୁ ଡିସିପିଙ୍କ ପରାମର୍ଶ



ଗିରଫ ଅଭିଯୁକ୍ତ ଶୋଭନ ରଞ୍ଜନ ବେହେରା।

# ପାକିସ୍ତାନ ସପକ୍ଷରେ ପୋଷ୍ଟକରି ଯୁବକ ଗିରଫ

ଧୁଷୁରୀ, ୧୬।୫ (ଦୀପ୍ତି ରଞ୍ଜନ ନାୟକ)

ସୋସିଆଲ ମିଡିଆରେ ପାକିସ୍ତାନ ସପକ୍ଷରେ ପୋଷ୍ଟ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଦେଇ ଜଣେ ଯୁବକ ଗୁରୁବାର ରାତିରେ ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ବୟାଙ୍ଗଡିହି ପଞ୍ଚାୟତର ନୂଆଗାଁ ଗୁଡିପୋଖରୀ ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିର ଏସ୍‌କେ ମନୱାର ଅଲ୍ଲୀ।

ଉକ୍ତ ପୋଷ୍ଟକୁ ବିରୋଧ କରି କୋଠାର ଅଞ୍ଚଳର କେତେଜଣ ଯୁବକ ଧୁଷୁରୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଧୁଷୁରୀ ଥାନାଧିକାରୀ ଅଜୟ ବାଗେ ପୋଲିସ ଟିମ୍ ସହ ରାତିରେ ଚଢ଼ାଉ କରି ଏସ୍‌କେ ମନୱାରଙ୍କୁ କେନ୍ଦ୍ରାପଡ଼ାରୁ ଗିରଫ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୨୨୬/୨୫) ରୁଜୁ କରାଯାଇ ଶୁକ୍ରବାର ମଧ୍ୟାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ରାଜା ଚକ୍ରଙ୍କ ଆଲିଶାନ୍ ଫାର୍ମ ହାଉସ୍ ବାଜ୍ୟାପ୍ତ ହେବ

ଭୁବନେଶ୍ୱର,୧୬।୫(ସତ୍ୟଜିତ ରାଉତ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**

- ୪ ଅଭିଯୁକ୍ତଙ୍କ ନାଁରେ ହୋଇଛି ଅନ୍ତରୀଣ ଚାର୍ଜଶିଟ୍
- ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ: କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ

କେନ୍ଦୁଝର ଜିଲା ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍‌ସୋସାଇଟିଲିଃରେ ବହୁକୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ତେବେ ଏହି ମାମଲାରେ ଅନ୍ୟ ୩ଜଣଙ୍କ ସହ ଗିରଫ ହୋଇଥିବା ବିଜେଡି ନେତା ରାଜାଚକ୍ରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତଦନ୍ତ ସମୟରେ କେନ୍ଦୁଝର ସଦର ତହସିଲ ଅଧୀନ ଗୋପାଳପୁର ମୌଜାରେ ରାଜା ସରକାରୀ ଜମି ଉପରେ ଆଲିଶାନ୍ ଫାର୍ମ ହାଉସ କରିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ତେବେ ଏହି ଜମିକୁ ଜବରଦଖଲ ମୁକ୍ତ କରି ଫାର୍ମହାଉସକୁ ବାଜ୍ୟାପ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ ତ୍ରିପାଠୀ ଶୁକ୍ରବାର କହିଛନ୍ତି। ସେ କହିଛନ୍ତି, ମାମଲାରେ ରାଜାଙ୍କ ସମେତ ୪ ଅଭିଯୁକ୍ତଙ୍କ ବିରୋଧରେ ଅନ୍ତରୀଣ ଚାର୍ଜଶିଟ୍ ଦାଖଲ କରାଯାଇଥିବା ବେଳେ ତଦନ୍ତ ଖୋଲା ରହିଛି। ଗୋପାଳପୁର ମୌଜାରେ ୧୧.୧ ଏକର ଫାର୍ମ ହାଉସ ରହିଛି। ଏହା ସରକାରୀ ଜମିରେ ଥିବା ଅଭିଯୋଗ ଆସିବା ପରେ ପୋଲିସ, ବନ ବିଭାଗ, ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ସେଥିରୁ ୭.୪ ଏକର ସରକାରୀ ଜମିରେ ଥିବା ଜଣାପଡ଼ିଥିଲା। ଉକ୍ତ ସରକାରୀ ଜମିରେ ଫାଟକ, ଚିଲ୍‌ଡ୍ରେନ୍ ପାର୍କ, ଗାଡ଼ିଆ, ଆମ୍ବ ବଗିଚା ଆଦି ରାଜା କରିଛନ୍ତି। ବାକି ୩.୭ ଏକର ଜମି ରାଜାଙ୍କ ସ୍ତ୍ରୀଙ୍କ ନାଁରେ ରହିଛି। ଏହି ଫାର୍ମ ହାଉସକୁ ସିଲ୍ କରାଯିବ। ଏହି ମାମଲାରେ ୪ଜଣଙ୍କୁ ଗିରଫ କରାଯାଇ ସେମାନଙ୍କର ବହୁତ ଆକାଉଣ୍ଟ ଫ୍ରିଜ୍ ହୋଇଛି। ତେବେ ଏଥିରେ ବହୁ ଲୋକଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଛି। ସେମାନଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ରାଜା, ୩ ସହଯୋଗୀଙ୍କ ଜାମିନ ଖାରଜ

**କଟକ,୧୬।୫(କାର୍ତ୍ତିକ ସାହୁ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃ ଦୁର୍ନୀତି ମାମଲାରେ ରାଜା ଚକ୍ର ଏବଂ ତାଙ୍କ ୩ ସହଯୋଗୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଛନ୍ତି। ସହଯୋଗୀମାନେ ହେଲେ ସମିତିର ପୂର୍ବତନ ସଭାପତି ମାନସ ବାରିକ, ସମ୍ପାଦକ ଉତ୍କଳ ଦାସ ଏବଂ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲ। ଅଭିଯୁକ୍ତମାନେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ମାମଲାରେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତମାନଙ୍କୁ ଜାମିନରେ ଛଡ଼ାଗଲେ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଜାମିନ ଆବେଦନର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Fresh/Experienced Wanted Dynamic **Sales / Customer Support Engineer** for a leading Organization in BBSR. Dealing with Industrial Product.
**Contact : 9437053367**
Write to -
sibashaktielastomerbbsr@gmail.com

See Career Appointment on every **Wednesday & Saturday**

**KESHAV MEMORIAL ENGINEERING COLLEGE**
(Unit of Keshav Memorial Technical Educational Society)Affiliated to Osmania University, Approved by AICTE, New Delhi.Survey No. 35, Kachavanisingaram (V), Ghatkesar (M), Medchal - Malkajgiri District.
Ph. no: 040-29560274, www.kmec.in
WANTED EXPERIENCED
**PROFESSORS, ASSOCIATE PROFESSORS, ASSISTANT PROFESSORS IN CSE, CSE (AI ML) Departments.**
Salary as per AICTE norms. Interested (and eligible) candidates can send their resumes to **resumes@kmec.in** by **25th May, 2025. Ph: 9000206010**
Secretary

**SBI**
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି
ଖାଲି ପଦବୀ ସଂଖ୍ୟା: 2964
(ବ୍ୟାକଲଗ୍ ଖାଲି ପଦବୀ ସହିତ)
ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers ରେ ବିଜ୍ଞାପନ ନମ୍ବର **CRPD/CBO/2025-26/03** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 09.05.2025 ରୁ 29.05.2025 ପର୍ଯ୍ୟନ୍ତ ।**
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ https://bank.sbi/careers.
**ସ୍ଥାନ:** ମୁମ୍ବାଇ
**ତାରିଖ:** 09.05.2025
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# TAHASIL OFFICE KOTPAD DIST-KORAPUT

## LAND ACQUISITION OFFICER AND COMPETENT AUTHORITY (NH-63), KOTPAD, DIST-KORAPUT

**PUBLIC NOTICE**

रजिस्ट्री सं. डी.एल.-33004/99 REGD. No. D. L.-33004/99

**भारत का राजपत्र**
**The Gazette of India**

ଅସାଧାରଣ (EXTRAORDINARY)
ଭାଗ II-ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ନୂଆଦିଲ୍ଲୀ, ଶୁକ୍ରବାର, ମଇ ୯, ୨୦୨୫ / ବୈଶାଖ 19, 1947
NEW DELHI, FRIDAY, MAY 9, 2025 / VAISAKHA 19, 1947

## MINISTRY OF ROAD TRANSPORT AND HIGHWAYS

**NOTIFICATION**

New Delhi, the 9th May, 2025

**S.O. 2077(E).**Whereas by the notification of the Government of India in the Ministry of Road Transport and Highways, **3973(E) Dated:18/09/2024**, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for construction of Toll Plaza Maintenance, management and operation of NH63 in the stretch of land from Km. 6.6 to Km. 21 (Kotpad bypass) on National Highway-63 in the district of KORAPUT in the state of ODISHA

And whereas the substance of the said notification has been published in "**Dharitri**" and "**Prameya**" both dated 09.11.2024 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in t he said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

Sd/- **Tahasildar-cum-Land Acquisition Officer & Competent Authority, Kotpad, Dist-KORAPUT**

### SCHEDULE

**Brief description of the land to be acquired, with or without structure, falling within the NH63 in the stretch of land from Km. 6.6 to Km. 21 (Kotpad bypass) in the district of KORAPUT in the state of ODISHA**

| State: ODISHA | | | District: KORAPUT | | |
|---|---|---|---|---|---|
| Sl. No. | Survey/ Plot Number | Type of Land | Nature of Land | Area (in Hectares) | Name of Land Owner/Interested Person |
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222 | Kurusa Disari, Tularam Disari, Jhituru Disari 1553 |
| 2 | 1554 | Private | paddy-2 | 0.173 | Hema Naik, Pakili Naik, Lachhami Naik, Jagabandhu Naik, Sadan Naik, Raghunath Naik, Gobinda Naik 1554 |
| 3 | 1556 | Private | paddy-2 | 0.227 | Hari Disari, Gopi Disari, Madhu Disari, Gobinda Disari, Somanath Disari, Balaram Disari, Samu Disari 1556 |
| 4 | 1556/1842 | Private | paddy-2 | 0.16 | Sukru Disari S-o- Khagapati Disari 1556/1842 |
| 5 | 1557 | Private | Dangar-1 | 0.21 | Sorojini Pradhan 1557 |
| 6 | 1559 | Private | paddy-2 | 0.002 | Manaj Kumar Brahma 1559 |
| 7 | 1563 | Private | Paddy-2 | 0.091 | Kamala Majhi 1563 |
| 8 | 1564 | Private | paddy-2 | 0.11 | Deba Ganda, Bali Ganda 1564 |
| 9 | 1564/1824 | Private | Paddy-2 | 0.079 | Nanda Ganda 1564/1824 |
| 10 | 1564/1927 | Private | Paddy-2 | 0.168 | Phaguna Ganda, Jamuna Ganda, Laxmi Ganda 1564/1927 |
| 11 | 1565 | Private | Paddy-2 | 0.483 | Laxmi Ganda 1565 |
| 12 | 1566 | Private | paddy-2 | 0.014 | Ghasiram Harijan 1566 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056 | Nanda Bisoi 225/350 |
| 14 | 225/351 | Private | paddy-1 | 0.388 | Purana Harijan 225/351 |
| Village: Hardoli | | | | | |
| 15 | 355 | Private | paddy-1 | 0.241 | Tripati Swain, Santosh Swain 355 |
| 16 | 359 | Private | Paddy-1 | 0.104 | Sonu Muria 359 |
| | | | Total | 2.728 | |

[F. No. RO/BBSR/11017/By-passes/100/2018/3D]
SHAIKH AMINKHAN, Director

## ସଂକ୍ଷେପରେ


### ବାଲିବୋଝେଇ ଟ୍ରାକ୍ଟରରୁ ୭୫ ହଜାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ପାଟଣା,୧୬ା୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରୁ ବେଆଇନ ବାଲି ଚୋରାଚାଲାଣ ସମୟରେ ପାଟଣା ବନବିଭାଗ ଅପ୍ରେଲ ୨୬ରେ ନୂଆପଡ଼ା ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲା। ଗୁରୁବାର ଉକ୍ତ ଟ୍ରାକ୍ଟରରୁ ୭୫ ହଜାର ୩୩୯ ଟଙ୍କା ଜରିମାନା ଆଦାୟ କରିଛି। ଟ୍ରାକ୍ଟର ମାଲିକ କେତାଙ୍ଗ ଗ୍ରାମର ସୁବର୍ଣ୍ଣ ପ୍ରଧାନ ଜରିମାନା ପୀଠ କରି ଟ୍ରାକ୍ଟର ନେଇଥିବା ଜଣାପଡ଼ିଛି।

### ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା

ଡେଙ୍କିକୋଟ,୧୬ା୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଡେଙ୍କିକୋଟଠାରେ ଥିବା ହନୁମାନ ମଣ୍ଡପରେ ପବିତ୍ର ବୃଷ ସଂକ୍ରାନ୍ତି ଅବସରରେ ଡେଙ୍କିକୋଟ ଶ୍ରୀରାମ ନବମୀ କମିଟି କର୍ମକର୍ତ୍ତା ହୋମ ଯୋଜ୍ଞ ସହ ପୂଜା ପାଠ କରିଛନ୍ତି। ପୂଜା କାର୍ଯ୍ୟରେ ଘସିପୁରା ବ୍ଲକ୍ ବଳରାମପୁର ଗ୍ରାମର ରାକେଶ ରୋଶନ ବିଶ୍ୱାଳ, ସ୍ତ୍ରୀ ରାଜେଶ୍ୱରୀ ଜେନା ପରିବାର ସହ ଭୋଗ ରାଗ ଲଗାଇଥିଲେ। ପ୍ରଭୁ ହନୁମାନଙ୍କ ପୂଜା ମଣ୍ଡପ ଅଧପନ୍ତରା ହୋଇ ପଡିଥିବା ସବିଶେଷ ଅଂଶ କୁ ଟାଇଲ ଗ୍ରାନାଇଟ ଦ୍ୱାରା ସମ୍ପୂର୍ଣ୍ଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କୁ ଅନୁଷ୍ଠାନ ତରଫରୁ ସଭାପତି ରାଜକିଶୋର ସାହୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ଗୋଚାଲାଣ ବେଳେ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ, ଗୋରୁ ଉଦ୍ଧାର



ପାଟଣା,୧୬ା୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ପାଟଣା କରଞ୍ଜିଆ ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରିଡ଼ିହା ଛକ ନିକଟରୁ ଗୁରୁବାର ବିଳମ୍ବିତ ରାତିରେ ଏକ ସ୍କର୍ପିଓରୁ ୬ ଗୋରୁ ଉଦ୍ଧାର ହୋଇଛି। ସ୍କର୍ପିଓଟି ଦୁର୍ଘଟଣା ଗ୍ରସ୍ତ ହୋଇଯିବାରୁ ଗୋଚାଲାଣର ଗୁମର ଖୋଲିଥିବା କୁହାଯାଉଛି। ଉଦ୍ଧାର ଗୋରୁ ମଧ୍ୟରୁ ୫ ଗୋରୁ ଅନ୍ଧାରରେ କେଉଁଆଡ଼େ ଚାଲି ଯାଇଥିଲେ। ଗୋଟିଏ ଗୋରୁ ପାଟଣା ପୋଲିସ କରଞ୍ଜିଆ ଗୋଶାଳାରେ ଛାଡ଼ିଛି। ସୂଚନା ଅନୁଯାୟୀ, ସ୍କର୍ପିଓ(ନଂ. ଆର ୦୫ଏ ଏଚ ୮୧୨୪) ପାଟଣା ପଟୁ କରଞ୍ଜିଆ ଅଭିମୁଖେ ଯାଉଥିଲା। ଭାରସାମ୍ୟ ହରାଇ ଖଜୁରିଡ଼ିହା ଛକ ରାସ୍ତାକଡ଼ ଡ୍ରେନ୍ ଭିତରକୁ ପଶିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ଯୁବକ ଓ ପରେ ପାଟଣା ପୋଲିସ ପହଞ୍ଚିଥିଲା। ଗାଡ଼ି ଭିତରେ ଗୋରୁ ଥିବା ଦେଖିବାକୁ ପାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ସହ ଗୋଚାଲାଣକାରୀ ଫେରାର ହୋଇଯାଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରି ପୋଲିସ ତଦନ୍ତ କରୁଛି।

# ରାସ୍ତା ନିର୍ମାଣ ଦାବିରେ ରାଜପଥ ଅବରୋଧ



ଧାରଣାରେ ବସିଥିବା ସ୍ଥାନୀୟ ଗ୍ରାମର ମହିଳା, ପୁରୁଷମାନେ।

**ଯୋଡ଼ା,୧୬ା୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼କାଳିମାଟି ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ.୨ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାରିଯାନ ଚଳାଚଳ କାରଣରୁ ରାସ୍ତାରେ ଖାଲଖମା ସୃଷ୍ଟିହୋଇ ଯାତାୟାତରେ ସମସ୍ୟା ଉପୁଜୁଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କୁ ତଥା ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ କୌଣସି ସୁଫଳ ମିଳିପାରିନାହିଁ। ରାସ୍ତା ନିର୍ମାଣ ଦାବିରେ ଶତାଧିକ ଗ୍ରାମବାସୀ ଶୁକ୍ରବାର ସକାଳ ୮ ଟାରେ ଜାତୀୟ ରାଜପଥ ଅବରୋଧକରି ପ୍ରତିବାଦ କରିଥିଲେ। ଅବରୋଧ ଫଳରେ ଓଡ଼ିଶା ଖଣି ନିଗମ, ମିତ୍ତଲ, କାଶ୍ଭି, ଟିପି ମହାନ୍ତି, ପ୍ରୋ ମିନେରାଲ ପ୍ରଭୃତି ଖଣିର ଅନେକ ଶହ ଖଣିଜ ବୋଝେଇ ଟ୍ରକ୍ ରାସ୍ତାରେ ଅଟକି ରହିଥିଲା।

ବଡ଼ କାଳିମାଟି ସରପଞ୍ଚ ପାନପତି ମୁଣ୍ଡା କହିଛନ୍ତି, ଖଣିଜ ଟ୍ରକ୍ ଚଳାଚଳ ଯୋଗୁ ବ୍ୟସ୍ତବହୁଳ ରାସ୍ତା ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କେନ୍ଦୁଝର ପୂର୍ବତନ ଜିଲାପାଳ ଆଶିଷ ଠାକ୍ରେ ରାସ୍ତା ନିର୍ମାଣ କରାଯିବ ବୋଲି କହି ତାଙ୍କ ସମୟ କାଳ ସମାପ୍ତକରି ପଳାଇଲେ। ସରକାର ବଦଳିଲା, ଜିଲାପାଳ ବଦଳିଲେ। ମାତ୍ର ସମାନ ଦୁରବସ୍ଥା ଅଞ୍ଚଳବାସୀ ଭୋଗୁଛନ୍ତି। ରାସ୍ତାରେ ସ୍କୁଲ ବସ୍, ଯାତ୍ରୀବାହୀ ବସ୍ ଚଳାଚଳ ଦୀର୍ଘ ବର୍ଷ ହେଲା ବନ୍ଦ ରହିଛି। ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯିବାକୁ ଗ୍ରାମବାସୀ ଝୁମ୍ପୁରା ଦେଇ ପ୍ରାୟ ୬୦ କି.ମି. ବାଟ ବୁଲି ଆସୁଛନ୍ତି। ଭାତ

**ରାଜ୍ୟ ରାଜପଥ ନଂ.୨ ବିପର୍ଯ୍ୟସ୍ତ**

ରାନ୍ଧି ଘରେ ରଖିଲେ ନାଲି ଧୂଳିରେ ଲାଲ ପଡ଼ିଯାଉଛି। ରୋଗୀସେବା ପାଇଁ ଆମ୍ବୁଲାନ୍ସ ଅପହଞ୍ଚ ହୋଇ ରହିଛି। ବିଶେଷ କରି ରାସ୍ତା ବଳଦା, ବଡ଼ କାଳିମାଟି, ପଳଶା, ନୟାଗଡ଼, ବସନ୍ତପୁର ପଞ୍ଚାୟତବାସୀଙ୍କ ଦୁଃଖ ସାଜିଛି। ଠିକା ସଂସ୍ଥାକୁ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ମାତ୍ର ଠିକାସଂସ୍ଥା କାମ ଆରମ୍ଭକରି ନିରୁଦ୍ଦିଷ୍ଟ ହୋଇଯାଇଥିବା କହିଛନ୍ତି। ଯୋଡ଼ା ଖଣି ମଣ୍ଡଳରେ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚହେବା ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିକୁ ଖଣି ଲିଜ୍‌ଧାରୀ ଦେଉଛନ୍ତି। ପ୍ରକୃତ ପ୍ରଭାବିତ ଅଞ୍ଚଳବାସୀ ଏଥିରୁ କୌଣସି ପ୍ରକାର ସୁବିଧା ସୁଯୋଗ ପାଇପାରୁନାହାନ୍ତି ବୋଲି ଗ୍ରାମର ପରମେଶ୍ୱର ନାଏକ, ସମିତି ସଭ୍ୟ ଅଷ୍ଟମୀ ମୁଣ୍ଡା ପ୍ରମୁଖ କହିଛନ୍ତି। ଏ ନେଇ ଗ୍ରାମବାସୀ ସାମୂହିକ ଭାବେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ଅଧିକାରୀଙ୍କୁ ଲିଖିତଭାବେ ଅବଗତ କରିଛନ୍ତି।

## ଘଟଗାଁରେ ଜେଏମ୍‌ଏଫ୍‌ସି ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଏମ୍‌ପି ଅନନ୍ତ ନାୟକ, ଜିଲାପାଳ ବିଶାଲ ସିଂହ ଓ ଅନ୍ୟମାନେ।

**ଘଟଗାଁ,୧୬ା୫(ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁରେ ଶୁକ୍ରବାର ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ସେକ୍ସନ କୋର୍ଟର ଜଜ ଗୋପାଳ ଚନ୍ଦ୍ର ବେହେରା, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଜିଲାପାଳ ବିଶାଳ ସିଂହ, ଜେଏମ୍‌ଏଫ୍‌ସି କୋର୍ଟ ଜଜ୍ ଅବିନାଶ ନନ୍ଦ, ରେଜିଷ୍ଟ୍ରାର ସୁଚେତା କ୍ରିପାଲିଣି, କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ଅଖିଳ ପାତ୍ର, ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଏବିଡ଼ିଓ ଚିତ୍ତ ରଞ୍ଜନ ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଭାସ ଜେନା, ସହକାରୀ ଯନ୍ତ୍ରୀ ଭୋଳାନାଥ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଜୟନ୍ତ ଜେନା, ଜିଲା ବାର ଆସୋସିଏଶନ ସଭାପତି ଆଲୋକ ମହାନ୍ତ, ସମ୍ପାଦକ ଅକ୍ଷୟ ଜେନା, ସଦସ୍ୟ ପତିତପାବନ ନାଥ, ଅନାମ ମହାନ୍ତ, ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୂଷିତ ହେଉଛି ବୈତରଣୀ ଜଳ

**ଚମ୍ପୁଆ,୧୬ା୫(ମହେଶ୍ୱର ଦାସ)**

**ଉପଜିଲାପାଳଙ୍କୁ ଭେଟିଲେ ବୁଦ୍ଧିଜୀବୀ**



ବୁଦ୍ଧିଜୀବୀଙ୍କ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦୁଝର ଚମ୍ପୁଆ ଉପଖଣ୍ଡବାସୀଙ୍କ ଜୀବନରେଖା କୁହାଯାଉଥିବା ବୈତରଣୀ ନଦୀ ଜଳ ମାଛ ଧରା ପାଇଁ ଦୂଷିତ ହେଉଛି। ଏହାର ପ୍ରତିକାର ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀମାନେ ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ନଦୀ ଜଳକୁ ଦୂଷିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଦାବି ଜଣାଇଛନ୍ତି।

ଦାବି ଅନୁସାରେ, କାନପୁର ନଦୀବନ୍ଧ ଯୋଜନା କାର୍ଯ୍ୟ ଚାଲିଥିବାରୁ ପ୍ରକଳ୍ପ ପକ୍ଷରୁ ବୈତରଣୀ ନଦୀରେ ପ୍ରବାହିତ ଜଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଫଳରେ ଚାଷୀଙ୍କଠାରୁ ଆରମ୍ଭ କରି ନଦୀ ଉପରେ ନିର୍ଭର କରୁଥିବା ନଦୀକୂଳିଆ ଗ୍ରାମବାସୀ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଏହି ଚିରସ୍ରୋତା ବୈତରଣୀ ନଦୀରେ ରହିଥିବା ଗଣ୍ଡ ଓ ଗଭୀର ଜାଗାଗୁଡ଼ିକରେ ଜମି ରହିଥିବା ପାଣିକୁ ନଦୀ କୂଳିଆ ଗ୍ରାମବାସୀ ବ୍ୟବହାର କରି କଷ୍ଟମଷ୍ଟେ ନିଜ ଆବଶ୍ୟକତା ପୂରଣ କରୁଛନ୍ତି। ନଦୀ କେନ୍ଦୁଝର ଓ ମୟୂରଭଞ୍ଜ ସୀମା ନିର୍ଦ୍ଧାରଣ କରିଥିବା ବେଳେ କେତେକ ସ୍ଥାନରେ ଏହା ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟ ସୀମା ପାଲଟିଛି। ମାତ୍ର ମାଛ ଧରାଳିମାନେ ନାନାପ୍ରକାର ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଥିବାରୁ ନଦୀ ପାଣି ଦୂଷିତ ହେବାରେ ଲାଗିଛି। ଫଳରେ ଗୃହପାଳିତଙ୍କଠାରୁ ଆରମ୍ଭ କରି ଜନସାଧାରଣ ଜଳକଷ୍ଟ ଭୋଗ କରୁଛନ୍ତି। ମାଛ ଧରିବା ନାଁରେ ରାସାୟନିକ ଦ୍ରବ୍ୟ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ନଦୀ ଜଳକୁ ଶୁଦ୍ଧ ଓ ସୁରକ୍ଷିତ ରଖିବା, ବ୍ୟବହାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଉପ ଜିଲାପଳ ଉମାକାନ୍ତ ପରିଡ଼ା କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା, ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଚମ୍ପୁଆ ତହସିଲଦାର ଓ ପୋଲିସ ବିଭାଗକୁ ସୂଚନା ଦିଆଯିବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜିନ୍ଦଲ ପକ୍ଷରୁ ଗୋଷ୍ଠୀକେନ୍ଦ୍ର ଲୋକାର୍ପିତ

କେନ୍ଦୁଝର,୧୬ା୫(ନରେଶ ଚନ୍ଦ୍ର ପଟ୍ଟନାୟକ): ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ କେନ୍ଦୁଝର ଜିଲା ବୀରକଳା ପଞ୍ଚାୟତର ବିଲେଇପଦାରେ ନିର୍ମିତ ଏକ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଲୋକାର୍ପିତ ହୋଇଯାଇଛି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ ଏହାକୁ ଉଦ୍‌ଘାଟନ କରି ଜିନ୍ଦଲ ଫାଉଣ୍ଡେଶନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ଏହି ଗୃହ ବ୍ୟବହୃତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ୍‌ଡି, ଜିଲାପରିଷଦ ସଭ୍ୟ ଡମ୍ବରୁଧର କୁଦଦା, ବୀରକଳା ସରପଞ୍ଚ ମୁଖା ନାଏକ, ନାଏବ ସରପଞ୍ଚ କୁନ୍ତଳା ଖିଲାର, ପଞ୍ଚାୟତ ସମିତି ସଦସ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଓ ସିଏସ୍‌ଆର ମୁଖ୍ୟ ଭର୍ଜିଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ଖିଲାର, ମହେନ୍ଦ୍ର ଘାନା, ଅର୍ଜୁନ ମୁଣ୍ଡା, ନରେଶ ପ୍ରଧାନ, ରଞ୍ଜିତ ବାରିକ, ବୀରସିଂ ମୁଣ୍ଡା, ଜଗନ୍ନାଥ ବାରିକ, ସନ୍ଧ୍ୟାରାଣୀ ବାରିକ, ଶାନ୍ତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଡେଙ୍ଗୁ ଦିବସ



ଡେଙ୍ଗୁ ଦିବସ ପାଳନ ଅବସରରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରମାନେ।

**କେନ୍ଦୁଝର,୧୬ା୫(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି ଅଧ୍ୟକ୍ଷତା କରି ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ବାବଦରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବସନ୍ତ ପାତ୍ର, ଡା. ନୀଲମ ମହାନ୍ତି, ଡା. ପ୍ରଣଦିନୀ ନାୟକ, ଏସିଏଫ ଏସ୍‌କେ ଦାସ, ଗୋଲେଖ ଚନ୍ଦ୍ର ସାହୁ, ଜୟନ୍ତ ସିଂହ ଓ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭରତ ସାହୁ ସଂଯୋଜନା କରିଥିଲେ।

## ବିଜ୍ଞାନରେ ଅଭିୟାନ, କଳାରେ ଅଙ୍କିତା ଟପ୍ପର

**ହଦଗଡ଼ ପିଏମ୍‌ଶ୍ରୀ ନବୋଦୟର ଦ୍ୱାଦଶ ଫଳାଫଳ**



ଅଭିୟାନ ବିଶ୍ୱାଳ



ଅଙ୍କିତା କୁମାରୀ

**ବଉଳା,୧୬ା୫( ଦୁର୍ଗା ପ୍ରସାଦ ଆୟଚ )**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହଦଗଡ଼ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ କଳାରେ ବିଦ୍ୟାଳୟକୁ ଶତ ପ୍ରତିଶତ ସଫଳତା ମିଳିଛି। ବିଜ୍ଞାନରେ ଅଭିୟାନ ବିଶ୍ୱାଳ ୯୩ ପ୍ରତିଶତ ଓ କଳାରେ ଅଙ୍କିତା କୁମାରୀ ୯୪.୪ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ଡି.ଏଲ ସାହୁ ୯୦.୨୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ବିଦୁସ୍ମିତା ବାରିକ ୯୫.୨୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଳାରେ ଲୋପାମୁଦ୍ରା ଜେନା ୯୨.୮ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ଜ୍ୟୋତିପ୍ରଜ୍ଞା ସିଂ ୯୧.୮ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନ ଓ କଳାରେ ମୋଟ ୮୨ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କୁ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଭାଇସ ପ୍ରିନ୍ସପାଲ ଉପେନ୍ଦ୍ରନାଥ ମଲ୍ଲିକ ଶୁଭେଚ୍ଛା ଜଣାଇଛନ୍ତି।

# ସରକାରୀ ଖାତାକୁ ଯିବ ବାଲୁଙ୍କେଶ୍ୱରଙ୍କ ଜମି

**କେନ୍ଦୁଝର,୧୬ା୫(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହର ବଡ଼ଶାସନର ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହେଶ ଟ୍ରଷ୍ଟ ବୋର୍ଡ ଅଧୀନରେ ଥିବା ଜମି ସରକାରୀ ଖାତାକୁ ଯିବ। ଟ୍ରଷ୍ଟ ଅଧୀନରେ ଥିବା ଷ୍ଟାଡିୟମ, କାଳୀପଡ଼ିଆ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ ଥିବା ମ୍ୟୁନିସିପାଲିଟି ମାର୍କେଟ, ପ୍ରେମ ଲତିକା କଳାଭବନ ସମ୍ମୁଖରେ ଥିବା ଜମି ସରକାରୀ ଖାତାକୁ ନେବା ପାଇଁ ବୋର୍ଡ ଅଫ୍ ରେଭେନ୍ୟୁର ସଭ୍ୟ କୋର୍ଟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଗତ ୮ ତାରିଖରେ ଶୁଣାଣି କରି ବୋର୍ଡ ଅଫ ରେଭେନ୍ୟୁ ଏକ ରିଭିଜିନ କେସ (ଓଏଇ ରିଭିଜନ ମିସକେସ ନମ୍ବର ୩୦୩/୨୦୨୪)ର ଶୁଣାଣି କରି ଆଦେଶ କରିଛନ୍ତି। କେସ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳ କରିଥିଲେ। କେନ୍ଦୁଝର ତହସିଲଦାର, ଉପଜିଲାପାଳ ଓ ବଡ଼ଶାସନର ବାଲୁଙ୍କେଶ୍ୱର ମହେଶ ଟ୍ରଷ୍ଟ ବୋର୍ଡ ସଭାପତି ପ୍ରତିପକ୍ଷ ପାର୍ଟି ରହିଥିଲେ।

ପ୍ରକାଶ ଯେ, ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମହେଶଙ୍କ ଟ୍ରଷ୍ଟ ବୋର୍ଡ ନାମରେ ଥିବା ଜମିପଟ୍ଟା ୧୯୮୫ରେ ସରକାରୀ ଖାତାରୁ ବେନିୟମ ଭାବେ ପରିବର୍ତ୍ତନ କରାଯାଇଥିବା ଜିଲାପାଳ କୋର୍ଟରେ ଦର୍ଶାଯାଇଥିଲା। ଜମିକୁ ପୁଣି ସରକାରୀ ଖାତାକୁ ଓ ଆର୍‌ଓଆର୍ ପରିବର୍ତ୍ତନ ପାଇଁ ବୋର୍ଡ ଅଫ୍ ରେଭେନ୍ୟୁରେ ଏକ ମାମଲା ରୁଜୁ ହୋଇଥିଲା। ୨୦୨୫ ମେ ୭ରେ ଏହାର ରାୟ ପ୍ରକାଶ ପାଇଛି। ଅର୍ଥାତ୍ ଓଇଏ ନଂ. ୩୦୩/୨୦୨୪ରେ ରାୟ ଅନୁଯାୟୀ, ବାଲୁଙ୍କେଶ୍ୱର ଟ୍ରଷ୍ଟ ହାତରେ ଥିବା ଏହି ଜମିର ଆର୍‌ଓଆର୍‌କୁ ବୋର୍ଡ ଅଫ୍ ରେଭେନ୍ୟୁ ଖାରଜ କରି ସରକାରୀ ଖାତାକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୪୮ ଏକରରୁ ଊର୍ଦ୍ଧ୍ୱ ଜମି ଏବେ ସରକାରୀ ଖାତାକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

କେନ୍ଦୁଝର ସହର ମଧ୍ୟଭାଗରେ ଥିବା ଉକ୍ତ କାଳୀପଡ଼ିଆରେ ବର୍ଷତମାମ ସରକାରୀ ଉତ୍ସବ, ଓର୍‌ମାସ ମେଳା, ରାଜନୈତିକ ସଭା, ବେସରକାରୀ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ କାଳୀପଡ଼ିଆରେ ୧୯୪୧ରୁ ତତ୍କାଳୀନ କେନ୍ଦୁଝର ମହାରାଜା ବଳଭଦ୍ର ଭଞ୍ଜ ଦେଓଙ୍କ ଦ୍ୱାରା କାଳୀପୂଜା ଆରମ୍ଭ ହୋଇଥିଲା। କାଳୀପୂଜା ଏବେ କେନ୍ଦୁଝରର ଗଣପର୍ବରେ ପରିଗଣିତ ହୋଇଛି। ତେଣୁ ଏହାର ଉନ୍ନତି ପ୍ରଶାସନ ପକ୍ଷରୁ କରାଗଲେ ଏହା ଆହୁରି ଆକର୍ଷଣୀୟ ହେବ ବୋଲି ବୁଦ୍ଧିଜୀବୀ ଅଜୟ ମିଶ୍ର କହିଛନ୍ତି। ସେପଟେ ଷ୍ଟାଡିୟମର ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରୁ ନ ଥିଲା। ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଥିବା ଜମି, ଷ୍ଟାଡିୟମ, କାଳୀପଡ଼ିଆ କିପରି ବାଲୁଙ୍କେଶ୍ୱର ମହେଶ ଟ୍ରଷ୍ଟ ବୋର୍ଡ ଅଧୀନରେ ରହିଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ବୋଲି ପୂର୍ବତନ କାଉନ୍‌ସିଲର ମୋହିନୀ ମୋହନ ମିଶ୍ର କହିଛନ୍ତି।

# କାରୋ ନଦୀରେ ସେତୁ ଭିତ୍ତିପ୍ରସ୍ତର

**କେନ୍ଦୁଝର,୧୬ା୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**



ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ଅନ୍ୟମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ବାଲାଗୋଡ଼ା-ଉଲିବୁର ଭାୟା ହାୟରପୁର ରାସ୍ତାର କାରୋ ନଦୀ ଉପରେ ସେତୁ ନିର୍ମାଣ ହେବ। ଏଥିପାଇଁ ଗୁରୁବାର ଅପରାହ୍ନ ୨ଟାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପାଇଁ ଟେଣ୍ଡର କରାଯାଇ ମେସର୍ସ ଜ୍ୟୋତି କନଷ୍ଟ୍ରକଶନକୁ କାର୍ଯ୍ୟାଦେଶ ଦିଆଯାଇଛି। ସେତୁ ଆଗାମୀ ୨୦୨୬ ଅପ୍ରେଲ ୩ ମଧ୍ୟରେ ଶେଷ ହେବ। ୧୦ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ଆର୍ଥିକ ଅନୁଦାନ ଜିଲା ଖଣିଜ ପାଣ୍ଠି ପକ୍ଷରୁ ଦିଆଯାଇଛି। ସେତୁ ନିର୍ମାଣ ଦ୍ୱାରା ଆଖପାଖ ପ୍ରାୟ ୧୦ ଗ୍ରାମର ଅଧିବାସୀ ଉପକୃତ ହେବେ ବୋଲି ଏମ୍‌ପି କହିଛନ୍ତି। ସେତୁର ଲମ୍ବ ୯୫ ମିଟର ଏବଂ ଓସାର ୭.୫ ମିଟର ରଖାଯାଇଛି। ସେତୁର ଉଭୟ ପାର୍ଶ୍ୱରେ ୧ କିଲୋମିଟର ପିଚୁ ରାସ୍ତା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ମାଝୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ହରିହର ମହାନ୍ତ, ଚମ୍ପୁଆ ବିଧାୟକଙ୍କ ଜିଲା ପ୍ରତିନିଧି ସଞ୍ଜିବ ବେହେରା(ଲୁଲୁ), ଗ୍ରାମ୍ୟ ଉନ୍ନୟନ ବିଭାଗ(୨)ର ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ମାଝୀ, ଚମ୍ପୁଆ ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାମଚନ୍ଦ୍ର ପ୍ରଧାନ, ବଲାଣି ସରପଞ୍ଚ ମୁଗା ମୁଣ୍ଡା, ଯୋଡ଼ା ବ୍ଲକ୍ ଉପାଧ୍ୟକ୍ଷା ମାଳତୀ ଖଟୁଆ, ବଡ଼ବିଲ ବିଧାୟକଙ୍କ ପ୍ରତିନିଧି ମୋହନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ପଞ୍ଚାୟତବାସୀ

**ଆନନ୍ଦପୁର,୧୬ା୫(ସୁଶାନ୍ତ କୁମାର ସାହୁ)**

**ବାଉଁଶଗଡ଼ ବସ୍‌ଷ୍ଟାଣ୍ଡକୁ ଯାଉନି ବସ୍**




କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ବାଉଁଶଗଡ଼ ପଞ୍ଚାୟତ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ମାତ୍ର ବସ ଚାଲୁ ନ ଥିବାରୁ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଆନନ୍ଦପୁର ବ୍ଲକ୍‌ର ୧୮ ପଞ୍ଚାୟତ ମଧ୍ୟରୁ ପଞ୍ଚୁପୁଲି, ଗୟଳମୁଣ୍ଡା, କାଠକଟା, କଣ୍ଟିପାଳ, ବୁଢ଼ୀକୁଦ ଆଦି ମୁଖ୍ୟ ଷ୍ଟପେଜ୍ ଦେଇ ୫ ବସ୍ ଚଳାଚଳ କରୁଛି। ଗୋଟିଏ ବସ୍ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ଯାତାୟାତ କରୁଛି। ଉକ୍ତ ୫ ବସ୍ ୧୭ ପଞ୍ଚାୟତକୁ ସଂଯୋଗ କରୁଥିବା ବେଳେ ବାଉଁଶଗଡ଼ ପଞ୍ଚାୟତକୁ କୌଣସି ବସ ଚଳାଚଳ କରୁନାହିଁ। ଫଳରେ ପଞ୍ଚାୟତର ୪୦, ୦୦୦ରୁ ଊର୍ଦ୍ଧ୍ୱ ଲୋକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଗ୍ରାମବାସୀ ପୂର୍ବରୁ ଆନନ୍ଦପୁର ବ୍ଲକ୍‌ରେ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦାବିପତ୍ର ପ୍ରଦାନ କରିଥିବା ସରପଞ୍ଚ ସରସ୍ୱତୀ ସେଠୀ, ପୂର୍ବତନ ସରପଞ୍ଚ ସନାତନ ଦେହୁରୀ, ନରହରୀ ଦେହୁରୀ, ଶ୍ରୀକାନ୍ତ ପାତ୍ର, ରବିନାରାୟଣ ଦେହୁରୀ, ରାମଚନ୍ଦ୍ର ନାଏକ, ରତ୍ନାକର ରାଉତ, ମଳୟ ପାତ୍ର, ଦୟାନିଧି ନାଏକ, ନିରାକାର ନାଏକ ପ୍ରମୁଖ କହିଛନ୍ତି। ଏ ବିଷୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ସୁପରଭାଇଜର ସରୋଜ କୁମାର ମହାନ୍ତଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତା ଖରାପ ହୋଇଥିବାରୁ ବସ ଯାଇପାରୁନି। ଏବେ ଯଦି ରାସ୍ତା ଠିକ୍ ହୋଇଯାଇଥିବ ତାହାଲେ ବସ୍ ଯାତାୟାତ କରିବ।

# ଅଟୋ ଭଡ଼ାକୁ କେନ୍ଦ୍ରକରି ଘର ଜାଳିଦେଲେ

**ବାସୁଦେବପୁର,୧୬।୫ (କାଳିପଦ ରାୟ)**

ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାକାନ୍ତପୁର ୩ ନଂ. ୱାର୍ଡରେ ରବୀନ୍ଦ୍ର ସେନାପତିଙ୍କ ୩ବଖରା ଘର ଗୁରୁବାର ବିଳମ୍ବିତ ରାତିରେ ଜଳିଯାଇଛି। ଏକ ଅଟୋ ଭଡ଼ାକୁ କେନ୍ଦ୍ରକରି ଝଗଡ଼ା ଯୋଗୁ ତାଙ୍କ ଘର ପୋଡ଼ି ଦିଆଯାଇଥିବା ରବୀନ୍ଦ୍ର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ରାଧାକାନ୍ତପୁର ଗ୍ରାମର ଜଣେ ବ୍ୟକ୍ତି ରବୀନ୍ଦ୍ରଙ୍କ ଅଟୋକୁ କୌଣସି ଜାଗାକୁ ଭଡ଼ା ନେବା ପାଇଁ କହିଥିଲେ। ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଅଟୋ ନେଇ ରବୀନ୍ଦ୍ର ଅପେକ୍ଷା କରିବା ପରେ ଅଟୋ ନ ନେବାରୁ ସେ ଫେରି ଯାଇଥିଲେ। ପରେ ଉକ୍ତ ବ୍ୟକ୍ତି ଓ ତାଙ୍କ ସହଯୋଗୀ ବାସୁଦେବପୁର ବଜାରରେ ଅଟୋ ଅଟକାଇ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଉକ୍ତ ବ୍ୟକ୍ତି ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଏନେଇ ଏକ ମାମଲା (ନଂ.୩୬୩/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ଥାନାଧିକାରୀ ଲୋପାମୁଦ୍ରା ନାୟକ କହିଛନ୍ତି।

# ଜବରଦଖଲରେ ଗୋଚର ଜମି, ଗ୍ରାମ୍ୟ ଜଙ୍ଗଲ



ଅଭିଯୋଗ କରିବାକୁ ଆସିଥିବା ଚକରାସାହି ଗ୍ରାମବାସୀ।


## ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ

**ତିହିଡ଼ି, ୧୬।୫ (ସଞ୍ଜିତ ବଳ)**

ତିହିଡ଼ି ତହସିଲ ଅଧୀନ ବାରସର ପଞ୍ଚାୟତର ଦପା ଓ ତଳଦପା ମୌଜାର ୨ଶହ ଏକର ଗୋଚର ଜମି, ଗ୍ରାମ୍ୟ ଜଙ୍ଗଲ ଜବରଦଖଲ ହୋଇଛି। ଏହି ସରକାରୀ ଜମିକୁ ଦୀର୍ଘବର୍ଷ ହେଲା ଜବରଦଖଲ କରି କେତେକ ଗ୍ରାମବାସୀ ଚାଷ କରିବା ସହ ଗୃହ ନିର୍ମାଣ କରିଥିବା ପଞ୍ଚାୟତ ଅଧୀନ ଚକରାସାହି ଗ୍ରାମର ଅଧିବାସୀ ଶୁକ୍ରବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସକାଳ ୯ଟା ବେଳେ ସେମାନେ ତହସିଲଦାରଙ୍କୁ ଭେଟି ଏନେଇ ଅଭିଯୋଗ କରିବା ସହ ମାପଚୁପ ଦ୍ୱାରା ସରକାରୀ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ ପାଇଁ ଦାବି ଜଣାଇଛନ୍ତି।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଦପା ମୌଜାର ୮୬୨ନଂ. ଖାତା ଓ ପ୍ଲଟ୍ ନଂ. ୩୯୦୪ରେ ଥିବା ୨୭ ଏକର ୩୧ ଡିସିମିଲ ଗୋଚର, ତଳଦପା ମୌଜାର ଖାତା ନଂ. ୫୨୧, ପ୍ଲଟ୍ ନଂ. ୨୨୧୯ରେ ୬. ୬୫ ଏକର, ପ୍ଲଟ୍ ନଂ. ୨୩୧୯ରେ ୬୬. ୯୧ ଏକର ଗୋଚର, ପ୍ଲଟ୍ ନଂ. ୨୧୨୬ରେ ୯୧. ୪୬ ଏକର ଗ୍ରାମ୍ୟ ଜଙ୍ଗଲ, ଖାତା ନଂ. ୫୨୨, ପ୍ଲଟ୍ ନଂ. ୧୪୫ରେ ୧. ୩୧ ଏକର ଓ ପ୍ଲଟ୍ ନଂ. ୪୪୮ରେ ୮. ୭୪ ଏକର ଗୋଚର ଜମି ଜବରଦଖଲ ହୋଇଛି। ଏଥିଯୋଗୁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୃତଦେହ ସଂସ୍କାର ଓ ଗୋରୁ ଚରିବା ପାଇଁ ଜାଗା ମିଳୁନାହିଁ। ଏପରିକି ପିଲାମାନେ ଖେଳକୁଦ କରିବାକୁ ପଡ଼ିଆ ପାଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ୨୦୧୨ରେ ଗ୍ରାମବାସୀ ଏ ସମ୍ପର୍କରେ ତତ୍କାଳୀନ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ମାପଚୁପ କରି ସରକାରୀ ଜାଗା ଅବରୋଧମୁକ୍ତ କରିବାକୁ ସେମାନେ ଦାବି ଜଣାଇଥିଲେ। ତତ୍କାଳୀନ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରିଥିଲେ। ପରେ ଗ୍ରାମରେ ହୋଇଥିବା ସଭାରେ ସରକାରୀ ଜାଗା ଛାଡ଼ିବାକୁ ନିଷ୍ପତ୍ତି ହୋଇଥିଲା। ଜବରଦଖଲକାରୀମାନେ ସରକାରୀ ଜାଗା ଛାଡ଼ି ଦେଇଥିଲେ। ଏହାର କିଛିବର୍ଷ ପରେ ପୁଣି ଜବରଦଖଲ ହେବାରୁ ଗତବର୍ଷ ଡିସେମ୍ବର ୨୬ରେ ଗ୍ରାମବାସୀ ପୁନର୍ବାର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଏହାର ସରଜମିନ ତଦନ୍ତ କରିଥିଲେ। ଗତ ମାସ ୨୩ ତାରିଖରେ ସେ ତହସିଲଦାରଙ୍କୁ ଅବରୋଧ ସମ୍ପର୍କରେ ସବିଶେଷ ସୂଚନା ଦେବା ସହ ସରକାରୀ ଅମିନଙ୍କ ଦ୍ୱାରା ମାପଚୁପ କରାଇବାକୁ ବିବରଣୀରେ ଉଲ୍ଲେଖ କରିଥିଲେ। ଏହା କାର୍ଯ୍ୟକାରୀ ନ ହେବାରୁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ଚକରାସାହି ଗ୍ରାମର ଆନନ୍ଦ ନାୟକ, ପୀତାମ୍ବର ନାୟକ, ଟୁଟୁ ନାୟକ, ଗୁଣାକାର ନାୟକ, ପ୍ରଫୁଲ୍ଲ ନାୟକ, ଗିରିଶ ଚନ୍ଦ୍ର ନାୟକ, ବାବୁରାମ ନାୟକ, ପ୍ରଭାତ ନାୟକ, ସୁବାସ ବଳ, ବିଜୟ ବାରିକ, ଉମାକାନ୍ତ ବିଶ୍ୱାଳ, ଶଶିକାନ୍ତ ବିଶ୍ୱାଳ, ଶ୍ରୀଧର ବାରିକ ପ୍ରମୁଖ କହିଛନ୍ତି। ଶନିବାର ଏହାର କ୍ଷେତ୍ରୀୟ ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ରାଜ୍ୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



କାବ୍ୟରଞ୍ଜନ ମାଝୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବନ୍ତ,୧୬।୫ (ହରିନାରାୟଣ ମହାନ୍ତି)**

ସିବିଏସ୍‌ଇ ଦଶମ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟ ରାଜ୍ୟ ଟପ୍ପର ହୋଇଥିବା ବନ୍ତ ପଳାଶଗଡ଼ିଆ ଆଦର୍ଶ ବିଦ୍ୟାଳୟର ଛାତ୍ର କାବ୍ୟରଞ୍ଜନ ମାଝୀଙ୍କୁ ବୁଧବାର ମା' ଟିକେଇଶୁଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୯୯.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ସମେତ ଜିଲା ପାଇଁ ଗୌରବ ଆଣିଛନ୍ତି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ହରେକୃଷ୍ଣ ବେହୁରା, ନିର୍ଦ୍ଦେଶକ ସସ୍ମିତ କୁମାର ପଣ୍ଡା, ସହ ଟ୍ରଷ୍ଟି ରବୀନ୍ଦ୍ର ଓଝା, ଉପଦେଷ୍ଟା ରମାକାନ୍ତ ଯେନା, ଶତ୍ରୁଘ୍ନ ଜେନା ଓ ଅମରେନ୍ଦ୍ର ସେଠୀ ତାଙ୍କୁ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# 'ସଦାନନ୍ଦ ଥିଲେ ବହୁ ପ୍ରତିଭାର ଅଧିକାରୀ'



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭଦ୍ରକ,୧୬।୫(ରବିନାରାୟଣ ଖିଲାର)**

କବି ସଦାନନ୍ଦ ସାହୁ ବହୁ ପ୍ରତିଭାର ଅଧିକାରୀ ଥିଲେ। ସେ ଏକାଧାରରେ ଜଣେ କବି, କଳାକାର, ଖବରଦାତା ଓ ସୁସଙ୍ଗଠକ ଥିଲେ। ପ୍ରକୃତିର ଚିତ୍ରଣ, ପରିବେଶର ଗାଥା, ଦେଶାତ୍ମବୋଧକ ଭାବଧାରା ଏବଂ ଲୋକ ପରମ୍ପରାର ଚିତ୍ରଣ ତାଙ୍କ କବିତାରୁ ବାରି ହୋଇପଡୁଥିଲା। ସେ ବିଭିନ୍ନ ସଙ୍ଗଠନରେ ରହି ଦାୟିତ୍ୱ ସୁଚାରୁରୂପେ ତୁଲାଉଥିଲେ ବୋଲି ଶୁକ୍ରବାର ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଧ୍ୟାହ୍ନରେ ଭଦ୍ରକର ଚରମ୍ପାଠାରେ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ସଭାପତିତ୍ୱରେ ସ୍ମୃତିସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଇଂ. ଅଭୟ ସୂତାର, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅଜୟ ମଲ୍ଲିକ, ଶିକ୍ଷାବିତ୍ ଗୟାଧର ପଣ୍ଡା, କବି ବାବୁଲାଲ ଦାସ, ଡା. ଅନିଲ କୁମାର ଦାଶ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିବଚରଣ ଖାମୁରାଇ ଯୋଗ ଦେଇଥିଲେ। କବୟିତ୍ରୀ ଜାନକୀ ପାଢ଼ୀ, ମନୋରମା ରାୟ, ମମତାରାଣୀ ଦାଶ ଓ ଗୀତାଞ୍ଜଳି ଅଗସ୍ତି କବିତା ପାଠର ସଂଯୋଜନା କରିଥିଲେ। କବି ବିଜୟ ବହଳି, ନାରାୟଣ ପ୍ରଧାନ, ପ୍ରବୋଧ କୁମାର ଅଗସ୍ତି, ପ୍ରମୋଦା ପଟ୍ଟନାୟକ, ସୁରେଶ ମହାନ୍ତି, କାର୍ତ୍ତିକ ମଲ୍ଲିକ ପ୍ରମୁଖ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ସ୍ୱରାଜବାର୍ତ୍ତାର ସ୍ୱତନ୍ତ୍ର ସଂଖ୍ୟା 'ବାପା' ଲୋକାର୍ପିତ ହୋଇଥିଲା। ସ୍ୱର୍ଗତ ସାହୁଙ୍କ ପୁତୁରା ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାଇଁ ବିଜୟ ଶଙ୍କର ତ୍ରିପାଠୀ, ଦେବାନନ୍ଦ ପାଣି ଓ କମିଟିର ସଂଯୋଜକ ବାବୁଲାଲ ଦାସ ପରିଚାଳନା କରିଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**ଧାମନଗର,୧୬।୫ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକ ଅଧୀନ ଗଡ଼ିଆଳି ଗ୍ରାମର ଆଦର୍ଶ ଶିକ୍ଷକ ତଥା ପୂର୍ବତନ ପ୍ରଧାନଶିକ୍ଷକ ମୁରଲୀଧର ମିଶ୍ର(୬୪)ଙ୍କ ଗୁରୁବାର ରାତି ୧୧ଟା ୩୦ ବେଳେ ପରଲୋକ ହୋଇଯାଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।



ମୁରଲୀଧର ମିଶ୍ର।

ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ବରିଷ୍ଠ ଭାଜପା ନେତା ହରେକୃଷ୍ଣ ପାଢ଼ୀ, ସରପଞ୍ଚ ସରୋଜ ସ୍ୱାଇଁ, ସମିତିସଭ୍ୟ ଅନନ୍ତ ମିଶ୍ର, ସାମାଜିକ କର୍ମୀ ଅରୁଣ ସାହୁ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ହୋତା, ଜିଲା ଉପସଭାପତି ପର୍ଶୁରାମ ପାତ୍ର, ବ୍ଲକ ସମ୍ପାଦକ ହେମନ୍ତ ସୂତାର, ପୂର୍ବତନ ଜିଲା ସଭାପତି ରମାକାନ୍ତ ପରିଡ଼ା, ପୂର୍ବତନ ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ପ୍ରମୁଖ ଶୁକ୍ରବାର ସକାଳେ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପୂର୍ବତନ ସଭାପତି ତ୍ରିଲୋଚନ ନାୟକ ଶୋକବ୍ୟକ୍ତ କରିବା ସହ ଫୋନ୍ ଯୋଗେ ସମବେଦନା ଜଣାଇଛନ୍ତି। ମୁରଲୀଧର ଷେଣ୍ଢପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ଖପରପଦା ହାଇସ୍କୁଲ, ଅସୁରାଳି ଉଚ୍ଚ ବିଦ୍ୟାଳୟ ଓ ଶେଷରେ ଧାମନଗର ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିଲେ। ମରଶରୀର ଶୋଭାଯାତ୍ରାରେ ଗାଁ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ କରାଯାଇଛି।

# ଚାରା ଉତ୍ପାଦନ କେନ୍ଦ୍ରକୁ ନାହିଁ ସ୍ଥାୟୀ ରାସ୍ତା




ବାଲିନଗରଠାରେ ଥିବା ଚାରା ଉତ୍ପାଦନ କେନ୍ଦ୍ର।

**ବାସୁଦେବପୁର,୧୬।୫ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ପୌରପାଳିକାର ୧୧ ନଂ. ୱାର୍ଡରେ ବନ ବିଭାଗ ପକ୍ଷରୁ ନିର୍ମିତ ଚାରା ଉତ୍ପାଦନ କେନ୍ଦ୍ର ନାନା ସମସ୍ୟା ଦେଇ ଗତି କରୁଛି। ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ଚାରାରୋପଣ ନିମନ୍ତେ ଏଠାରେ ହଜାର ହଜାର ବିଭିନ୍ନ କିସମର ଚାରା ଉତ୍ପାଦନ ହେଉଥିବା ବେଳେ ଏକ ଖାଲୁଆ ଅଞ୍ଚଳରେ କେନ୍ଦ୍ରଟି ଅବସ୍ଥିତ। ଏହି କେନ୍ଦ୍ରକୁ ସ୍ଥାୟୀ ସଂଯୋଗୀକରଣ ରାସ୍ତାଟିଏ ନାହିଁ। ଫଳରେ ଏଠାରୁ ଚାରା ନେବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ସ୍ଥାୟୀ ରାସ୍ତା ନିର୍ମାଣ ସହ ଜଳ ନିଷ୍କାସନ ପାଇଁ ଏକ କଲ୍‌ଭର୍ଟ ନିର୍ମାଣ ଆବଶ୍ୟକ।

ଚାରା ଉତ୍ପାଦନ କେନ୍ଦ୍ରକୁ ମାଟି ପକାଇ ଉଚ୍ଚ କରାଗଲେ ଚାରାଗୁଡ଼ିକ ଠିକ୍ ଭାବେ ଉତ୍ପାଦିତ ହୋଇପାରିବ। ସେହିପରି ବିଦେଇପୁର ରାଇସ୍ ମିଲ୍‌ଠାରୁ ଗଡିକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ବିଟ୍ ହାଉସ ନିର୍ମିତ ହୋଇଥିବାବେଳେ ଏହି ସଂଯୋଗକାରୀ ରାସ୍ତାଟି ମାଟି ରାସ୍ତା ହୋଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ ବନ ବିଭାଗ କର୍ମଚାରୀମାନେ ବିଟ୍ ହାଉସ୍‌କୁ ଯିବା ମୁସ୍କିଲ୍ ହୋଇପଡୁଛି। ବାସୁଦେବପୁରର ବାଲିନଗରଠାରେ ଥିବା ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ପକ୍କା ହୋଇ ନ ଥିବାରୁ ଜବତ ହେଉଥିବା କାଠ ଓ ଯନ୍ତ୍ରାଂଶ ଆଣିବାରେ ସମସ୍ୟା ହେଉଛି। ଏହି କାର୍ଯ୍ୟାଳୟକୁ ସ୍ଥାୟୀ ପକ୍କାରାସ୍ତା ନିର୍ମାଣ ପାଇଁ ଦାବି ହେଉଛି। ଏନେଇ ରେଞ୍ଜର ଅତୁଲ୍ୟ ମହାନ୍ତିଙ୍କୁ ପଚାରିବାରୁ ସମସ୍ୟା ସମାଧାନ ପାଇଁ ବିଡିଓ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିବା କହିଛନ୍ତି।

# ସରିଲା ନାଟ୍ୟ ମହୋତ୍ସବ

**ଭଣ୍ଡାରିପୋଖରୀ,୧୬।୫ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମଣିନାଥପୁର ଗ୍ରାମର ବାବା ଗୋପୀନାଥ ଯୁବ ନାଟ୍ୟ ପରିଷଦ ପକ୍ଷରୁ ୨ ରାତି ଧରି ପରିବେଷଣ ହେଉଥିବା ନାଟ୍ୟ ମହୋତ୍ସବ ଗୁରୁବାର ରାତି ୯ଟାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର କଳାକାର ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଆୟୋଜିତ ମହୋତ୍ସବକୁ ସାମାଜିକ କର୍ମୀ ଉମାକାନ୍ତ ବେଉରିଆ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଅନାଦି ଚରଣ ସାହୁ, ମୁଖ୍ୟବକ୍ତା ନାଟ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ ଭଞ୍ଜ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ବ୍ରଜ କିଶୋର ମଲ୍ଲିକ, ପୂର୍ବତନ ସମବାୟବିତ୍ ଅରବିନ୍ଦ ନାୟକ, ବରିଷ୍ଠ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଗୋବିନ୍ଦ ଦତ୍ତ, ଯାତ୍ରାପ୍ରେମୀ ଭୋଳନାଥ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ରାତିରେ ନାଟକ 'କେତେ ଦୁଃଖ ଦେବୁ କହ ଦଇବ' ଓ ଦ୍ୱିତୀୟ ରାତିରେ 'ଲୁହରେ ଲେଖିଛି ନୂଆ କାହାଣୀ' ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ପରିଚାଳକ ଅଜୟ ମହାଲିକ, ସହ ପରିଚାଳକ ନରେନ୍ଦ୍ର ଦାସ, ସନ୍ତୋଷ ସେଠୀ, କୋରିଓଗ୍ରାଫର ମନ୍ମଥ ଦାସ, ସଭାପତି ପ୍ରତାପ ଚନ୍ଦ୍ର ବେଉରିଆ, ବିବେକାନନ୍ଦ ମଲ୍ଲିକ, ସୁଧାଂଶୁ ବେଉରିଆ, ବନ୍ଧନ ନାୟକ, ହିମାଂଶୁ ବେଉରିଆ, ନେତା ବେଉରିଆ, ଭୀମ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମହୋତ୍ସବ ପରିଚାଳନା କରିଥିଲେ।

# ରାଶନ କାର୍ଡ ନ ଦେବାରୁ ମା'ଙ୍କୁ ଆକ୍ରମଣ

**ବାସୁଦେବପୁର,୧୬।୫(କାଳିପଦ ରାୟ)**

ରାଶନ କାର୍ଡ ନ ଦେବାରୁ ମା'ଙ୍କୁ ଆକ୍ରମଣ। ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡ଼ିଆ ପଞ୍ଚାୟତର ମିର୍ଜାପୁର ଗ୍ରାମରେ ଗୁରୁବାର ଏଭଳି ଘଟଣା ଘଟିଛି। ଆକ୍ରମଣରେ ଗୁରୁତର ହୋଇଥିବା ଭାମାମଣୀ ବେହେରା(୬୫) ଏନେଇ ଶୁକ୍ରବାର ଅପରାହ୍ନରେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଭାମାମଣୀଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ସେ ଓ ତାଙ୍କ ସ୍ୱାମୀ ବିଷ୍ଣୁମୋହନ ଘରେ ଥିବାବେଳେ ପୁଅ ରାଶନ କାର୍ଡ ମାଗିଥିଲେ। ସେ ରାଶନ କାର୍ଡ ନ ଦେବାରୁ ପୁଅ ତାଙ୍କୁ ଟେକି ନେଇ ବାହାରେ କଚାଡ଼ି ଦେଇଥିଲେ। ଏହାକୁ ବିଷ୍ଣୁମୋହନ ବିରୋଧ କରିବାରୁ ଘରୁ ଏକ ଭୁଜାଲି ଆଣି ସେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ୪ ସ୍ଥାନରୁ ଚୋରି, ଜଣେ ଅଟକ

**ଧାମନଗର,୧୬।୫(ଦେବେନ୍ଦ୍ର ଆଢ଼ିଆ)**

ଧାମନଗର ଥାନା ଅଧୀନ ଦୋବଲ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ୪ ସ୍ଥାନରୁ ଚୋରି ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ମୁସ୍ତାଫାପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଆର୍ତ୍ତ ଶଙ୍ଖୁଆଙ୍କ ଘରେ ପଶି ୨ଟି ମୋବାଇଲ ଚୋରି କରିଥିଲେ। ପରେ ଦୋବଲ ସାହିର ଅନନ୍ତ ସୂତାରଙ୍କ ଘରେ ପଶି ୨ଟି ମୋବାଇଲ ଓ ନଗଦ ୪୦ ହଜାର ଟଙ୍କା ଚୋରି କରୁଥିବା ବେଳେ ପରିବାର ଲୋକେ ଜଣଙ୍କୁ କାବୁ କରିଥିଲେ। ଅନ୍ୟ ଜଣକ ଦୌଡ଼ି ପଳାଇଥିଲେ। ଶୁକ୍ରବାର ପୋଲିସ ପହଞ୍ଚି ଅଟକ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଅଟକ ଯୁବକ ଜଣକ ଦିନରେ ଗାଁ ଗାଁ ବୁଲି ଆଇସ୍କ୍ରିମ ବିକ୍ରି କରି ରାତିରେ ଚୋରି କରିଥାନ୍ତି ବୋଲି ଜଣାପଡ଼ିଛି। ସେହିପରି ଦଳାଙ୍ଗ ପଞ୍ଚାୟତର ଭଗତପୁରଠାରେ ଥିବା ହନୁମାନ ଓ ଗ୍ରାମଦେବତୀ ମନ୍ଦିରରୁ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ହନୁମାନ ମନ୍ଦିରରୁ ରୁପା ମୁକୁଟ, ରୁପା କଠଉ, ଖଡୁ, ୨ଟି ଘଣ୍ଟି, ପିତ୍ତଳ ବାସନ ୧୫ କେଜି ଓ ମାଇକ୍ ମେଶିନ ଚୋରି ହୋଇଛି। ତାହାକୁ ଲାଗି ରହିଥିବା ଗ୍ରାମଦେବତୀ ମନ୍ଦିରରୁ ମଧ୍ୟ ବାସନ ସେଟ୍, ଘଣ୍ଟିକୁ ମିଶାଇ ୭ କିଲୋ ପିତ୍ତଳ ଜିନିଷ ପ୍ରାୟ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଛି।

# 'ଗାନ୍ଧୀବାଦରେ ବିଶ୍ୱାସ ରଖୁଥିଲେ ପ୍ରଫେସର ସନାତନ'



ସମାରୋହରେ ଅବସରପ୍ରାପ୍ତ ଅଧ୍ୟାପିକା ସବିତା ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଉଛି।

**ଭଦ୍ରକ,୧୬।୫ (ସନାତନ ରାଉତ)**

ଗାନ୍ଧୀବାଦରେ ବିଶ୍ୱାସ ରଖୁଥିବା ଜଣେ ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ଭାବେ ପ୍ରଫେସର ଡ. ସନାତନ ମହାନ୍ତି ସର୍ବଦା ସ୍ମରଣୀୟ। ଅଧ୍ୟାପନା ସହ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସାରା ଓଡ଼ିଶାରେ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ତାଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟାରେ ଭଦ୍ରକ ଜାନୁଗଞ୍ଜସ୍ଥିତ 'ଦିବ୍ୟମ୍' ପରିସରରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଏବଂ ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ବ୍ରଜମୋହନ ମିଶ୍ର, ଡା. ରବୀନ୍ଦ୍ର କୁମାର ନାୟକ, ଡ. ଗୋଲକ ବିହାରୀ ସାହୁ, ଝରଣା ପଟ୍ଟନାୟକ, ଦେବେନ୍ଦ୍ର ରାଉତ, ଅଖିଳ ପାଢ଼ୀ, ଦୁର୍ଗା ପ୍ରସନ୍ନ ଦାସ, ଲଲାଟେନ୍ଦୁ ମହାନ୍ତି, ଶଶୀକାନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟିକା, ଅବସରପ୍ରାପ୍ତ ଅଧ୍ୟାପିକା ସବିତା ଆଚାର୍ଯ୍ୟଙ୍କୁ ଚଳିତବର୍ଷର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ୟାଗଭୂମିର ସଭାପତି ଅଜୟ ନାୟକ ସଞ୍ଚାଳନ କରିଥିବା ବେଳେ ଡ. କ୍ଷୀରୋଦ କୁମାର ସାମଲ ସ୍ୱାଗତ ଭାଷଣ ଓ ପଦ୍ମନ ରାୟ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ବିଦେଶୀ ମଦ ଦୋକାନରୁ ଚୋରି

**ଆଗରପଡ଼ା,୧୬।୫(ସୁଶାନ୍ତ ଦାଶ)**

ଆଗରପଡ଼ାସ୍ଥିତ ବିଦେଶୀ ମଦ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ନେଇ ଅଭିଯୋଗ ହୋଇଛି। ଏନେଇ ଆଗରପଡ଼ା ଥାନାରେ ଏକ ମାମଲା (ନଂ.୭୮/୨୫) ରୁଜୁ ହୋଇଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଆଗରପଡ଼ା ଥାନାଠାରୁ ମାତ୍ର ଅଳ୍ପ ଦୂରତାରେ ଆଗରପଡ଼ା–ଭଦ୍ରକ ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବିଦେଶୀ ମଦ ଦୋକାନ ଗ୍ରୀଲ୍ ଭାଙ୍ଗି ଦୁର୍ବୃତ୍ତମାନେ ୩ଟି ମଦ ବୋତଲ ସହ କ୍ୟାସ୍ ବାକ୍ସରେ ଥିବା ନଗଦ ୧୭ହଜାର ଟଙ୍କା ଚୋରି କରି ନେଇଛନ୍ତି। ୩ ଯୁବକ ମୁହଁରେ ଗାମୁଛା ବାନ୍ଧି ଦୋକାନ ଭିତରେ ପଶି ଚୋରି କରିଥିବା ଦୋକାନରେ ଲାଗିଥିବା ସିସିକ୍ୟାମେରା ଫୁଟେଜରୁ ଜଣାପଡ଼ିଛି। ସେମାନଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ହେଉନାହିଁ ଓ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବା ଥାନାଧିକାରୀ ଶ୍ରୀକାନ୍ତ ପତି କହିଛନ୍ତି।

# ଚରମ୍ପା ବଜାରରୁ ଜବରଦଖଲ ଉଚ୍ଛେଦ

**ଭଦ୍ରକ,୧୬।୫ (ସନାତନ ରାଉତ)**

ଭଦ୍ରକ ସହରର ମୁଖ୍ୟରାସ୍ତା ପାର୍ଶ୍ୱରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେବାର ୯ ମାସ ପରେ ଚରମ୍ପା ବଜାରରେ ୩ ଦିନ ହେଲା ଉଚ୍ଛେଦ ଚାଲିଛି। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଡାହାଣୀଗଡ଼ିଆଠାରୁ ପଥରଆଡ଼ି ଛକ ପର୍ଯ୍ୟନ୍ତ ଡ୍ରେନ୍ ଖୋଳାହେବା ସହ ଦୀର୍ଘବର୍ଷ ଧରି ବ୍ୟବସାୟ କରୁଥିବା ୨୦ରୁ ଊର୍ଦ୍ଧ୍ୱ ଦୋକାନ ଭାଙ୍ଗି ଦିଆଯାଇଛି। ବର୍ଷାଦିନେ ପାଣି ନିଷ୍କାସନ ନେଇ ସମସ୍ୟା ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଉଚ୍ଛେଦ ପାଇଁ ଦାବି କରିଆସୁଥିଲେ। ସେହିପରି ସ୍କୁଲରୋଡ୍ ଛକରୁ ଏରେଇଁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଅପରପକ୍ଷେ ଏରେଇଁ ରାସ୍ତାପାର୍ଶ୍ୱରେ ରହିଥିବା ବସ୍ତି ବାସିନ୍ଦାଙ୍କ ଆବେଦନର ଶୁଣାଣି ଶନିବାର ତହସିଲଦାରଙ୍କ କୋର୍ଟରେ ଅନୁଷ୍ଠିତ ହେବ। ଏହି ଶୁଣାଣି ପରେ ବସ୍ତି ଅଞ୍ଚଳ ଉଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ରାଜସ୍ୱ ସୁପରଭାଇଜର ଜ୍ୟୋତିପ୍ରକାଶ ପଣ୍ଡା, ପୌରପାଳିକା ଅମିନ ଶରତ ପ୍ରଧାନ, ଚରମ୍ପା ଆର୍‌ଆଇ ମନୋରମା ଧଳ ପ୍ରମୁଖ ଉପସ୍ଥିତ ଥିବାବେଳେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଚରମ୍ପା ବଜାରରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ରଥଟଣାକୁ ଗୁରୁତ୍ୱ

■ହରିବଳଦେବଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି
■୬୧ ଲକ୍ଷ ବ୍ୟୟ ବରାଦ

ବାରିପଦା,୧୬।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବୈଠକରେ ଉପସ୍ଥିତ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲାପରିଷଦ ଅଧ୍ୟକ୍ଷା, ଉପଜିଲାପାଳ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପରିଷଦ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ଜୁନ ୨୭ରେ ଠାକୁରଙ୍କ ପହଣ୍ଡି ବିଜେ ପରେ ୨୮ ଓ ୨୯ ୨ ଦିନ ଧରି ରଥଟଣା ହେବାର କାର୍ଯ୍ୟକ୍ରମ ରହିଛି। ଜୁଲାଇ ୬ ଓ ୭ରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତ ବର୍ଷ ରଥଯାତ୍ରା ପାଇଁ ଆର୍ଥିକ ୬୧ ଲକ୍ଷ ୨୭ ହଜାର ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ଦେବୋତ୍ତର ବିଭାଗ ଅଧୀନରେ ଥିବା ଜିଲାରେ ସମସ୍ତ ମନ୍ଦିରରେ ରଥଯାତ୍ରା ପାଇଁ ମୋଟ ୬୯ ଲକ୍ଷ ୩୨ ହଜାର ଟଙ୍କା ମଞ୍ଜୁର କରାଯାଇଛି। ରଥାଯାତ୍ରା ସମୟରେ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ଅଧକ୍ଷତା କରିଥିବା ବେଳେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସଦର ଉପ ଜିଲାପାଳ ତଥା ଦେବତୋର ଅଧିକାରୀ ଡ.ଦୟାସିନ୍ଧୁ ପରିଡ଼ାଙ୍କ ସହିତ ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର ଓ ରାଧାମୋହନ ମନ୍ଦିରର ପରିଚ୍ଛା, ପୁରୋହିତ, ସମସ୍ତ ପୂଜକ, ଦେବତୋର ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବାକୁ ପ୍ରସ୍ତୁତି କରାଯାଇଛି। ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ବଡ଼ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା, ରାଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଆଲୋକ, ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା, ହେଟେଲ ଓ ଜଳଖିଆ ଦୋକାନୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ପରୀକ୍ଷା ଓ ଯାଞ୍ଚ, ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ, ରଥଟଣା ସମୟରେ ସିସିଟିଭି ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା ହୋଇଛି। ଏହା ବ୍ୟତିତ ବଡ଼ଦାଣ୍ଡରେ ଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ, ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ସୋସିଆଲ ମିଡିଆରେ ରଥଯାତ୍ରାର ସିଧା ପ୍ରସାରଣ କରାଯିବା ନେଇ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ସେହିପରି ଜିଲା ଖଣି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲାରେ ଥିବା ଖଣି ମାଲିକଙ୍କ ଦ୍ୱାରା ମନ୍ଦିରର ରଙ୍ଗ ଓ ମରାମତି କରାଯିବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହିଳାମାନେ ସୁଭଦ୍ରା ରଥ ଟାଣିବାର ପରମ୍ପରାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ। ପର୍ଯ୍ୟାପ୍ତ ପରିମାଣର ମହିଳା ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଛି। ରଥଦାଣ୍ଡର ମରାମତି କରିବା ସହିତ ରଥ ଗଡ଼ିବା ଉପରେ ସବିଶେଷ ଆଲୋଚନା ହୋଇଥିଲା। ସେହିପରି ଏଥର ଦୋଳି ଓ ମୀନାବଜାର ଭଳି ମନୋରଞ୍ଜନଧର୍ମୀ ବ୍ୟବସାୟକୁ ଅନୁମତି ଦିଆଯିବାର ନିଷ୍ପତ୍ତି ହୋଇଛି। ଏନ୍‌ଜିଓ ମାଧ୍ୟମରେ ପାନୀୟ ଜଳ ବ୍ୟବସ୍ଥା ସହିତ ପ୍ରଶାସନିକ ସ୍ତରରେ ଏହାର ତଦାରଖ ପୂର୍ବକ ଆବଶ୍ୟକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ବଡ଼ଦାଣ୍ଡକୁ ମାଡି ଆସିଥିବା ଦୋକାନୀଙ୍କୁ ନୋଟିସ ଜରିଆରେ ଆଗୁଆ ସୂଚନା ପ୍ରଦାନ ପରେ ଜବରଦଖଲ ଉଚ୍ଛେଦ କରାଯିବ। ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ସମାପନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି। ଆଲୋଚନାରେ ଆକାଶବାଣୀ ବାରିପଦାର କେନ୍ଦ୍ର ନିର୍ଦ୍ଦେଶକ, ବାରିପଦା ବାର ଆସୋସିଏଶନ, ଗଣମାଧ୍ୟମ, ବସ୍ ମାଲିକ ସଂଘ, ସ୍ୱେଚ୍ଛାକୃତ ରକ୍ତଦାନ ସଂଘ ଓ ବଣିକ ସଂଘର ସଭାପତି ଏବଂ ସମ୍ପାଦକ ବୈଠକରେ ଯୋଗଦେଇଥିଲେ।

# ୩ ମାସ ପରେ ୨ ଶିକାରୀ ଗିରଫ



ବନ କର୍ମଚାରୀଙ୍କ ସହ ଗିରଫ ଦୁଇ ଶିକାରୀ।

ଠାକୁରମୁଣ୍ଡା,୧୬।୫ (ତାରାକାନ୍ତ ପଟ୍ଟନାୟକ)

**ସମ୍ବର ମାଂସ ଜବତ ଘଟଣା**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ୍ ଶିମିଳିପାଳ ପାଦଦେଶରେ ଥିବା ମଣ୍ଡଳଝରୀ ଜଙ୍ଗଲରୁ ସମ୍ବର ମାଂସ ଜବତ ଘଟଣାରେ ଫେରାର ଥିବା ୨ ଶିକାରୀଙ୍କୁ ୩ ମାସ ପରେ ଶୁକ୍ରବାର ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ମଣ୍ଡଳଝରୀ ଗ୍ରାମର ସିଙ୍ଗରାୟ ଶୁଣ୍ଡି(୫୦) ଓ ଟିକନ ଶୁଣ୍ଡି(୪୫)। ପୂର୍ବ ମାମଲା ଅନୁଯାୟୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଶିକାରୀମାନେ ଶିକାର କରି ଜନ୍ତୁକୁ ବୋହି ନେଉଥିବା ଖବର ପାଇ ଏସିଏଫ୍ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ଓ ବନ କର୍ମଚାରୀମାନେ ଗତ ଫେବୃଆରୀ ୮ ସନ୍ଧ୍ୟାରେ ମଣ୍ଡଳଝରି ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ। ଚଢ଼ାଉ ସୂଚନା ପାଇ ଶିକାରୀମାନେ କଟା ହୋଇଥିବା ସମ୍ବରକୁ ଛାଡ଼ି ଫେରାର ହୋଇଯାଇଥିଲେ। ଶିକାରୀମାନେ ସମ୍ବରକୁ ଶିକାର କରିବା ପରେ ତାକୁ କାଟି ୪ ଖଣ୍ଡ କରି ବୋହି ଆଣିଥିଲେ। ଜଙ୍ଗଲ ଭିତରୁ ବନ କର୍ମଚାରୀମାନେ ସମ୍ବର ମାଂସ ଜବତ କରିଥିଲେ। ଏନେଇ ଠାକୁରମୁଣ୍ଡା ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବନ ବିଭାଗ ଫେରାର ଥିବା ଦୁଇ ଶିକାରୀଙ୍କୁ ଶୁକ୍ରବାର ମଣ୍ଡଳଝରୀ ଗ୍ରାମରୁ କାବୁ କରିଛି। ରେଞ୍ଜର ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର ସିଙ୍ଗରାୟ ପୂର୍ତ୍ତି, ବିଦ୍ୟାଧର ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତଙ୍କ ସମେତ ଅନ୍ୟ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ବାରିପଦା,୧୬।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ନାବାଳିକା ବଳାତ୍କାର ମାମଲା**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ପେଶାଲ ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ବିଚାର କରି ଅଭିଯୁକ୍ତ ଯଶିପୁର ଥାନା ଅଞ୍ଚଳର ଗୋପେଶ୍ୱର ଭଦ୍ରା(୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୬୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ଦେଢ଼ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲା ବିବରଣୀ ଅନୁଯାୟୀ, ୨୦୨୨ ଜାନୁଆରୀ ୧୬ରେ ଜଣେ ନାବାଳିକା ନିକଟସ୍ଥ ଆକାଶିଆ ଜଙ୍ଗଲକୁ ବୁଲିବାକୁ ଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ପାଇ ଗୋପେଶ୍ୱର ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ ଜଣାଇବା ପାଇଁ ଧମକ ଦେଇଥିଲେ। ନାବାଳିକା ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୪/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୪ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରାଯାଇଛି। ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ



ମଧୁବନ ମିନିଷ୍ଟାଡିୟମ୍ ପଡ଼ିଆରେ ଖେଳାଳି ଓ ଅନ୍ୟମାନେ।

ବାରିପଦା,୧୬।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମଧୁବନ ମିନିଷ୍ଟାଡିୟମ୍ ପଡ଼ିଆରେ ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ୫ମ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କିସାନ ବ୍ରଦର୍ସ ଫୁଟ୍‌ବଲ କ୍ଲବ୍ ଜୁନିୟର ଫୁଟ୍‌ବଲ କ୍ଲବ୍‌କୁ ୪-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଛୋଟୁ ୨ଟି, ମୁନା ସିଂ ଓ ସୁନୀଲ ମୁର୍ମୁ ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ର ୧ମ ସେମିଫାଇନାଲରେ ଭେଟେରାନ ଫୁଟ୍‌ବଲ କ୍ଲବ୍ ଓଲ୍ଡ ଇଜ୍ ଗୋଲ୍ଡକୁ ୨-୧ ଗୋଲ୍‌ରେ ହରାଇଥିଲା। ଭେଟେରାନ ଫୁଟ୍‌ବଲ କ୍ଲବ୍ ପକ୍ଷରୁ ଲଖିରାମ ମାର୍ଣ୍ଡି ଓ ଭାଗୀରଥି ସୋରେନ ଗୋଟିଏ ଲେଖାଏ ଗୋଲ୍ କରିଥିବା ବେଳେ ଓଲ୍ଡ ଇଜ୍ ଗୋଲ୍ଡର ବାପି ସିଂ ଗୋଟିଏ ଗୋଲ୍ କରିଥିଲେ। ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରା ବିବରଣୀ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଖେଳାଳି କୁମାର ରଞ୍ଜନ ପଣ୍ଡା, ବିନୋଦ କୁମାର ରାମ, ବିଜୟ କୁମାର ଦାସ, କୈଳାଶ ଚନ୍ଦ୍ର ବେହେରା ଓ ଜିତେନ୍ଦ୍ର ବେହେରାଙ୍କୁ ମୁଖ୍ୟ ଆୟୋଜକ ଲୋହିତ ଦାଶ ସମ୍ବର୍ଦ୍ଧିତ କରିଥିଲେ। ଫାଓ ଉପସଭାପତି ଅସିତ ପତି, ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ସେଙ୍ଗଲ ଦା, ଯଦୁନାଥ ମାଝୀ, ତପନ କୁମାର ସିହ୍ନା, ଉମେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବୀନ୍ଦ୍ର ନାୟକ, ନୁରୁଲ ଇସ୍‌ଲାମ ଓ ସୁକେନ୍ଦୁ ଦାସ ଉପସ୍ଥିତ ଥିଲେ।

# ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ଉଦଳା, ୧୬।୫
(ସନ୍ତୋଷ କୁମାର ବାଛିନୀ)

ଉଦଳା ଏନ୍‌ଏସି ନାଗପାଳସ୍ଥିତ ଦୁର୍ଗା ମଣ୍ଡପ ଛକଠାରେ ଚାଲିଥିବା ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଶୁକ୍ରବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ନାଗପାଳ ଶ୍ରୀ ନାଗେଶ୍ୱର ସଂକୀର୍ତ୍ତନ ମଣ୍ଡଳୀର ତତ୍ତ୍ୱାବଧାନରେ ୨୦ତମ ବାର୍ଷିକ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାରୁ ୩ ପ୍ରମୁଖ ସଂକୀର୍ତ୍ତନ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ବିଜୟ କୁମାର ବାରିକ, ସୁଜିତ କୁମାର ମହାନ୍ତି, ତପନ ପୋଥାଳ, ନରେନ୍ଦ୍ର ମଲ୍ଲିକ, ସଞ୍ଜୀବ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


**वरीय पुलिस अधीक्षक का कार्यालय, राँची**

सर्वसाधारण के लिए सूचना।



**नाम– साहिल अंसारी, उम्र करीब–19 वर्ष, रंग–गोरा, ऊँचाई– 5 फीट 6 ईंच, पहनावा– गंजी फूल बॉह, हाफ निकर, पैंट एवं बेड सिट लाल रंग का।,**

उपरोक्त लापता पुरूष साहिल अंसारी, उम्र करीब–19 वर्श, पिता– अजमत अंसारी, सा0–ढौठाटोली, थाना–माण्डर, जिला–राँची जो दिनांक –27.04.25 को समय करीब 12:00 बजे अपने घर से बिना बताये कहीं चले गये है। जो आजतक अपने घर वापस नहीं आये है। जिसके संबंध में माण्डर थाना सनहा संख्या–28/2025, दिनांक–07.05.2025, दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आव यक है।

अतः सभी जनसाधारण से अनुरोध है कि यदि उपरोक्त लापता पुरूष कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, खलारी, रॉची। – 9431742777
थाना प्रभारी माण्डर रॉची। – 9431706187

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR.NO.352654 Police(25-26):D


# ସରିଲା ବୈଶାଖୀ ଉଡ଼ା ପର୍ବ



ମୋରଡ଼ା,୧୬।୫(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ପ୍ରସିଦ୍ଧ ଚିତ୍ରଡ଼ା ବୈଶାଖୀ ଉଡ଼ା ପର୍ବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ପର୍ବର ପ୍ରଥମ ଦିନରେ କଣ୍ଟା ପାଟ ଓ ପରେ ନିଆଁ ପାଟ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅପରାହ୍ନରେ ଉଡ଼ା ପର୍ବ ଅନୁଷ୍ଠିତ ହୋଇଥିଲା। ବାବା ଚିତ୍ରେଶ୍ୱର ମହାଦେବଙ୍କ ଉପାସନା କରିଥିବା ଭକ୍ତାଙ୍କ ମଧ୍ୟରେ ଜଣେ ପାଟ ଭକ୍ତା ଥିବାବେଳେ ମୋଟ ୧୩ଜଣ ଦେଶ ଭକ୍ତା ଏବଂ ୧୬ଜଣ ମାନସିକଧାରୀ ଭକ୍ତା ଥିଲେ। ସମସ୍ତ ଭକ୍ତା ଉଡ଼ା ପର୍ବରେ ସାମିଲ ହୋଇ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଡ଼ାପର୍ବ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିବା ବେଳେ ମୋରଡ଼ା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଚିତ୍ରଡ଼ା ସରପଞ୍ଚ ବାଲକ ମାର୍ଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଶାଖୀ ପର୍ବ ଅନୁଷ୍ଠିତ ହୋଇଥିଲା। ଉଡ଼ା ପର୍ବ ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାପାଛେଉଣ୍ଡ ମାଟ୍ରିକ ଛାତ୍ରୀଙ୍କ ପତ୍ତା ମିଳୁନି

**ଦୁଶ୍ଚିନ୍ତାରେ ଜେଜେମା', ଜେଜେବାପା**

ବୈଶିଙ୍ଗା,୧୬।୫(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ମାଣତ୍ରୀ ଫାଣ୍ଡି ଅଞ୍ଚଳରେ ଜଣେ ଦଶମ ଶ୍ରେଣୀର ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ରୋଗାଗ୍ରସ୍ତ ହୋଇ ବାପାଙ୍କ ମୃତ୍ୟୁ ପରେ ନାବାଳିକା ଓ ତାଙ୍କ ମାଆ ଜେଜେବାପାଙ୍କ ତତ୍ତ୍ୱାବଧାନରେ ରହୁଥିଲେ। ନାବାଳିକା ଜଣଙ୍କ ନିକଟସ୍ଥ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଆସନ୍ତା ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବାବେଳେ ସବୁଦିନ ସେ ଠିକଠାକ ଭାବେ ସ୍କୁଲକୁ ମଧ ଯାଉଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ ସ୍କୁଲ ଛୁଟି ଥିବା ବେଳେ ସେ ଘରେ ରହି ପଢ଼ାପଢ଼ି କରୁଥିଲେ। ଗୁରୁବାର ମଧ୍ୟାହ୍ନରୁ ତାଙ୍କ ପତ୍ତା ମିଳୁନାହିଁ। ପରିବାର ଲୋକେ ସବୁଆଡେ ଖୋଜାଖୋଜି କରି ନିରାଶ ହେବାପରେ ସନ୍ଧ୍ୟାରେ ମାଣତ୍ରୀ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଡବ୍ଲ୍ୟୁ-ଏଏମ୍‌ଡିବିଏସ୍‌ଏଏମ୍‌ସିଏଫ୍‌ଟିଆରଟି-୨୫, ତାରିଖ: ୧୫।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏମ୍‌ଇ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍ (ଏଫ୍‌ଟିଆରଟିଆଇଏଲ୍ ଗଢ଼ଣ ପାଇଁ)ଗୁଡ଼ିକର ଏକ୍ସିଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ୍ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା । **ପରିମାଣ:** ଏନ୍‌ଆଇଟି ଅନୁଯାୟୀ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନିପୁର, ପିନ୍–୭୨୧୩୦୧ । **ଟେଣ୍ଡର ମୂଲ୍ୟ:** ₹୪୮,୬୬,୪୬,୧୮୪.୫୨ । **ଅମାନତ ରାଶି:** ₹୨୫,୮୩,୨୦୦ । **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୧୨ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୩।୦୬।୨୦୨୫ରିଖ ୧୫.୦୦ ଘଟିକାରେ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । ସବିଶେଷ ଟେଣ୍ଡର ଦସ୍ତାବିଜ ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ । (PR-165)



**कार्यपालक अभियन्ता का कार्यालय,**
**पेयजल एवं स्वच्छता प्रमण्डल संख्या–1, धनबाद**

**शुद्धि–पत्र**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई–प्रोक्यूरमेन्ट निविदा आमंत्रण सूचना संख्या– DHN-1/09/2025-26 जिसका सूचना एवं जनसम्पर्क विभाग के PR No.- 352007 (Drinking Water and Sanitation) 25-26 है, में निम्नलिखित संशोधन संसूचित किया जाता है।

| क्र. | विवरणी | पूर्व में प्रकाशित सूचना | संशोधित सूचना |
|---|---|---|---|
| 1 | वेबसाईट पर निविदा प्रकाशन की तिथि एवं समय | 15.05.2025, 5.00 बजे अपराह्न तक। | 26.05.2025, 5.00 बजे अपराह्न तक। |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10. 2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 27.05.2025, 5.00 बजे अपराह्न तक। | 04.06.2025, 5.00 बजे अपराह्न तक। |
| 4 | तकनीकी बीड खोलने की तिथि एवं समयः | 28.05.2025, 5.00 बजे अपराह्न | 05.06.2025, 5.00 बजे अपराह्न |

शेष सभी शर्तें यथावत रहेगी।

कार्यपालक अभियन्ता,
PR 352681 Drinking Water and Sanitation(25-26)#D पेयजल एवं स्वच्छता प्रमण्डल संख्या–1, धनबाद


# ବେତନଟୀରେ ହେଲା ବ୍ୟବଚ୍ଛେଦ

ବେତନଟୀ,୧୬।୫(ଧରଣୀଧର ମହାନ୍ତି)

**ସୁଇପର ସମସ୍ୟା ଦର୍ଶାଇ ଏଡ଼ାଇ ଦେଉଥିଲେ**

ମୟୂରଭଞ୍ଜ ଜିଲା ବେତନଟୀ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପରିସରରେ ନୂତନଭାବେ ଉଦ୍‌ଘାଟିତ ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଉଦ୍‌ଘାଟନ ଦିନରୁ ବିଭିନ୍ନ କାରଣରୁ ଗୃହ କାର୍ଯ୍ୟରେ ଲାଗୁ ନ ଥିଲା। ଏ ନେଇ ଅସନ୍ତୋଷ ପ୍ରକାଶ ପରେ ଗୁରୁବାର ଏକ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ୨୧ରେ ଜିଲା ପ୍ରଶାସନ ସହାୟତାରେ ପ୍ରଥମ ଥର ପାଇଁ ମୃତଦେହ ବ୍ୟବଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବେତନଟୀ ପାଇଁ ସ୍ୱତନ୍ତ୍ର ସୁଇପର ନିଯୁକ୍ତି ହୋଇ ନ ଥିବା ବେଳେ ବାରିପଦାରୁ ସୁଇପର ଆସି ବ୍ୟବଚ୍ଛେଦ କାର୍ଯ୍ୟ କରିଥିଲେ। ସେହଦିନଠାରୁ ନିୟମିତଭାବେ ଶବ ବ୍ୟବଚ୍ଛେଦ କାର୍ଯ୍ୟ କରାଯିବାକୁ ନେଇ ବେତନଟୀବାସୀ ଆଶା ରଖିଥିଲେ। ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ କେତେକ ସମସ୍ୟା ଦେଖାଇ ମୃତଦେହ ବ୍ୟବଚ୍ଛେଦ ବାରିପଦା ନେବାକୁ ପରିବାର ଲୋକଙ୍କୁ ବାଧ କରୁଥିବା ଅଭିଯୋଗ ହେଉଥିଲା। ଏଥି ପାଇଁ ଅସନ୍ତୋଷ ବୃଦ୍ଧି ପାଉଥିଲା। ଗୁରୁବାର ସକାଳେ ବେତନଟୀ ଥାନା ଅଧୀନ ବହାନଡ଼ା ଗ୍ରାମର ନବ କୁମାର ନାୟକଙ୍କ ସଡ଼କ ଦର୍ଘଟଣାରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ବ୍ୟବଚ୍ଛେଦ ପାଇଁ ବେତନଟୀ ଡାକ୍ତରଖାନାକୁ ଆସିଥିବା ବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ବାରିପଦା ଯାଇ ଶବ ବ୍ୟବଚ୍ଛେଦ କରିବାକୁ କହିଥିଲେ। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ବାରିପଦାଠାରେ ବ୍ୟବଚ୍ଛେଦ କରିବା ପାଇଁ ଏକମତ ହୋଇ ନ ଥିଲେ। ଗ୍ରାମର କିଛି ମାନ୍ୟଗନ୍ୟ ବ୍ୟକ୍ତି ବେତନଟୀ ବ୍ଲକ୍ ମିଡ଼ିଆ ଆସୋସିଏଶନ ନଜରକୁ ଆଣିଥିଲେ। ସମାନ ସୁଇପର ସମସ୍ୟା ଦର୍ଶାଇ ବେତନଟୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସିପୁନ କୁମାର ପଣ୍ଡା ବେତନଟୀରେ ବ୍ୟବଚ୍ଛେଦ ହୋଇ ପାରିବନାହିଁ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ମିଡିଆ ଆସୋସିଏଶନ ଚାପରେ ବେତନଟୀଠାରେ ବ୍ୟବଚ୍ଛେଦ ହୋଇଥିଲା। ସୁଇପର ସମସ୍ୟାର ସମାଧାନ ପାଇଁ ମିଡ଼ିଆ ଆସୋସିଏଶନର କର୍ମକର୍ତ୍ତା ବାରିପଦା ପିଆରଏମ ମେଡ଼ିକାଲ କଲେଜର ସହକାରୀ ଜିଲା ଚିକିତ୍ସା ଅଧିକାରୀ ବିଜୟ ଦାଶଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ। ସୁଇପର ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରିଦିଆଯିବ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।


**Government of Jharkhand**
**Directorate of Industries**
**Jharkhand Government Tool Room**
**(Formerly Jharkhand Government Mini Tool Room & Training Centre, Ranchi)**
**Plot No: 38, Phase I, Tatisilwai Industrial Area, Muri Road, Ranchi- - 835103 ,**
**e-mail: info@jgtr.in, principal@jgtr.in, jgmtrtc_ran@yahoo.co.in Web site: www.jgtr.in**
**Phone No. 0651-2265966, Fax No.0651-2265578**

**ONLINE TENDER NOTICE**
**NIT No. 277 Dated 16.05.2025**

Govt. of Jharkhand has set up state-of-the art Tool Room & Training Centre at Tatisilwai, Ranchi, Dumka & Gola. The centres requires Machine Tools & Equipment as pertaining the details furnished in website.
Interested original Tenderer and /or their authorized representatives / dealers having permanent registered office in India and operating in India over last 5 (Five) years are eligible to participate in the tender.
The complete tender document including ITT, GCC, technical specification, price bid, cost of tender, EMD requirements etc. can be downloaded from the web sites www.jharkhandtenders.gov.in & www.jgtr.in from 20th May 2025 onwards.
Note: JGTR, Ranchi reserves the right to reject the application of any or all the intending bidders without assigning reasons whatsoever.

Sd/-
PR 352639 Industries(25-26).D (Director of Industries)

## ସଂକ୍ଷେପରେ

### କାଳବୈଶାଖୀରେ ଘର ଭାଙ୍ଗିଲା

ଖଇରା,୧୬।୫(ଉତ୍କଳବନ୍ଧୁ ପଣ୍ଡା): ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ଅସୁରିଆ ଗ୍ରାମର ବୈକୁଣ୍ଠ ସାମଲ ଘର ଉପରେ ନିମ୍ବ ଗଛ ଉପୁଡି ପଡିବାରୁ ତାଙ୍କର ଆଜବେଷ୍ଟସ ଛପର ଭାଙ୍ଗିରୁଜି ଯାଇଛି । ତାଙ୍କୁ ସରକାରୀ ସହାୟତା ପାଇଁ ଦାବି ହୋଇଛି।

### ବାଲି ବୋଝେଇ ଟ୍ରାକ୍ଟର ଚାପାରେ ଯୁବକ ମୃତ

ଭୋଗରାଇ, ୧୬।୫(ପ୍ରଦୀପ ଦାସ)– ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର–ତାଳସାରୀ ରାସ୍ତା ବିନ୍ଧା ପଦ୍ମପୁରଠାରେ ସ୍ଥାନୀୟ ବରବରିଆ ଗ୍ରାମର ଶିବଶଙ୍କର ପଣ୍ଡା (୪୩)ଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୁକ୍ରବାର ସକାଳ ୭ଟାରେ ମେରାଇନ ଥାନା ପୋଲିସ ଉଦ୍ଧାର କରିଛି। ପଡ଼ୋଶୀଙ୍କ କହିବାନୁଯାୟୀ ଯୁବକଜଣକ ଗୁରୁବାର ମଧ୍ୟରାତ୍ରୀରେ ଘର ନିକଟ ରାସ୍ତାକୁ ଯାଇଥିବା ବେଳେ ଅଜଣା ବାଲିବୋଝେଇ ଟ୍ରାକ୍ଟର ଚାପି ଦେଇଥିବା ଅନୁମାନ କରାଯାଉଛି। ଏହି ଘଟଣାରେ ମେରାଇନ ଥାନା ପୋଲିସ ଏକ ମାମଲା (ନଂ. ୪୩ / ୨୫) ରୁଜୁ କରି ଟ୍ରାକ୍ଟରକୁ ଧରିବାରେ ସକ୍ଷମ ହୋଇଥିବା ମେରାଇନ ଥାନାଧିକାରୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ଯୁବକର ମୃତଦେହକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

### ବିଦ୍ୟୁତ ଆଘାତରେ ନାବାଳକଙ୍କ ମୃତ୍ୟୁ

ବାହାନଗା, ୧୬।୫(ଅରୂପ୍ କୁମାର ଦାସ): ବାଲେଶ୍ୱର ଜଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତ ଜିରିଡାଳ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ଏନେଇ ଗ୍ରାମରେ ଶୋକର ଛାୟା ଛେଳିଯାଇଛି।

ଜିରିଡାଳ ଗ୍ରାମର ମହାରଣା ସାହିର ପ୍ରଭାକର ମହାରଣାଙ୍କ ଏକମାତ୍ର ପୁଅ ଆୟୋଷ ମହାରଣା (୧୨) ୮ମ ଶ୍ରେଣୀରେ ପାଠ ପଢୁଥିଲେ। ଘରେ ମୋଟର ଲଗାଇ ପାଣିଦେଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଫଳରେ ନାବାଳକଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ପରିବାର ଲୋକେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଖନ୍ତାପଡା ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ବଜ୍ରପାତରେ ଜଳିଗଲା ଦୁଇ ନଡ଼ିଆ ଗଛ

ରେମୁଣା, ୧୬।୫(ରବୀନ୍ଦ୍ର ମହାକୁଡ଼)– ରେମୁଣା ବ୍ଲକ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ଦୁଇଟି ନଡ଼ିଆ ଗଛ ଜଳିଯାଇଛି। ନରହରିପୁର ପଞ୍ଚାୟତର ନରେନ୍ଦ୍ର ନାୟକଙ୍କ ବାଡ଼ିରେ ଥିବା ଏକ ନଡ଼ିଆ ଗଛ ବଜ୍ରପାତରେ ଜଳିଯାଇଥିଲା। ବାଲେଶ୍ୱର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେହିପରି ବଡ଼ପାଳ ପଞ୍ଚାୟତ କାକବୋରେଇ ଗ୍ରାମର ଗୁଣାକର ଦାସଙ୍କ ବାଡ଼ିରେ ଥିବା ନଡ଼ିଆ ଗଛ ବଜ୍ରପାତ ଯୋଗୁ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ରେମୁଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟ କୌଣସି ଧନଜୀବନ ନଷ୍ଟ ହୋଇ ନ ଥିବା ଜଣାପଡ଼ିଛି।

### ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ସୋର, ୧୬।୫(ଜନ୍ମେଜୟ ମିଶ୍ର): ସୋର ରେଳଷ୍ଟେଶନ ଅନ୍ତର୍ଗତ ଇଟୁଆ ରେଳଫାଟକର ଅନତି ଦୂର ରେଳଧାରଣା କଡରେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ବାଲେଶ୍ୱର ଜିଆରପି ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶୁକ୍ରବାର ପୂର୍ବାହ୍ନରେ ରେଳଧାରଣା କଡରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସୋର ରେଳ ଷ୍ଟେଶନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀଙ୍କୁ ଖବର ଦେଇଥିଲେ। ଆରପିଏଫ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜଗିରହିଥିଲେ। ଅପରାହ୍ନରେ ବାଲେଶ୍ୱରରୁ ଜିଆରପି ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଯାଇଛି। ତେବେ ଏହି ଯୁବକଙ୍କୁ କୌଣସି ଟ୍ରେନରୁ କେହି ଠେଲି ଦେଇଥିବା କିମ୍ବା ଟ୍ରେନରୁ ଖସି ପଡ଼ିଥିବା ସନ୍ଦେହ କରାଯାଉଛି।

# ସାହିତ୍ୟ ବିସ୍ମୟବୋଧ ଓ ମନନଶୀଳତାର ପରିପ୍ରକାଶ

## ଏଫ୍‌ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୧୬।୫(ବାଞ୍ଛାନିଧି ଦେ)


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ସାହିତ୍ୟିକଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ସାହିତ୍ୟ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଉଥିବାରୁ ଯୁବପିଢି ଏହାର ସମୃଦ୍ଧ ଦିଗରେ ଆଗଭର ହେବାକୁ କହିଥିଲେ। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ ସାହିତ୍ୟ ବିସ୍ମୟବୋଧ ଓ ମନନଶୀଳତାର ପରିପ୍ରକାଶ। ଏହା ହିଁ ସର୍ବଶ୍ରେଷ୍ଠ କୀର୍ତ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ ଯୋଗଦେଇ ସମାଜରେ ସାହିତ୍ୟର ଭୂମିକା, ସାହିତ୍ୟର ଧର୍ମ, ସାହିତ୍ୟର ଲକ୍ଷ୍ୟ ତଥା ସାହିତ୍ୟର ଭବିଷ୍ୟତ ବିସ୍ତାରିତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କୁଳସଚିବ କୁଙ୍କୁମୀନା ଦାସ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏହି ଉତ୍ସବ ପାଳନର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଉତ୍ସବ ସଞ୍ଚାଳନ କରିଥିଲେ।

ଏହି ଦୁଇଦିନିଆ ଉତ୍ସବରେ ୪ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଆଲୋଚ୍ୟ ପ୍ରସଙ୍ଗ ଭାବେ ଓଡ଼ିଆ ଗଳ୍ପର ବର୍ତ୍ତମାନ ଓ ଭବିଷ୍ୟତ, ଅନୁବାଦର ସୃଷ୍ଟି ଓ ଦର୍ଶନ, ଓଡ଼ିଆ କବିତାର ପ୍ରତ୍ୟୟ ଓ ସମ୍ଭାବନା, ସାହିତ୍ୟରେ କୃଷି ଓ କୃଷକ, ଶ୍ରୀ ଜଗନ୍ନାଥ ଓ ବୈଶ୍ୱିକ ଭାବନା, ସାହିତ୍ୟର କାୟା : ସିନେମାର ମାୟା ଓ ମୋ ଭାଷା ଓ ସାହିତ୍ୟର ଦିଶା ଆଦି ସ୍ଥାନ ପାଇଛି। ଏହି ଆଲୋଚନାଚକ୍ରରେ ପ୍ରଫେସର କୈଳାଶ ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ନିବାରଣ ଜେନା, ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ପ୍ରଫେସର ଅଭିରାମ ବିଶ୍ୱାଳ, ପ୍ରଶାନ୍ତ ଦାସ, ପ୍ରଫେସର ଗିରିବାଳା ମହାନ୍ତି, କୃଷ୍ଣକୁମାର ମହାନ୍ତି, କ୍ଷୀରୋଦ ପରିଡ଼ା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, କବି ଶ୍ରୀଦେବ, ଅରୁଣ କୁମାର ପାତ୍ର, ସେକ୍ ମକବୁଲ ଇସଲାମ, ଜୟଜ୍ୟୋତି ଗୋସ୍ୱାମୀ, ଡ. ଅନିତା ବୋଷ, ସମରେନ୍ଦ୍ରନାଥ ମହାପାତ୍ର, ସୂର୍ଯ୍ୟ ଦେଓ, ସରୋଜ ବଳ, ଡ. ରାଧାରଞ୍ଜନ ପଟ୍ଟନାୟକ, ଡ. କ୍ଷିତୀଶ୍ୱର ଦାଶ, ମଦନମୋହନ ସୋରେନ, ଖାୱାର ନକୀବ୍ ଓ ଡ. ସତୀଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

ବାଲେଶ୍ୱର, ୧୬।୫(ବାଞ୍ଛାନିଧି ଦେ)

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସିନେମା ଛକ ନିକଟସ୍ଥ ଶହୀଦ ପାର୍କଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ 'ଅପେରେଶନ ସିନ୍ଦୂର'ରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ମହମବତୀ ଜଳାଇ ଗଭୀର ଶୋକ ପ୍ରକଟ ସହ ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲା ଉପସଭାପତି ଗୋପୀନାଥ ପାଢ଼ୀ, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ ଓ ଜ୍ୟୋସ୍ନା ସେନାପତି, ଯୁବନେତା ସରୋଜ ଲେଙ୍କା, ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, କୃଷ୍ଣ ଗୋପାଳ ପଣ୍ଡା, ଯୁବ ସଭାପତି ରଞ୍ଜନ ଦାସ, ବାସନ୍ତୀ ନାୟକ, ସଂଯୁକ୍ତା ମିଶ୍ର, ବିନିତା ନାୟକ, କନ ବେହେରା, ନିରଞ୍ଜନ ବେହେରା, ପ୍ରଭାସ ପଣ୍ଡା, କେଶବ ନାୟକ, ବେଣୁ ପତି, ଜୀବନ ମହାପାତ୍ର ଓ ବିଦ୍ୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପାଟ ଉତ୍ସବ ଉଦ୍‌ଯାପିତ


ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ପାଟ ଉତ୍ସବ।

ଭୋଗରାଇ, ୧୬।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାଣିଜ୍ୟିକ ପେଣ୍ଠସ୍ଥଳୀ ଦେଉଳା ହାଟରେ ଅଧିଷ୍ଠିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ୧୧ଦିନ ଧରି ଚାଲିଆସୁଥିବା ଚଡ଼କମେଳା ଶୁକ୍ରବାର ଜୀଉଙ୍କ ଶ୍ରେଷ୍ଠ ପର୍ବ ପାଟଉତ୍ସବ ସମାପନ ହୋଇଯାଇଛି। ଗୁରୁବାର ଜୀଉଙ୍କ ମହାନୀଳ ଉତ୍ସବରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ପୂଜାପାଠ, ଗର୍ଭଗର୍ଭରେ ଜଳାଭିଷେକ, କ୍ଷୀର, ପଇଡ଼, ବେଲପତ୍ର, ଫୁଲ ଚନ୍ଦନ, ଧୂପ ଝୁଣାରେ ଶ୍ରଦ୍ଧାଳୁମାନେ ଜୀଉଙ୍କ ମନସ୍କାମନାପୂର୍ଣ୍ଣ ନିମନ୍ତେ ଆରଧନା କରିଥିଲେ।

ମହାଦେବଙ୍କଠାରେ ଶତାଧିକ ଉପବିତଧାରୀ ଶୈବଭକ୍ତମାନେ ୨୪ଘଣ୍ଟାରେ ଛେପ ନ ଢ଼ୋକି ମହାଦେବଙ୍କ ଅର୍ଘ୍ୟପିଣ୍ଡିରେ ଅର୍ଘ୍ୟଦାନ କରି ନିରାମିଷ ହବିଷ ପାଳନ କରିଆସୁଥିଲେ। ପାଟ ଉତ୍ସବରେ ଉପବିତଧାରୀମାନେ ଶେଷ ଅର୍ଘ୍ୟ ପ୍ରଦାନ କରି ବ୍ରତ ଶେଷ କରିଥିଲେ। ଜୀଉଙ୍କ ଅନ୍ତିମ ଦିବସରେ ପଞ୍ଚୁ ମୁଣ୍ଡିଆ, ଆଧୁନିକ ଶିବଦୁର୍ଗା ଦଣ୍ଡ ନୃତ୍ୟ, ଶିବ ମୂର୍ତ୍ତି, ଦଶ ନଖିଙ୍କ ଅଣ୍ଟା ଜିହ୍ୱା ଓ ଶରୀରରେ ଲୁହା କଣ୍ଟା ଫୋଡ଼ି ଶିବଙ୍କଠାରେ କୁଚ୍ଛ ସାଧନା କରିବା ଭିନ୍ନ ଏକ ଆକର୍ଷଣ ସୃଷ୍ଟି କରିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ପ୍ରବାହ ସତ୍ତ୍ୱେ ଭୋଗରାଇ ସୀମାନ୍ତ ପଶ୍ଚିମବଙ୍ଗସହ ଆଖପାଖ ଅଞ୍ଚଳରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଥିଲା। ଏହି ପାଟ ଉତ୍ସବରେ ବହୁ ସ୍ୱେଚ୍ଛାସେବୀ ସଂଗଠନ ତୃଷାର୍ତ୍ତମାନଙ୍କୁ ଜଳଦାନ କରିଥିବାବେଳେ ଗ୍ରାମବାସୀ ଓ ବଜାର କମିଟି ପକ୍ଷରୁ ମେଳା ପରିଚାଳନା କରାଯାଇଥିଲା। ଦେଉଳା ନିକଟସ୍ଥ ସାତଗୋହଳିଆ ଗ୍ରାମ ପଡ଼ିଆରେ ମୟୂରଭଞ୍ଜ, ବାଲେଶ୍ୱର ଓ ମେଦିନୀପୁର ଜିଲାର ବହୁ ଆଦିବାସୀ ଝୁମିଥିଲେ।

# ନିଆଁ ଲିଭାଇବାକୁ ଯାଇଥିବା ଦମକଳ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ବାହାନଗା, ୧୬।୫ (ଅରୂପ୍ କୁମାର ଦାସ)

ବାଲେଶ୍ୱର–ଗୋପାଳପୁର ସଲ୍ଟ ରୋଡର କଣ୍ଟିଆଚିରା ବାଙ୍କ ନିକଟରେ ଶୁକ୍ରବାର ସକାଳେ ଅଗ୍ନିଶମ ବିଭାଗର ଗାଡି ନିଆଁ ଲିଭାଇବାକୁ ଯାଉଥିବା ବେଳେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ଉପରେ ଓଲଟିପଡିଥିଲା। ବାହାନଗା ବ୍ଲକ ଷଠୀ ଅଗ୍ନିଶମ ବିଭାଗର ନିଆଁଲିଭା ଗାଡି ରେମୁଣା ବ୍ଲକ ଡୁଣ୍ଡୁରା ଗ୍ରାମର ଶରତ ଚନ୍ଦ୍ର ବିଶ୍ୱାଳଙ୍କ ଘରକୁ ନିଆଁ ଲିଭାଇବା ପାଇଁ ଯାଉଥିଲା। ଏହି ସମୟରେ ଏକ ମୋଟରସାଇକେଲ ସାମ୍ନାପଟୁ ଆସିଥିଲା। ଫଳରେ ଅଗ୍ନିଶମ ଗାଡି ଡ୍ରାଇଭର ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତାର ଡାହାଣପାଖ ରାସ୍ତା ଉପରେ ଓଲଟିପଡିଥିଲା। ଖବରପାଇ ବିଭାଗୀୟ ଅଧିକାରୀ ଓ ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି କ୍ରେନ ସହାୟତାରେ ଗାଡିକୁ ଉଠାଇ ନେଇଯାଇଥିଲେ। ଏଥିରେ ଥିବା ଜଣେ କର୍ମଚାରୀ ସାମାନ୍ୟ ଆହତ ହୋଇ ଗୋପାଳପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

ବାଲେଶ୍ୱର,୧୬।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଗୋଶାଳପଦା ଗ୍ରାମର ଜଣେ ଶ୍ରମିକ ଅଂଶୁଘାତରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଲକ୍ଷ୍ମୀଧର ବେହେରା (୪୫)। ସେ ଗୁରୁବାର ପ୍ରବଳ ଖରାରେ କାମ କରିବାକୁ ଯାଇଥିଲେ। ଅପରାହ୍ନରେ ଘରେ ପହଞ୍ଚିବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଗ୍ଲୁକୋଜ୍ ପାଣି ପିଇବାକୁ ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅନାଥ ଦୁଇ ଭାଇଙ୍କୁ ସାହାରା ହେଲେ ବ୍ରଜମୋହନ


ବାପା ଛେଉଣ୍ଡ ଦୁଇ ଭାଇଙ୍କ ପାଖରେ ଭାଜପା ନେତା ବ୍ରଜମୋହନ।

ଜଳେଶ୍ୱର, ୧୬।୫(ନବୀନ ସାହୁ)

୮ବର୍ଷପୂର୍ବରୁ ବାପା ସୃଷ୍ଟିଧର ସିଂ ହୃଦ୍‌ଘାତରେ ଆରପାରିକୁ ଚାଲିଯାଇଥିଲେ। ୬ଦିନ ତଳେ ଜଣେ ଠିକାଦାରଙ୍କ ନିକଟରେ ରହି ରାସ୍ତା କାମରେ ଶ୍ରମିକ ଭାବେ ନିୟୋଜିତ ଥିବା ମା' ସୀମା ବି ୫ଦିନ ଆଗରୁ ଆଖି ବୁଜିଦେଲେ। ମା', ବାପାଙ୍କ ବିୟୋଗ ପରେ ଅନାଥ ହୋଇଯାଇଥିଲେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ମଙ୍ଗାପୋଖରୀ ଆଦିବାସୀ ସାହିର ଦୁଇ ନାବାଳକ ଭାଇ ଅନୁପ ଓ ସନୁପ।

ଏବେ ସେମାନେ ମା' ବାପାଙ୍କୁ ହରାଇ ଅନାଥ ହୋଇଯାଇଛନ୍ତି। ସେହିପରି ଏହି ଦୁଇ ଭାଇଙ୍କ ରହିବା ପାଇଁ ଏବେ ଘର ନ ଥିବାରୁ ୬ଦିନ ହେଲା ସେମାନେ ତାଙ୍କର ଜଣେ ମାଉସୀଙ୍କ ଘରେ ରହୁଛନ୍ତି। ଜଳେଶ୍ୱର ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ବ୍ରଜମୋହନ ପ୍ରଧାନ ଗୁରୁବାର ଅପରାହ୍ନ ୩ଟାରେ ନାବାଳକଦ୍ୱୟଙ୍କ ନିକଟରେ ପହଞ୍ଚି ଭାବବିହ୍ୱଳ ହୋଇପଡିଥିଲେ। ତାଙ୍କ ମା' ସୀମାଙ୍କର ଅନ୍ତେଷ୍ଟିକ୍ରିୟା କର୍ମର ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହ ସେମାନଙ୍କ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆବାସିକ ବିଦ୍ୟାଳୟରେ ପାଠପଢ଼ା ସହିତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଗ୍ରାମବାସୀଙ୍କଠାରେ ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ନେତା ରାଜେଶ ଖଟୁଆ, କାଳୀଚରଣ ଦାସ, ଶ୍ରୀକଣ୍ଠ ମହାନ୍ତି, ବାବି ପଣ୍ଡା, ଅକ୍ଷୟ ବେହେରା, ଆରୁହା ପଞ୍ଚାୟତର ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ଦତ୍ତ, ଖବରଦାତା ମନୋଜ କୁମାର ଭୂୟାଁ, ସରସ୍ୱତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଉଭୟଙ୍କ ବିରୋଧରେ ଚାଲିବ ନିର୍ବାଚନୀ ଅନିୟମିତତା ମାମଲା

# ଭୁବନେଶ୍ୱର ମଧ୍ୟ, ସୋର ବିଧାୟକଙ୍କ ଆବେଦନ ଖାରଜ

କଟକ,୧୬।୫(କାର୍ତ୍ତିକ ସାହୁ): ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଦାଲତ ଅନନ୍ତଙ୍କ ଆବେଦନକୁ ଖାରଜ କରିବା ସହ ତାଙ୍କ ବିରୋଧରେ ରୁଜୁ ମାମଲାର ବିଚାର ଚାଲିବ ବୋଲି ଶୁକ୍ରବାର ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ଜେନା ନିର୍ବାଚନରେ ଅନିୟମିତତା କରିଥିବା ନେଇ ପରାଜିତ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପ୍ରସ୍ତାବକ ଗୋରାଚାନ୍ଦ ମଙ୍ଗରାଜ ହାଇକୋର୍ଟରେ ଆବେଦନ କରିଥିଲେ। ବିଜେଡି ବିଧାୟକ ଅନନ୍ତଙ୍କ ବିଜୟକୁ ଖାରଜ କରିବା ପାଇଁ ସେ ଆବେଦନରେ ଦର୍ଶାଇଛନ୍ତି।


ସେହିପରି ସୋର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ମାଧବ ଧଡ଼ା ତାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ମାମଲା ଆବେଦନ ଖାରଜ ହୋଇଛି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ରଙ୍କ ଅଦାଲତ ଆବେଦନକୁ ଖାରଜ କରିବା ସହ ତାଙ୍କ ବିରୋଧରେ ରୁଜୁ ମାମଲାର ବିଚାର ଚାଲିବ ବୋଲି ଶୁଣାଣିରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ସୋର ବିଧାନସଭା ନିର୍ବାଚନମଣ୍ଡଳୀର ପରାଜିତ ଭାଜପା ପ୍ରାର୍ଥୀ ପର୍ଶୁରାମ ଧଡ଼ା ବିଜେଡି ବିଧାୟକ ମାଧବଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା ରୁଜୁ କରିଛନ୍ତି। ମାଧବ ପ୍ରାର୍ଥୀପତ୍ର ଦାଖଲ ବେଳେ ଅନିୟମିତତା କରିଥିବା ଅଭିଯୋଗ ଉଠାଇ ତାଙ୍କ ବିଜୟ ଖାରଜ କରିବା ପାଇଁ ପର୍ଶୁରାମ ଆବେଦନରେ ଦର୍ଶାଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର

## ଗରମରେ ରୋଗୀ ଛଟପଟ

ନୀଳଗିରି, ୧୬।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଅନ୍ୟ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର ଅପେକ୍ଷା ସଜନାଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସଂଖ୍ୟା ଅପେକ୍ଷାକୃତ ଅଧିକ। ଦୈନନ୍ଦିନ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଆନ୍ତି। ମାତ୍ର ବର୍ଷର ଅନ୍ୟଦିନ ଅପେକ୍ଷା ଗ୍ରୀଷ୍ମଋତୁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସେବା ପାଇଁ ଆସୁଥିବା ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗରମରେ ରୋଗୀମାନେ ବାହାରେ ଛିଡା ହୋଇପାରୁ ନ ଥିବା ବେଳେ ଭିତରେ ମଧ୍ୟ ପ୍ରବଳ ଗୁଳୁଗୁଳି ଯୋଗୁ ବିଶ୍ରାମ ନେବା ଭଳି ବ୍ୟବସ୍ଥା ନାହିଁ। ଫଳରେ ଅନେକ ସମୟରେ ବୟସ୍କ ରୋଗୀ ଗରମରେ ଅଚେତ ହୋଇପଡିବା ଭଳି ଖବର ମିଳୁଛି। ଏପରିକି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ, ଚିକିତ୍ସା ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି)ର ବ୍ୟବସ୍ଥା ନାହିଁ। ପ୍ରବଳ ଗରମରେ ସମସ୍ତଙ୍କୁ ଛଟପଟ ହେବାକୁ ପଡୁଛି। ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅନ୍ୟ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲାଗିଥିବା ବେଳେ ସଜନାଗଡ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଏଭଳି ଅବହେଳା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସର୍ବୋପରି ଅନ୍ୟ ସମସ୍ତ ଉନ୍ନୟନ କାର୍ଯ୍ୟ ସୋରରେ ରୋଗୀ କଲ୍ୟାଣ ସମିତି ଦ୍ୱାରା କରାଯାଇଥିବା ବେଳେ ଏଠାରେ ରୋଗୀକଲ୍ୟାଣ ଯୋଜନାରେ ସେପରି କୌଣସି ଉନ୍ନତି ହୋଇଥିବା ପରିଲକ୍ଷିତ ହେଉନାହିଁ। ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତୁରନ୍ତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଇବାକୁ ଅଞ୍ଚଳବାସୀ ଦାବିକରିଛନ୍ତି।




# ଡାଲଙ୍ଗ ଗାଁ, ଶାଳପଡା ଡକାୟତି ପର୍ଦ୍ଦାଫାଶ

## ୩ କୋର୍ଟଚାଲାଣ: ବନ୍ଧୁକ, ଖଣ୍ଡା ଓ ଅଳଙ୍କାର ଜବତ

ଖଇରା,୧୬।୫(ଉତ୍କଳବନ୍ଧୁ ପଣ୍ଡା)


ଖଇରା ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ଅଭିଯୁକ୍ତ।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡାଲଙ୍ଗ ଗାଁ ଓ ଶାଳପଡା କେନାଲ ରାସ୍ତା ଡକାୟତିର ପର୍ଦ୍ଦାଫାଶ ହୋଇଛି। ଜଣେ ସ୍ଥାନୀୟ ଯୁବକଙ୍କ ସମେତ ମୋଟ ଡକାୟତି ର୍ୟାକେଟରେ ୯ ଜଣଙ୍କ ସଂପୃକ୍ତି ଥିବା ବେଳେ ଖଇରା ପୋଲିସ ୩ଜଣଙ୍କୁ, ସାଲେପୁର ପୋଲିସ ୨ଜଣଙ୍କୁ ଓ ବିରିଡି ପୋଲିସ ଜଣଙ୍କୁ ଗିରଫ କରିଥିବା ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଏବଂ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ସୂଚନା ଦେଇଛନ୍ତି। ଖଇରା ପୋଲିସ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସୋର ଥାନା କୁରୁଣିଆ ଗ୍ରାମର ପ୍ରହ୍ଲାଦ ଗାହାଣ, ଗଗନଧୂଳି ପଞ୍ଚାୟତ ତେନ୍ତୁଳିଆପଡା ଗ୍ରାମର ଅଶୋକ କୁମାର ନାଥ ଏବଂ ଉଗରପଡା ଗ୍ରାମର ଧୀରେନ୍ଦ୍ର କୁମାର ସାହୁ। ତାଙ୍କ ନିକଟରୁ ଏକ ପିସ୍ତଲ, ତେଲେଙ୍ଗା ଖଣ୍ଡା, ରୁପା ଓ ସୁନା ଅଳଙ୍କାର ଜବତ କରାଯାଇଛି।

ପୋଲିସ ତଥ୍ୟ ଅନୁଯାୟୀ ୬ ତାରିଖ ରାତି ପ୍ରାୟ ୧ଟା ବେଳେ ଦୁର୍ବୃତ୍ତମାନେ ୨ଟି ବାଇକରେ ପ୍ରଥମେ ଶାଳପଡା–ଔପଦା କେନାଲ ରାସ୍ତାରେ କାମ ସାରି ଫେରୁଥିବା ସାରକୋଣା ଗ୍ରାମର ଅଜିତ ମହାପାତ୍ର ଓ ତାଙ୍କ ମେସିନ ଅପରେଟରଙ୍କୁ ମାଡ ମାରି ବାଇକ(ଓଡି ୩୪ପି ୬୪୦୫)ଓ ୨ଟି ମୋବାଇଲ ଛଡାଇନେଇ ପଳାଇଥିଲେ। ପରେ ରାତି ପ୍ରାୟ ୨ଟା ବେଳେ ଡାଲଙ୍ଗ ଗ୍ରାମର କ୍ରାନ୍ତି କୁମାର ଦାସଙ୍କ ଘରେ ପଶି ପ୍ରଥମେ ବନ୍ଧୁକ ଓ ତେଲେଙ୍ଗା ଖଣ୍ଡା ଦେଖାଇ ଭୟଭୀତ କରି କ୍ରାନ୍ତି କୁମାର, ତାଙ୍କ ମା' ଓ ଭଉଣୀକୁ ଦଉଡିରେ ବାନ୍ଧି ନିର୍ଘୁକ ମାଡ଼ ମାରିବା ପରେ ନଗଦ ୧୫ହଜାର ଟଙ୍କା ଓ ୨ଲକ୍ଷ ମୂଲ୍ୟର ସୁନା ଅଳଙ୍କାର ନେଇ ପଳାଇଥିଲେ। ଚୋରମାନେ ଏକ ବୁଲେଟ ଆଣିଥିବା ସୁରାକ ପାଇବା ପରେ ଖଇରା ପୋଲିସ ପ୍ରଥମେ ବୁଲେଟ ଆରୋହୀ ଉଗରପଡାର ଧୀରେନ୍ଦ୍ରଙ୍କୁ ଗିରଫ କରାଯିବା ପରେ ତାଙ୍କ ନିକଟରୁ ସୂଚନା ପାଇ ଅନ୍ୟମାନଙ୍କୁ କାବୁ କରାଯାଇଥିଲା। ଅନ୍ୟମାନଙ୍କ ଗିରଫ ସମ୍ପର୍କରେ ସେମାନଙ୍କ ଘର ଥିବା ଥାନାଗୁଡିକ ସହ କ୍ରମାଗତ ସମ୍ପର୍କ ରଖାଯାଇଥିବା ପୋଲିସ କହିଛି । ପ୍ରଥମେ ମାମଲା(ନଂ. ୧୪୫/୨୫)ରେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ପରେ ଶାଳପଡା ରାସ୍ତା ଡକାୟତି(୧୪୪/୨୫) ଓ ଏପ୍ରିଲ ୩ ତାରିଖର ପ୍ରହରାଜପୁର ଗ୍ରାମର ଜୁଏଲେରୀ ମାଲିକଙ୍କ ଘରୁ ଡକାୟତି(ନଂ. ୧୧୮/୨୫) ସମ୍ପର୍କରେ ତଦନ୍ତ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

# ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ସନ୍ଦେହ

ଜଳେଶ୍ୱର, ୧୬।୫(ନବୀନ ସାହୁ)– ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତ ଧାନଘେରା ଗ୍ରାମର ଖେଲା ହାଁସଦାଙ୍କ ସ୍ତ୍ରୀ ଫୁଲ (୪୫) ଗୁରୁବାର ପଡ଼ୋଶୀ ଗ୍ରାମକୁ କାମ ପାଇଁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରି ସେ ଅସୁସ୍ଥତା ଅନୁଭବ କରିଥିଲେ। ଘରେ ସେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଆମ୍ବୁଲାନ୍ସ ଆସିବାକୁ ବିଳମ୍ବ ହେବାରୁ ସେ ମୃତ୍ୟୁବରଣ କରିଥିଲେ। ମୃତଦେହକୁ ପରିବାର ଲୋକେ ଘରକୁ ନେଇ ଯାଇଥିଲେ। ଏହି ଖବର ଶୁଣି ସରପଞ୍ଚ ଗିରିଜା ଶଙ୍କର ସାସମଲ୍‌ଙ୍କ ହସ୍ତକ୍ଷେପ ପରେ ଶବ ବ୍ୟବଚ୍ଛେଦ ପାଇଁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ନେଇ ପରିବାର ଲୋକେ ପହଞ୍ଚିଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ୨୧ରେ ରାଜଭବନ ଆଗରେ ବିଜେଡିର ଗଣଧାରଣା

## ଏସ୍ଇବିସି ଛାତ୍ରୀଛାତ୍ରଙ୍କୁ ସବୁ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବି

ଭୁବନେଶ୍ୱର,୧୬ା୫(ସୁନିତ୍ ମିଶ୍ର)

ରାଜ୍ୟର ଏସ୍ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୧.୨୫% ସିଟ୍ ସଂରକ୍ଷଣ ବ୍ୟବସ୍ଥା ନେଇ ଭାଜପା ସରକାର ଘୋଷଣା କରିବା ଏବଂ ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି କୁହାଯିବା ଏକ ଧୋକା ଓ ପ୍ରବଞ୍ଚନା ବୋଲି ବିଜେଡି ଅଭିଯୋଗ କରିଛି। ଏସ୍ଇବିସି ବା ଓବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ଶିକ୍ଷାନୁଷ୍ଠାନରେ ୨୭% ସ୍ଥାନ ସଂରକ୍ଷଣ ଦାବିରେ ବିଜେଡି ଆସନ୍ତା ୨୧ରେ ଆନ୍ଦୋଳନକୁ ଓହ୍ଲାଇବା ସହ ରାଜଭବନ ଘେରାଉ କରିବ ବୋଲି ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି।

ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଓବିସିସେଲ୍ର ଆବାହକ ଅରୁଣ ସାହୁ କହିଛନ୍ତି, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଏସ୍ଇବିସି ଛାତ୍ରୀଛାତ୍ରଙ୍କ ୧୧.୨୫% ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପଛୁଆବର୍ଗଙ୍କ ଲାଗି ବିଶ୍ୱାସଘାତକତା। ରାଜ୍ୟ ସରକାରଙ୍କ ଦ୍ୱାରା ଏ ସମ୍ବନ୍ଧରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଛି, ରାଜ୍ୟ ସରକାରଙ୍କ ଅଧୀନସ୍ଥ ବୈଷୟିକ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ। ଯେଉଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ସରକାରଙ୍କ ତରଫରୁ ପଛୁଆବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରାଯାଇଛି ସେଠାରେ ଥିବା ଆସନଗୁଡ଼ିକ ପ୍ରାୟତଃ ଖାଲି ପଡ଼ୁଛି। ଖାଲି ପଡ଼ୁଥିବା ଆସନଗୁଡ଼ିକ ପାଇଁ ସଂରକ୍ଷଣ ଘୋଷଣା କରିବା ଓ ଏହାକୁ ଐତିହାସିକ ବୋଲି ଦାବି କରିବା ଧୋକା ଓ ପ୍ରବଞ୍ଚନା ନୁହେଁ ତ ଆଉ କ'ଣ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି। ବିଧାନସଭାରେ ମୁଲତବୀ ପ୍ରସ୍ତାବ ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇବା ସହ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଆଗରେ ଧାରଣା ଦେଇଥିଲୁ। ତେଣୁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ପ୍ରତିବାଦ କରିବା ସହ ତୁରନ୍ତ ରାଜ୍ୟର ସବୁ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କ ନିମନ୍ତେ ୨୭% ଆସନ ସଂରକ୍ଷଣ ଲାଗୁ କରିବା ପାଇଁ ବିଜେଡି ଦାବି କରି ୨୧ ତାରିଖରେ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ସେ କହିଛନ୍ତି।

# ୫୧ ଦିନରେ ଅଲିଭ୍ ରିଡ୍ଲେ କଇଁଛଙ୍କ ହଜାର କି.ମି. ଅତିକ୍ରମ

## ଗହୀରମଥାରୁ ଯାଇ ଆନ୍ଧ୍ରପ୍ରଦେଶରେ ପହଞ୍ଚିଛି

କେନ୍ଦ୍ରାପଡ଼ା, ୧୬ା୫(ଜଗନ୍ନାଥ ଧଳ)



ଗହୀରମଥାରୁ ଅଣ୍ଡାଦାନ କରିବାକୁ ଆସିଥିବା ଅଲିଭ୍ ରିଡ୍ଲେ କଇଁଛଙ୍କ ପିଠିରେ ଟ୍ରାନ୍ସମିଟର ଲଗାଯାଇଛି।

ସାମୁଦ୍ରିକ ଜୀବ ମଧ୍ୟରେ ବିରଳ ଅଲିଭ୍ ରିଡ୍ଲେ କଇଁଛଙ୍କ ଜୀବନଚକ୍ର ରହସ୍ୟମୟ। ଏହି କଇଁଛଙ୍କ ଜୀବନଚକ୍ର ବିଷୟରେ ଜାଣିବା, କେଉଁଠାରେ ଏମାନେ ଅବସ୍ଥାନ କରୁଛନ୍ତି, ଅଣ୍ଡାଦାନ କରିବାକୁ କାହିଁକି ଏତେଦୂର ସମୁଦ୍ର ଅତିକ୍ରମ କରି ଉପକୂଳ ଓଡ଼ିଶାକୁ ବାଛୁଛନ୍ତି ତାହା ବିଷୟରେ ଜାଣିବାକୁ ଜୀବ ବିଜ୍ଞାନୀମାନେ ପ୍ରୟାସ ଜାରି ରଖିଛନ୍ତି। ଏହିକ୍ରମରେ ଚଳିତବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ରାପଡ଼ା ଜିଲା ଗହୀରମଥାକୁ ଅଣ୍ଡାଦାନ କରିବାକୁ ଆସିଥିବା କଇଁଛଙ୍କ ମଧ୍ୟରୁ ୨ଟି ଅଲିଭ୍ ରିଡ୍ଲେଙ୍କ ଦେହରେ ପ୍ଲାଟଫର୍ମ ଟେଲି ଟ୍ରାନ୍ସମିଟର (ପିଟିଟି) ଲଗାଯାଇଥିଲା। ସାମୁଦ୍ରିକ ଗତିପଥ ଓ ଅନ୍ୟ ବିଷୟରେ ଜାଣିବାକୁ ୱାଇଲ୍ଡଲାଇଫ ଇନ୍ଷ୍ଟିଚ୍ୟୁଶନ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ) ପକ୍ଷରୁ ଏହା ଲଗାଯାଇଥିଲା। ଅଲିଭ୍ ରିଡ୍ଲେ କଇଁଛଙ୍କ ପିଠିରେ ଲାଗିଥିବା ପିଟିଟି ଟ୍ୟାଗକୁ ୫୧ ଦିନ ବିତିଛି। ଏହି ସମୟ ମଧ୍ୟରେ ଅଲିଭ୍ ରିଡ୍ଲେ କଇଁଛ ୧୦୦୦ କି.ମି. ଅତିକ୍ରମ କରିଛନ୍ତି। ଏଥିମଧ୍ୟରେ ପିଟିଟି ଟ୍ୟାଗ ହୋଇଥିବା ବିରଳ ଅଲିଭ୍ ରିଡ୍ଲେ କଇଁଛ ଶ୍ରୀଲଙ୍କା, ପୁଡୁଚେରୀ, ତାମିଲନାଡୁ ଉପକୂଳକୁ ଛୁଇଁ ଆନ୍ଧ୍ରପ୍ରଦେଶ ଉପକୂଳରେ ପହଞ୍ଚିଥିବା ରାଜ୍ୟ ଡିଭିଜନରୁ ଶୁକ୍ରବାର ଜଣାପଡ଼ିଛି। ଏ ସମ୍ପର୍କରେ ରାଜନଗର ବନଖଣ୍ଡର ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ ଏହି ଜୀବର ବିଚିତ୍ର ଜୀବନ ପ୍ରଣାଳୀ ଜାଣିବାକୁ ବିଶ୍ୱର ବିଭିନ୍ନ ସ୍ଥାନରେ ପିଟିଟିକୁ ବ୍ୟବହାର କରାଯାଉଛି। ୨୦୦୧ରେ ଓଡ଼ିଶାର ଦେବୀ ମୁହାଣରେ ଡବ୍ଲ୍ୟୁଆଇଆଇ ଓ ୱିଥସନିଆନ ଇନ୍ଷ୍ଟିଚ୍ୟୁଶନର ଜୀବ ବିଜ୍ଞାନୀ ଜ୍ୟାକ ଫ୍ରଜର ୪ଟି ଅଲିଭ୍ ରିଡ୍ଲେଙ୍କ ଦେହରେ ପିଟିଟି ସଂଯୋଗ କରିଥିଲେ। ଏହି ପିଟିଟି ସଂଯୁକ୍ତ ଅଲିଭ୍ ରିଡ୍ଲେଙ୍କ ଗତିପଥ ଶ୍ରୀଲଙ୍କା ତଟକୁ ପହଁଚିଥିବାବେଳେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ୨୦୦୭ ମସିହାରେ ଗହୀରମଥାରେ ପିଟିଟି ସଂଯୁକ୍ତ କଇଁଛ ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ନିଜର ଅବସ୍ଥିତି ଜଣାଇବା ପରେ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଚଳିତ ବର୍ଷ ଗହୀରମଥାରେ ୭ ଲକ୍ଷରୁ ଅଧିକ ଅଲିଭ୍ ରିଡ୍ଲେ କଇଁଛ ଅଣ୍ଡା ଦେଇଥିଲେ। ଏହି ଜୀବ ପ୍ରକୃତିର ଏକ ବିସ୍ମୟକର ଜୀବନ ପ୍ରଣାଳୀରେ ଅବତୀର୍ଣ୍ଣ କରନ୍ତି। ଏମାନଙ୍କ ଗତିପଥଠାରୁ ଆରମ୍ଭ କରି ଖାଇବା, ରହିବା ସହ ସାମୁଦ୍ରିକ ତାପମାତ୍ରା, ଗଭୀରତା ଆଦି ଏହି ପିଟିଟି ମାଧ୍ୟମରେ ସୂଚନା ମିଳୁଛି। ବିଶେଷଜ୍ଞମାନେ ପିଟିଟିରୁ ସାଟେଲାଇଟ ମାଧ୍ୟମରେ ତାହା ସଂଗ୍ରହ କରି ଏ ସମ୍ପର୍କରେ ବହୁ ତଥ୍ୟ ହାସଲ କରୁଥିବା ଏସିଏଫ୍ ଦାସ ସୂଚନା ଦେଇଛନ୍ତି।

# ୨୩ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ ଚିଠି

## ଡିଏମ୍ଏଫ୍ ଅନୁଦାନ ହେରଫେର ଘଟଣା

କେନ୍ଦୁଝର/ହାଟଡିହି,୧୬ା୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝରରେ ଡିଏମ୍ଏଫ୍ ଅନୁଦାନ ହେରଫେର ଓ ଅନିୟମିତତାକୁ ନେଇ ବିଭିନ୍ନ ସରକାରୀ ଦପ୍ତରରେ ଅଭିଯୋଗ ହୋଇଛି। ଅଭିଯୋଗ ଦିଗରେ ବିଭିନ୍ନ ବିଭାଗୀୟ ଅଧିକାରୀ ରିପୋର୍ଟ ତଲବ କରିଥିଲେହେଁ କୌଣସି ତଥ୍ୟଗତ ରିପୋର୍ଟ ମିଳି ନ ଥିଲା। ଫଳରେ ଚିଠି (ନଂ. ୨୧/୮ ମେ ୨୦୨୫)ରେ ରାଜ୍ୟ ସରକାରଙ୍କ ଡେଭଲପମେଣ୍ଟ କମିଶନର ତଥା ଆଡିଶନାଲ ସେକ୍ରେଟାରି ଅନୁ ଗର୍ଗ କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କୁ ତଥ୍ୟଗତ ରିପୋର୍ଟ ପ୍ରଦାନ ପାଇଁ ଚିଠି ଜାରି କରିଛନ୍ତି। ଆଡିଶନାଲ ସେକ୍ରେଟାରି ଗର୍ଗ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଡିଏମ୍ଏଫ ଅନୁଦାନ ଖର୍ଚ୍ଚ ସମ୍ବନ୍ଧୀୟ ୧୮ଟି ଜନଶୁଣାଣି ଅଭିଯୋଗ ଏବଂ ୧୫ଟି ଲିଖିତ ଅଭିଯୋଗର ତଥ୍ୟଗତ ରିପୋର୍ଟ ପ୍ରଦାନ ନିମନ୍ତେ ଦୀର୍ଘ ମାସ ଧରି ବିଭିନ୍ନ ସମୟରେ ରିମାଇଣ୍ଡର ଚିଠି ଦ୍ୱାରା ଜଣାଯାଇଛି। କିନ୍ତୁ କୌଣସି ତଥ୍ୟଗତ ରିପୋର୍ଟ ଏଯାଏଁ ମିଳିନାହିଁ। ଆସନ୍ତା ମେ ୨୩ ସୁଦ୍ଧା ତଥ୍ୟଗତ ରିପୋର୍ଟ ପ୍ରଦାନ କରିବାକୁ ଆଡିଶନାଲ ସେକ୍ରେଟାରି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ୧୩ ମେ ୨୦୨୫ରେ ଉକ୍ତ ଚିଠି ଜିଲାପାଳଙ୍କ ଅଫିସ ଦ୍ୱାରା ପ୍ରାପ୍ତ ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ରାଜ୍ୟ ପ୍ଲାନିଂ ଆଣ୍ଡ କନଭରଜେନ୍ସ ବିଭାଗର ଆଡିଶନାଲ ସେକ୍ରେଟାରି ପ୍ରଦ୍ୟୁମ୍ନ କୁମାର ମହାନ୍ତ କହିଛନ୍ତି, ତାଙ୍କ ଅଫିସ ତରଫରୁ ବାରମ୍ବାର ଜିଲାପାଳଙ୍କୁ ବିଭାଗରେ ତଥ୍ୟଗତ ରିପୋର୍ଟ ପ୍ରଦାନ ପାଇଁ ଚିଠି ମଧ୍ୟ ଜାରି କରାଯାଇଛି। କିନ୍ତୁ ତଥ୍ୟଗତ ରିପୋର୍ଟ ମିଳିନି। ଏ ନେଇ ଏଡ୍ଭୋ ଅନନ୍ତ ନାୟକ କହିଛନ୍ତି, ଡିଏମ୍ଏଫ୍ ଅନୁଦାନ ଅର୍ଥ ହେରଫେର୍ ଘଟଣାର ତଦନ୍ତ କରାଯିବ।

---

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
**CHIPLIMA HYDRO ELECTRIC PROJECT, CHIPLIMA**
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph:(0663) 2460661,
E-mail: hpschiplima@yahoo.in, Fax No. (0663) 2460505

No.CAD-420:
No.-CHEP/TW-268 (Vol.-III) (Part File)/ 1782 Date: 15.05.2025

**'e'-Procurement Notice**
**TENDER CALL NOTICE NO.-CHEP-11/2025-26**

Unit Head, CHEP, Chiplima invites percentage rate tenders in two parts for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost/ EMD | Cost of Tender Specification | Completion Period |
|---|---|---|---|
| Floor Tiling Work of 10 Nos. E-Type & 5 Nos. F-Type Quarters of OHPC Colony, CHEP, Chiplima | Rs.16,20,480.00/ EMD= Rs.16,210.00 | Rs.7,080.00 (Rs.6,000.00 + GST@18%) | 60 Days |

1. Availability of bids ONLINE: from 11:00 AM of dtd.19.05.2025 up to 05:00 PM of dtd.31.05.2025.
2. The date & time of opening of tender: At 11:30 AM of dtd.02.06.2025

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in.

OIPR-04006/11/0082/2526 Sd/- Unit Head, CHEP, Chiplima

---

**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email : eerwss_bgh@nic.in, Ph (O) : 06646 233220, Fax : 06646 234626
No. 1794 / Dt. 14.05.2025
**GOVERNMENT OF ODISHA "e" PROCUREMENT NOTICE**
Bid Identification No. 01 Dt. 14.05.2025 of 2025-26

No.O-152 : The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

| | | |
|---|---|---|
| 1 | Name of the work | Execution of Improvement with Retrofitting to Rural Piped Water Supply to Village Bheunria under Padampur Block |
| 2 | Approx. Estimated cost | Rs. 83.47 lakh |
| 3 | Date and time of availability of document in the portal | Dt. 19.05.2025 to Dt. 09.06.2025 up to 5.00 P.M. |
| 4 | Last date/time for receipt of bids in the portal | Dt. 09.06.2025 up to 5.00 P.M. |
| 5 | Date & time of Opening of Tender | Dt. 10.06.2025 at 10.00 A.M. |
| 6 | Name and address of the Officer Inviting Bid | Executive Engineer, RWS&S Division, Bargarh, District : Bargarh |

Further details can be seen from the e-procurement portal "http//tendersorissa.gov.in". The authority reserves the right to reject any or all the tenders without assigning any reason thereof.

Sd/- Executive Engineer, RWS&S Division, Bargarh
OIPR-25157/11/0003/2526

---

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
No.A-169 GOVERNMENT OF ODISHA
**"e"- PROCUREMENT NOTICE**
**BID IDENTIFICATION No: 01 MID JSP/2025-26**

1. Name of the Inviting Officer:- Superintending Engineer, Minor Irrigation Division, Jashipur.
2. Name of the Work:- Construction of Check Dam under MATY Scheme.
3. No. of Works:- 1 (One) No.
4. Tender Amount Varies From:- 52.08 Lakh
5. Date and Time of availability of Bid document in the Portal for online bidding from:- 10.00 hrs. Dt.17.05.2025 to 17.00 hrs Dt.26.05.2025.
6. Last Date and Time of receipt of Bids in the portal: 17.00 hrs. Dt.26.05.2025.
7. Last Date and Time for clarification upto:- 17.00 hrs. Dt.26.05.2025.
8. Date of Opening of Bid:- 11.00 Hrs. onwards Dt.28.05.2025.

The details tender call notice can also be seen in the DOWR website: http://dowrorissa.gov.in

Name & Address of the OIT: Superintending Engineer, M.I. Division, Jashipur, At/PO- Khairi/ Dist: Mayurbhanj, PIN-757091, E-Mail: eemijashipur@yahoo.com

Further details can be seen from the e-Procurement market place: http://tenderorissa.gov.in

■ Subsequent corrigendum/addendum if required shall be available in the above portal.

■ The tender inviting authority reserves the right to reject/cancel any or all tenders without assigning any reason thereof.

Sd/- Superintending Engineer
OIPR-32282/11/0011/2526 M.I. Division, Jashipur

---

**OFFICE OF THE MUNICIPAL COUNCIL, BALASORE**
BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

ପରିପତ୍ର ସଂଖ୍ୟା 10147 **ଶୁଦ୍ଧି ପତ୍ର** ତା.୧୪.୫.୨୦୨୫ ରିଖ

No.C-320: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ କାର୍ଯ୍ୟ ପାଇଁ ଦର୍ଘାପାଇଁ ଆଗାମୀ ସମୟସୀମା ... ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.୧୪.୦୫.୨୦୨୫ ରିଖରୁ ବର୍ଦ୍ଧିତ କରାଯାଇ ତା.୨୧.୦୫.୨୦୨୫ ରିଖ ସମୟ ଅପରାହ୍ନ ୦୧.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଛି। ... (ALF) ... ସଂଖ୍ୟା ତା.୨୧.୦୫.୨୦୨୫ ... ତେଣ୍ଡର ତା.୨୨.୦୫.୨୦୨୫ ରିଖ ଦିନ ସକାଳ ୧୧.୩୦ ଘଟିକା ସମୟରେ ପୌରପାଳିକା ଦେଖେର କକ୍ଷ ସମ୍ମୁଖରେ ଖୋଲାଯିବ।

(Can also be obtained in detail from Govt. Website-http://balasore.odisha.gov.in)

Sd./- Executive Officer
OIPR-13154/11/0045/2526 Balasore Municipality

---

**OFFICE OF THE DIVISIONAL FOREST OFFICER, SUNABEDA WILDLIFE DIVISION, NUAPADA**
At/Po- Nuapada, Dist-Nuapada, Odisha-766105, Tel-06678-295372
Email ID: dfo.sunabedawl@odisha.gov.in
Tender Call Notice No.46, Dated 13.05.2025
**TENDER CALL NOTICE**

No.MM-36:Sealed tenders are invited from registered agencies for providing manpower service of various categories of trained/experienced persons to work under Sunabeda Wildlife Division, Nuapada for implementation of Programme Expenditure-SSS, CSS-IDWH & CAMPA Scheme on outsourcing basis. The tender document (Application from with term & condition) can be obtained or downloaded from https://nuapada.odisha.gov.in/ https://odishaforest.in/ on payment of Rs.5000/- (Rupees Five Thousand) only non refundable Demand Draft drawn in favour of the Divisional Forest Officer, Sunabeda Wildlife Division, Nuapada. The application should be reach in the O/o. the Divisional Forest Officer, Sunabeda Wildlife Division, Nuapada on or Before 21.05.2025 upto 01.00 PM through Registered Post/ Speed Post/ Courier Service/ by Person in the Office of the Divisional Forest Officer, Sunabeda Wildlife Division, Nuapada. The tender will be opened on 22.05.2025 at 10.00 AM in the Office of the Divisional Forest Officer, Sunabeda Wildlife Division, Nuapada, in the presence of the tenderers or their authorised representative if any. The undersigned reserves the right to accept or reject any or all the tenders without assigning any reason thereof. The number of personnel may very as per requirement.

Sd/- Divisional Forest Officer
OIPR-08028/11/0003/2526 Sunabeda Wildlife Division, Nuapada

---

**OFFICE OF THE MUNICIPAL COUNCIL : KEONJHARGARH**
email - keonjharm.hud@rediffmail.com
**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-02/2025-26**
**Letter No.3343/KGM/Date.14.05.2025**

No.C-316 : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work : Civil Work
2. No. of Work : 6 Nos.
3. Value of works : Rs.21,87,000/- to 39,33,000/-
4. Date & Time of availability of Bid document in the portal : From 16.05.2025 at 11.00 A.M. up to 28.05.2025 at 5.30 P.M.
5. Date of Opening of bid in portal : 31.05.2025 at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersodisha.gov.in

Sd/- Executive Officer
OIPR-13115/11/0026/2526 Keonjhargarh Municipality

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH**
E-mail: nayagarhrw2@yahoo.in
No.1935 **1st Corrigendum to** Date:15.5.25
**Bid Identification No.Tender Online Tender/01/RWD-II/2025-26 dtd.06.05.2025**

No.O- In partial modification to this office Tender Call Notice No.01/2025-26 invited vide this office No.1813 dtd.06.05.2025, the online availability of tender against the works as mentioned from Sl.No.01 to Sl.No.07 of the above N.I.T. (Detailed in Annexure) have been re-scheduled as follows.

| Procurement Officer | Bid Identification No. | Availability of tender on-line for bidding was: From | To | Now availability of Tender On-line for bidding is rescheduled: From | To | Date & Time of opening of Technical Bid was on | Now Date & Time of opening of Technical Bid is rescheduled to | Date & Time of Opening of Financial Bid |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | Dt.16.05.2025 at 10.00 A.M. | Dt.30.05.2025 at 05.00 P.M. | 23.05.2025 at 11.00 A.M. | 06.06.2025 upto 5.30 PM | Dt.31.05.2025 upto 11.00 A.M. | Dt.09.06.2025 at 11.00 A.M. | Will be intimated later on |

All other terms and conditions remain unchanged.
OIPR-25144/11/0012/2526 Sd/- Executive Engineer, Rural Works Division-II, Nayagarh

---

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK-753001
**NOTICE**
No.D- No. 3209/P.S.C., Dt. 15.05.2025
1E-03-2025/26[DR-II]
**ADVERTISEMENT NO.03 OF 2025-26**
Website - https://opsc.gov.in

| | |
|---|---|
| I. | Assistant Professor (Broad Speciality) in Government MCHs in the rank of Group-A, under Health & Family Welfare Department |
| II. | No. of Vacancies - 314 (74-w) |

Online applications are invited from the prospective candidates through proforma application to be made available on the Website of the Commission (https://opsc.gov.in) for recruitment to 314 (Three Hundred Fourteen) posts of Assistant Professor (Broad Speciality) in 24 different disciplines of Group-A, under the Odisha Medical Education Service cadre, for posting in Government MCHs of the State of Odisha, under the Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are purely temporary for the present and likely to be made permanent in future.

2. VACANCY POSITION : As per requisition furnished by the Health & Family Welfare Department, Government of Odisha, the vacancy position for the post of Assistant Professor (Broad Speciality) in 24 different disciplines is 314 (74-w).

3. AGE : A candidate must have attained the age of not less than 21 (Twenty One) years and not above the age of 45 (Forty Five) years as on the 1st day of January 2025 i.e. he/she must not have been born earlier than 2nd January 1980 and not later than 1st January 2004.

4. EDUCATIONAL QUALIFICATION : The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.

5. EXAMINATION FEE : The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

6. METHOD OF SELECTION : The selection of candidates for recruitment to the posts of Assistant Professor in Broad Speciality shall be made on the basis of Written Test as per the guidelines as enumerated in the Odisha Medical Education Service (Method of Recruitment and Conditions of Service) Rules, 2021.

7. WRITTEN EXAMINATION : The Written Examination will be held on 17th August 2025(Sunday). The detailed Schedule and Centre of Examination will be notified in due course.

*The link for registration and submission of online application shall be available from 26.05.2025 to 26.06.2025 till 5.00 P.M. (Note: 26.06.2025 is the last date/closing date for submission of Registered Online Application)*

The candidates are advised to visit the Website of the Commission at https://opsc.gov.in for detailed information for applying to the above post.

CUTTACK Sd./- Secretary
DATE : 15.05.2025 Odisha Public Service Commission
OIPR-12002/11/0207/2526 Cuttack

---

idco | ODISHA NEW OPPORTUNITIES
No.CAD-414
File No.HO/Civil/T&E-E4987/01/2023/12595 Dt.01.05.2025
**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWERS, BHUBANESWAR**
Bid Identification No. CIVIL/EST/02/2025-26
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | Name of the Work | : | Integrated Aqua Park at Hirakud Sambalpur |
| 2. | Value of work | : | Rs.7158.12 Lakhs (Approx.) |
| 3. | Period of completion | : | 15 (Fifteen) Calendar Months |
| 4. | Availability of tender online for Bidding : | | |
| | I. Start Date | : | 18:00 Hours of dt.22.05.2025 |
| | II. Prebid meeting Date | : | 11.30 Hours of 30.05.2025 |
| | III. End date | : | 11:00 Hours of dt.17.06.2025 |
| | IV. Opening Date | : | 11:30 Hours of dt.17.06.2025 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/- Chief General Manager (Civil), IDCO, Bhubaneswar
OIPR-14003/11/0154/2526

---

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE SUPERINTENDING ENGINEER, RWS&S DIVISION, ANGUL, AT : TALCHER
At - Baghuabole, P.O. - Hatatota, Talcher, Dist. - Angul, Pin - 759 100
(Ph. No./Fax - 06760-240762, E-mail : eerwssang@gmail.com)
**INVITATIONS FOR BIDS (IFB) [e-Procurement]**
**Bid Identification No. 02/SE/RWSS/2025-26 Dt.13.05.2025**
No.O-159

| | | |
|---|---|---|
| 1 | The Superintending Engineer, RWSS Division, Angul on behalf of Governor of Odisha invites lump sum bid in SINGLE cover system in ONLINE MODE from eligible contractors for pipe line work in Angul District. | |
| 2 | Name of the work | Pipe line work |
| 3 | No. of Work | 01 (One) No. |
| 4 | Value of the work | Rs.46.13 Lakhs |
| 5 | Concerned tender inviting authority | Superintending Engineer, RWS&S Division, Angul |
| 6 | Security amount (Rs.) (Online) | Nil |
| 7 | Cost of Bid documents (Rs.) (Online) | Rs.6,000/- |
| 8 | Class of Bidder | "B" Class |
| 9 | Period of Completion | 90 days |
| 10 | Availability of bid documents in the website | From date 19.05.2025 at 11.00 A.M. to date 29.05.2025 till 5.30 P.M. |
| 11 | Last Date & Time of seeking tender clarification | Up to 26.05.2025 till 5.30 P.M. |
| 12 | date of Opening of Bid | On date 30.05.2025 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e. http://tendersorissa.gov.in. Subsequent corrigendum / addendum if required shall only be appeared in the above website.

OIPR-25195/11/0005/2526 Sd/- Superintending Engineer, RWS&S Division, Angul at Talcher

---

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭୁବନ**
**OFFICE OF THE NOTIFIED AREA COUNCIL, BHUBAN**
E-mail: bhubann.hud@nic.in
No.C-318: **INVITATION FOR BIDS**
Tender Reference No.BBN NAC-02/2025-26
Tender Call Notice No.872/BBN NAC Dated 14.05.2025

1. Name of the Work : Road Sweeping, Cleaning of drains, bush uprooting in ward no.01 to 15 and transportation of road sweeping waste to designated point/wealth centres located around 05 KM distant under Bhuban NAC & land filling works as in the DTCN published in the website.
2. Estimated Cost : Rs.1,66,97,503.00
3. Period of Completion : For 1 Year (One Year)
4. Date and Time of availability of Bid document in the Portal : From 10.00 AM of Dt.15.05.2025 to 5.30 P.M. of Dt.29.05.2025
5. Last date/Time for receipt of Bid in the Portal : 5.30 P.M. of Dt.29.05.2025
6. Date and Time of Opening of Bid : 10.00 AM hours of Dt.30.05.2025
7. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-Procurement portal http://tenderorissa.gov.in

Sd/- Executive Officer
OIPR-13096/11/0012/2526 Bhuban NAC

---

**DISTRICT HEALTH SOCIETY, DEOGARH**
**NATIONAL HEALTH MISSION, DEOGARH**
Advt. No. 861 Date : 08.05.2025
**CONTRACTUAL APPOINTMENT**

No.E-91 : Applications are invited for filling up of the following category of posts will be held on as per the below mentioned schedule which is purely on contractual basis under NHM for a period of 11months or completion of the project whichever is earlier in Deogarh District. Candidates selected shall be paid monthly remuneration & such other allowances/incentives as admissible under the norms of the society.

| Sl. No. | Name of the Post | No. of vacancy | Consolidated remuneration | Date of Walk-in-interview |
|---|---|---|---|---|
| 1. | Pediatrician, DEIC | 01 | 82016/- | 04.06.2025 |
| 2. | M.O. (MBBS) SNCU | 03 | 65612/- | |
| 3. | MO (MBBS) DEIC | 01 | 65612/- | |
| 4. | Ayush MO-RBSK Ayurvedic (ST Male-1) | 01 | 28118/- | |
| 5. | Psychiatric Nurse | 01 | 20745/- | Last date of receiving application 16.06.2025 |
| 6. | Psychiatric Social Worker under NMHP | 01 | 33088/- | |
| 7. | Accountant-cum-DEO, DPMU | 01 | 20745/- | |
| 8. | Office Assistant | 01 | 18160/- | |
| 9. | RMNCH+A Counselor | 02 | 20745/- | |

Interested candidates fulfilling the eligibility criteria for the posts from Serial No.1 to 4 are required to attend the walk-in-interview in the office of the CDM & PHO, Deogarh as per the date & time mentioned against the post. Registration timing will be from 10.30 A.M. to 12 Noon only on walk-in-interview date. **The candidates failed to register their name in due time should not be considered. The candidates are required to bring the filled in application form as per prescribed format alongwith all their original certificates in support of their educational qualification, age, experience, photograph, self-photo ID proof (Aadhaar /PAN/Voter card etc.) & one set of self attested Xerox /photocopies of the same.**

Interested candidates fulfilling the eligibility criteria for the posts from serial no.5,6,7,8 & 9 are required to send the application form as per prescribed format along with one set of self-attested photocopies of the certificates in support of their educational qualification, age, experience, photograph, self-photo ID proof (AADHAAR/ PAN/Voter card etc...) through registered/ speed post only. The application should reach to the office of the CDM & PHO, Deogarh, At/PO/Dist-Deogarh, Odisha, Pin- 768108 on or before 16.06.2025 mentioned against the post. The authority shall not be held responsible for any postal delay. The application form and the selection criteria / eligibility are available at District website http://deogarh.odisha.gov.in. The undersigned reserves the right to cancel any or all the process without assigning any reason thereof.

Sd/- (Dr. Biswa Mohan Mishra)
OIPR-10113/11/0009/2526 CDM & PHO-cum-DMD, Deogarh

---

**DIRECTORATE OF GROUND WATER DEVELOPMENT:ODISHA**
**Office of The Deputy Director, Geology, GWD Division, Baripada**
At/Po- Takatpur, Baripada, Dist.-Mayurbhanj-757003, e-mail: srgeologistbaripada@gmail.com
**INVITATION FOR BIDS (IFB)**
e-Procurement Notice:482 Date:14.05.2025
**Bid Identification No.06 to 09/GWDBPD/ARUA/2025-26 (Single- Envelope Bidding Process)**

No.A-172:Deputy Director, Geology, GWD Division, Baripada, At/Po- Takatpur, Baripada, Dist-Mayurbhanj- 757003 on behalf of Governor of Odisha invites bids from bidders Class "C" registered with the State Governments and bidders of equivalent Grade/Class registered with Central Government/MES/Railways for the construction of following work. Bids must be submitted online on or before 26.05.2025 at 13.00 Hrs. IST (system server time). Proposals will be opened online on 28.05.2025; at 09.00 Hrs. In the event of the date specified for proposals opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "www.tendersodisha.gov.in".

| Sl. No. | Description | Details: BIN | Name of the works |
|---|---|---|---|
| 1 | Name of the Work | 06/GWDBPD/ ARUA/2025-26 | Construction of 12 (Twelve) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 07/GWDBPD/ ARUA/2025-26 | Construction of 14 (Fourteen) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 08/GWDBPD/ ARUA/2025-26 | Construction of 16 (Sixteen) Nos of Recharge Shaft in Remuna and Bahanaga Block of Balasore District Under ARUA Scheme for the FY 2025-26 |
| | | 09/GWDBPD/ ARUA/2025-26 | Construction of 15 (Fifteen) Nos of Recharge Shaft in Bhandaripokhari & Dhamnagar Block of Bhadrak District Under ARUA Scheme for the FY 2025-26 |
| 2 | Total Number of Packages | 04 Nos. of Individual Packages | |
| 3 | Start date of availability of Bid document online(Bid Download) | 16/05/2025 From 11.00 Hrs. | |
| 4 | Last date of Availability of Bid document online (Bid Download) | 26/05/2025 upto 13:00 Hrs. | |
| 5 | Last date and time for receipt of Bid document (Bid Submission End Date and Time) | 26/05/2025 upto 13:00 Hrs. | |
| 6 | Date and Time of Opening of Bid Document (Bid Opening Date) | 28/05/2025 at 09:00 Hrs. | |

Sd/- Deputy Director Geology
OIPR-32467/11/0010/2526 GWD Division, Baripada

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୯୫,୦୦୦ ଉପରେ ସୁନା ଦର

## ରୁପା ଦର ୧.୧ ଲକ୍ଷ ନିକଟବର୍ତ୍ତୀ

ଭୁବନେଶ୍ୱର,୧୬।୫ (ଅଭୟ ଦାଶ)

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ସୁନା ଓ ରୁପା ଦର ବଢ଼ି ଚାଲିଛି। ବର୍ତ୍ତମାନ ବିବାହ ଋତୁ ଜାରି ରହିଥିବାବେଳେ କ୍ରମାଗତ ଦର ବୃଦ୍ଧି ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କୁ ଆଶଙ୍କା ମଧ୍ୟରେ ପକାଇଦେଇଛି। ଅପରପକ୍ଷରେ ଶୁକ୍ରବାର ଜାତୀୟ ବଜାରରେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ୨୪କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୨୮୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୭,୩୫୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୪୭୦ ଟଙ୍କା ଥିଲାବେଳେ ରୁପା କିଲୋ ପିଛା ୯୮,୫୯୦ ଟଙ୍କାରେ ପହଞ୍ଚିଛି। ଏପରିକି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତା ଭଳି ବଜାରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୧୩୦ ; ୯୫,୧୩୦ ଏବଂ ୯୩,୯୩୦ ଟଙ୍କା ରହିଛି। ଏହି ବଜାରଗୁଡ଼ିକରେ ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୭,୨୦୦ ; ୮୭,୨୦୦ ଏବଂ ୮୬୧୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ବଜାରରେ ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୩୫୦ ; ୭୧,୩୫୦ ଏବଂ ୭୦,୪୫୦ ଟଙ୍କା ଥିଲାବେଳେ ରୁପା କିଲୋପିଛା ପ୍ରାୟ ୯୯,୨୦୦ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୯୫,୦୩୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୮୭,୨୦୦ ଟଙ୍କାରେ ବିକ୍ରି ହେଉଛି। ଏପରିକି ୧୮ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୭୧,୩୫୦ ଟଙ୍କା ଥିଲାବେଳେ ରୁପା କିଲୋପିଛା ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି।



# ମଣିପାଲ ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଚକ୍ର

ଭୁବନେଶ୍ୱର,୧୬।୫

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏପରିକି ଓଡ଼ିଶା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘ ସହଯୋଗରେ ଭୁବନେଶ୍ୱର ଟ୍ରାଫିକ୍ ପୋଲିସ ଷ୍ଟେଶନ ଅଡିଟୋରିଅମ୍‌ରେ ଏକ ସ୍ୱାସ୍ଥ୍ୟ ଆଲୋଚନା ଏବଂ ସ୍କ୍ରିନିଂ ଶିବିର ଆୟୋଜିତ ହୋଇଯାଇଛି। ସେହିଭଳି ମଣିପାଲ ହସ୍ପିଟାଲର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜନ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ହରେକୃଷ୍ଣ ସାହୁ ଏବଂ ସ୍ନାୟୁରୋଗ ବିଶେଷଜ୍ଞ ଡା. ଅମ୍ଳାନ ତପନ ମହାପାତ୍ର ଯୋଗଦେଇ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ମନରେ ଥିବା ବିଭିନ୍ନ ହୃଦ୍‌ରୋଗ, ସ୍ନାୟୁରୋଗ ଏବଂ ଅସ୍ଥିଗତ ରୋଗ ସମ୍ପର୍କରେ ଆଲୋଚନା କରିବା ସହିତ ଏହାର କାରଣ, ଲକ୍ଷଣ , ଚିକିତ୍ସା ଏବଂ ପ୍ରତିକାର ସମ୍ପର୍କରେ ଆଲୋକପାତ କରାଇଥିଲେ। ନରସିଂହ ଭୋଳ କହିଥିଲେ, ସେବାରେ ଜୀବନ ଦେବା ପରେ ଅନେକ ସମୟରେ ସ୍ୱାସ୍ଥ୍ୟ ପଛକୁ ପଡ଼ିଯାଏ, ଅବସର ପରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ମଣିପାଲ ହସ୍ପିଟାଲ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଆମ ସମସ୍ତ ସଦସ୍ୟଙ୍କ ପାଇଁ ଲାଭଦାୟକ ହେବ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଏମ୍‌ଡି ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଏହା ଆମ ପାଇଁ ଗର୍ବର ବିଷୟ, ଯେଉଁମାନେ ଦେଶ ଓ ରାଜ୍ୟ ପାଇଁ ନିଷ୍ଠାର ସହିତ କାମ କରିଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ପାଇଁ ଆମକୁ ସୁଯୋଗ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସଂଘର ଅଧ୍ୟକ୍ଷ ସୂର୍ଯ୍ୟମଣି ତ୍ରିପାଠୀ, ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ତପନ କୁମାର ମହାନ୍ତି, ଏସିପି ସୁଚିସ୍ମିତା ଦାସ (ଆଇଟି ଓ ମିଡିଆ ସେଲ୍) ପ୍ରମୁଖ ଉପସ୍ଥିତ ରହି ଏଭଳି ସ୍ୱାସ୍ଥ୍ୟ ଆଲୋଚନା ପାଇଁ ମଣିପାଲ ହସ୍ପିଟାଲର ଡାକ୍ତର ଏବଂ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।


### ସପ୍ତମ ଜନ୍ମ ବାର୍ଷିକୀ ଉପଲକ୍ଷେ



**ଶ୍ରେୟାଲିନ ରାଉତ (ମାମା, ଜିନୁ)**

ଇମାମ୍ ନଗର, ଜଗତପୁର, କଟକ

ମାମା ଆଜି ତୋର ଜନ୍ମଦିନ ଉପଲକ୍ଷେ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ, ନିରାମୟ, ଯଶସ୍ୱୀ କରନ୍ତୁ ଏବଂ ତୋର ଜୀବନର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ଜେଜେମା, ଦାଦା, ଖୁଡ଼ୀ, ଲୁସି, ଶୁଣିଆ, ଗୁଡୁଲି, ପିଙ୍କନ, ଗୁଡୁଲ ଦାଦା, ପିଇସା, ପିଇସୀ, ମଉସା, ମାଉସୀ, ଅଙ୍କିତ ଓ ମାମୁନ।

ଧ-୫୬୩


# ୧ମ ତ୍ରୈମାସରେ ପତଞ୍ଜଳି ଫୁଡ୍‌ସର ୩୫୮.୫୩ କୋଟି ଲାଭ

ଭୁବନେଶ୍ୱର, ୧୬।୫ (ଅନୁରାଧା ମହାରଣା)

ଯୋଗଗୁରୁ ବାବା ରାମଦେବଙ୍କ ମାଲିକାନାରେ ଥିବା କମ୍ପାନୀ ପତଞ୍ଜଳି ଫୁଡ୍‌ସ୍ ଲିମିଟେଡ୍ ବିପୁଳ ଲାଭ କରିଛି। କମ୍ପାନୀ ୨୦୨୫ ପ୍ରଥମ ତ୍ରୈମାସରେ ୩୫୮.୫୩ କୋଟି ଟଙ୍କାର ନେଟ୍ ଲାଭ ରିପୋର୍ଟ କରିଛି। ପୂର୍ବ ଆର୍ଥିକ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୭୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭ ୨୦୬.୩୧ କୋଟି ଟଙ୍କା ଥିଲା। ପତଞ୍ଜଳି ଫୁଡ୍‌ସ୍ ଲିମିଟେଡ୍ ଗୁରୁବାର ଏକ ଷ୍ଟକ୍ ଏକ୍ସଚେଞ୍ଜ ସୂଚନାରେ କହିଛି , ଏହି ତ୍ରୈମାସିକରେ ଏହାର ମୋଟ ଆୟ ୯,୭୪୪.୭୩ କୋଟି ଟଙ୍କା ହୋଇଛି, ଯାହା ୨୦୨୩-୨୪ର ସମାନ ତ୍ରୈମାସିକରେ ୮,୩୪୮.୦୨ କୋଟି ଟଙ୍କା ଥିଲା। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ନେଟ୍ ଲାଭ ୧,୩୦୧.୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭୬୫.୧୫ କୋଟି ଟଙ୍କା ଥିଲା। ଏହି ଅବଧି (୨୦୨୪-୨୫) ମଧ୍ୟରେ, କମ୍ପାନୀର ମୋଟ ଆୟ ୩୪,୨୮୯.୪୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୨୦୨୩-୨୪ ରେ ୩୧,୯୬୧.୬୨ କୋଟି ଟଙ୍କା ଥିଲା। ୨୦୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀର ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ଷେତ୍ର ୨,୨୫୭.୨ କୋଟି ଟଙ୍କାର ବିକ୍ରି ହାସଲ କରିଛି। ପତଞ୍ଜଳି ଫୁଡ୍‌ସ୍ ଲିମିଟେଡ୍ ଉତ୍କୃଷ୍ଟ ତ୍ରୈମାସିକ ଫଳାଫଳ ଉପସ୍ଥାପନ କରିବା ସହ ୨ ଟଙ୍କାର ଅନ୍ତିମ ଲାଭାଂଶ ଘୋଷଣା କରିଛି। ଏହା ବ୍ୟତୀତ, କମ୍ପାନୀ ପ୍ରତ୍ୟେକ ୨ ଟଙ୍କା ମୁଦ୍ରା ମୂଲ୍ୟର ଶେୟାର ଉପରେ ୮ ଟଙ୍କାର ମଧ୍ୟବର୍ତ୍ତିକାଳୀନ ଲାଭାଂଶ ମଧ୍ୟ ଜାରି କରିଛି। ଯୋଗ୍ୟ ଶେୟାରହୋଲ୍ଡରମାନଙ୍କୁ ବଣ୍ଟନ କରାଯିବାକୁ ଥିବା ମୋଟ ପରିମାଣ ପ୍ରାୟ ୭୨.୪ କୋଟି ଟଙ୍କା ହେବ। ୫.୨୮% ପର୍ଯ୍ୟନ୍ତ ଅଂଶଧନ ଧାରଣ କରିଥିବା ଖୁଚୁରା ନିବେଶକମାନଙ୍କୁ ମୋଟ ୩.୮ କୋଟି ଟଙ୍କା ପର୍ଯ୍ୟନ୍ତ ରାଶି ମିଳିବ।

PATANJALI®
PATANJALI FOODS LIMITED
(Formerly known as Ruchi Soya Industries Limited)

# ଏସ୍‌ବିଆଇ ସିକ୍ୟୁରିଟିଜ୍ ପକ୍ଷରୁ ଆର୍ଥିକ ସହାୟତା

ଭୁବନେଶ୍ୱର,୧୬।୫

ଏସ୍‌ବିଆଇ ସିକ୍ୟୁରିଟିଜ୍ ପକ୍ଷରୁ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ସେବା ପାଇଁ ୪୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଅଂଶ ଭାବେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ଚକ୍ଷୁ ଚିକିତ୍ସା ସେବାକୁ ବୃଦ୍ଧି କରିବା ପାଇଁ ସାଇଟସେଭର୍ସ ଇଣ୍ଡିଆ ସହ 'ନେତ୍ର ବସନ୍ତ-ଗ୍ରାମୀଣ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ' ପାଇଁ ଏସ୍‌ବିଆଇ ସିକ୍ୟୁରିଟିଜ୍ ଏହି ଆର୍ଥିକ ସହାୟତା ଓ ସହଯୋଗ କରିଛି। ଏହି ପଦକ୍ଷେପ ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସିଧାସଳଖ ସମ୍ବୋଧିତ କରିଥାଏ। ବିଶେଷକରି ପ୍ରତିରୋଧକ ଚକ୍ଷୁ ଚିକିତ୍ସାରେ ଏହାର ଅବଦାନ ରହିଛି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଉପରୋକ୍ତ ଅଞ୍ଚଳର ଜିଲା ହସ୍ପିଟାଲ ଏବଂ ଏନ୍‌ଜିଓ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ଚକ୍ଷୁ ବାହ୍ୟ ରୋଗୀ ବିଭାଗ (ଓପିଡି) ଏବଂ ଚକ୍ଷୁ ଅପରେଶନ ଥିଏଟର (ଓଟି) ପାଇଁ ଅତ୍ୟାବଶ୍ୟକ ଚିକିତ୍ସା ଉପକରଣ ଯୋଗାଇଦେବା ସହ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା। ଏହି ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ସେମାନଙ୍କ ସମ୍ପ୍ରଦାୟକୁ ଉଲ୍ଲେଖନୀୟ ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରାୟତଃ ଗୁଣାତ୍ମକ ଚିକିତ୍ସା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଦୁର୍ବଳ ଜନସଂଖ୍ୟାକୁ ସେବା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଏସ୍‌ବିଆଇ କ୍ୟାପ୍ ସିକ୍ୟୁରିଟିଜ୍ ଲିମିଟେଡ୍‌ର ସିଏଫ୍‌ଓ ଏବଂ ଡବ୍ଲ୍ୟୁଟିଡି ସୁଶାନ୍ତ କୁମାର ଦାସ କହିଛନ୍ତି, ଆମେ ଜଣେ ବ୍ୟକ୍ତିଙ୍କ ଜୀବନର ଗୁଣବତ୍ତା ଏବଂ ସମାଜରେ ତା'ର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାର କ୍ଷମତା ଉପରେ ଭଲ ଦୃଷ୍ଟିର ଗଭୀର ପ୍ରଭାବକୁ ସ୍ୱୀକାର କରୁଛୁ।


# Classified Everyday

0674-2580101, 9692975378

## REAL ESTATE SALE



ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

Resort/ Cottage/ Lodge at Puri @ 19Lakhs, Offer Price Now @ 15Lakhs Contact- 9827767837. D-561

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

## LEASE

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା, Main road sideରେ ଏକ ନୂଆ Flyash ଇଟା ଫ୍ୟାକ୍ଟ୍ରି ସବୁ ସୁବିଧା ଥାଇ ଭଡା/ ବିକ୍ରି ହେବ। ଯୋଗାଯୋଗ- 8895275212 D-76454

## CONSTRUCTION



Do you want to construct a building on your own plot please contact K.K. Construction. 7008268129, 9439143273. D-71397




Plot for warehouse 10,000-15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

**Hostel space with 170 bed available for rent behind Trident Engineering College, Infosys, Patia. Contact-7008181478.** D-567

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76912

Positively health benefits spa expert female therapist homely atmosphere. 9114559860. D-542

Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, mind at Saikrupa SPA with best therapies. 7848011468.** D-363

## AFFIDAVIT

By virtue of an affidavit sworn before Executive Magistrate, Tihidi, dtd. 16.05.2025, I, Shashadhar Nayak (49 yrs), S/o- Late Rasananda Nayak, Vill/ P.O.- Narendrapur, P.S.- Pirahat, Dist.- Bhadrak, PIN- 756129 declare that I have changed my Daughter's name from Satadhi Nayak to Shatabdi Nayak. Henceforth, she shall be known as Shatabdi Nayak for all purposes. D-573

I, AMIT KUMAR AGRAWALA, S/o- LATE SITARAM AGRAWALA, resident of Ward No.- 12, Chitrakonda, P.O./ P.S.- Chitrakonda, Dist.- Malkangiri, PIN-764052, Odisha declare by this affidavit No.-616/2025, dtd. 16.05.2025 that now onwards I shall be known as AMIT AGRAWAL for all future purposes. D-572

I, Ajay Kumar Mohapatra, S/o- Late Biswanath Mohapatra, resident of Flat No.- 401, Plot No.- 1119, Biswanath Plaza, Tankapani Road, P.O.- Badagada Brit Colony, P.S.- Badagada, Bhubaneswar- 751018, Dist.- Khordha, Odisha, declare by this affidavit No.- 446, dated- 14.05.2025 that now onwards I shall be known as Ajaya Kumar Mohapatra for all future purposes. D-76058

By virtue of an affidavit sworn before the Notary Public, Sonepur on dated 14.05.25, I, Pujarani Muduli, W/o- Susanta Satapathy, R/o- Santinagar Pada, P.O./P.S.- Sonepur, Dist.- Subarnapur declare that after marriage my surname has been changed and I known as Pujarani Satapathy instead of Pujarani Muduli. That both the names belongs to one and same person. D-574

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit No.- 562 dated 5.5.25 sworn before the Executive Magistrate, Bargarh, I, Lingraj Meher, R/o- Village/ P.O.- Bargaon, P.S./Dist.- Bargarh, Odisha, PIN- 768038, declare that in the Aadhaar card bearing No.- xxxx xxxx 6220 of my daughter Rasmita Meher, in which her name has been wrongly mentioned as Sasmita Meher instead of Rasmita Meher. Henceforth, she shall be known as Rasmita Meher for all future purposes. D-569

By virtue of an affidavit sworn before the Executive Magistrate, Saintala, dt. 16.05.2025, I, Prafulla Kumar Nag, S/o- Late Arakhita Nag, R/o- Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN.- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, my son shall be known as Pratyush Kumar Nag for all purposes.
Prafulla Kumar Nag D-566

By virtue of an affidavit sworn before Notary Public, Puri, dated- 15.05.2025, I, Jayanti Dasamahapatra, Address: Matimandapasahi near Jagannath Temple, Dist.- Puri, declare that I have changed my name from Jayanti Daitapati to Jayanti Dasamahapatra. Henceforth, I shall be known as Jayanti Dasamahapatra for all purposes.
Jayanti Dasamahapatra D-571

By virtue of an affidavit sworn before the Executive Magistrate, Saintala, dated.16.05.2025, I, Kumari Bhoi, aged about 43 years, W/o- Late Tarachan Bhoi, W/o- Late Bhabasingh Bhoi, resident of village At- Khasbahal (Nuabasti, Bhadra), P.O.- Khasbahal, P.S.- Saintala, Dist.- Balangir (Odisha), PIN- 767032 declare that I have changed my name from Kaushalya Bhoi to Kumari Bhoi. Henceforth I shall be known as Kumari Bhoi for all purpose.
Kumari Bhoi D-565

By virtue of an affidavit sworn before the Executive Magistrate, Nimapara on dated 08.04.2025, (SI No. 24/2025), I, Mamata Debata, W/o- Ghanashyam Debata, resident of Village/ P.O.- Arisandha, P.S.- Nimapara, Dist.- Puri, declare that I have changed surname from "Sawn" to "Debata". Henceforth, I shall be known as "Mamata Debata" for all future purposes. D-575

By virtue of an affidavit sworn before Executive Magistrate, Danagadi, dated 07.05.2025 I, Som Jena, Address: At- Adarsh Colony, P.O.- Danagadi, P.S.- Jajpur Road, Dist.- Jajpur, PIN-755026, Odisha declare that I have changed my name from JK SOM to Som Jena. Henceforth, I shall be known as Som Jena for all purposes. D-576


# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୬।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୦୦ ( ୨୦୦.୧୫) ପଏଣ୍ଟ ହ୍ରାସ ଘଟି ୮୨,୩୩୧( ୮୨,୩୩୦.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୨ (୪୨.୩୦) ପଏଣ୍ଟ କମି ୨୫,୦୨୦ (୨୫,୦୧୯.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଜେଏଲ୍‌ଆର୍‌ର ନୂତନ ଫାସିଲିଟି ସେଣ୍ଟର

ଭୁବନେଶ୍ୱର,୧୬।୫

ଜେଏଲ୍‌ଆର୍ ଇଣ୍ଡିଆର ନୂତନତମ ମଡର୍ନ ଲକ୍ସରି ରିଟେଲ 'ଏମ୍ପିଓ ପ୍ରେଷ୍ଟିଜ' ଶୋ'ରୁମ୍ ଶୁଭାରମ୍ଭ ଭୁବନେଶ୍ୱର-କଟକ ନିକଟସ୍ଥ ବମ୍ପକୁଦ ନୂଆହାଟଠାରେ ଶୁଭାରମ୍ଭ କରିଛି। ଏହି ଫାସିଲିଟି କେନ୍ଦ୍ର କଟକ-ଭୁବନେଶ୍ୱର ମୁଖ୍ୟ ରୋଡ୍ ପାର୍ଶ୍ୱରେ ଅବସ୍ଥିତ ଥିଲା ବେଳେ ଗୋଟିଏ ସ୍ଥାନରେ ସେଲ୍ସ, ସର୍ଭିସ୍ ଏବଂ ସ୍ପେୟାର ପାର୍ଟସ୍‌ର ଏକ ସମ୍ପୂର୍ଣ୍ଣ ସମନ୍ୱିତ କେନ୍ଦ୍ର ଭାବେ ଉଭାହୋଇଛି। ଗ୍ରାହକ ଅଭିଜ୍ଞତାର ପ୍ରତିଶ୍ରୁତି ଦେଉଥିବା ଏହି ଫ୍ୟାସିଲିଟି ସେଣ୍ଟର ସାରା ଦେଶର ଉଦୀୟମାନ ବଜାରରେ ଲକ୍ସରି ଅଭିଜ୍ଞତା ପ୍ରଦାନ କରିବା ପାଇଁ ଜେଏଲ୍‌ଆର୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଜେଏଲ୍‌ଆର୍ ଇଣ୍ଡିଆର ଏମ୍‌ଡି ରଞ୍ଜନ ଆମ୍ବା କହିଛନ୍ତି,ଏମ୍ପିଓ ପ୍ରେଷ୍ଟିଜ ସହଯୋଗରେ ଆମର ନୂତନ ଫାସିଲିଟି ସେଣ୍ଟର ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ସମଗ୍ର ଭାରତରେ ଗ୍ରାହକ ଅନୁଭୂତି ଏବଂ ସୁଗମତା ବୃଦ୍ଧି କରିବା ପାଇଁ ଜେଏଲ୍‌ଆର୍‌ର ନିରନ୍ତର ପ୍ରତିବଦ୍ଧତା ପ୍ରତି ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିଛି। ଏହି ସମନ୍ୱିତ ଫାସିଲିଟି ପ୍ରମୁଖ ଅଭିବୃଦ୍ଧି ବଜାରରେ ବିଶ୍ୱସ୍ତରୀୟ ରିଟେଲ ଏବଂ ଆଫ୍ଟର-ସେଲ୍ସ ସର୍ଭିସ୍ ପ୍ରଦାନ କରିବା ଉପରେ ଆମର ଅବିଚଳିତ ଧ୍ୟାନକୁ ପ୍ରତିଫଳିତ କରିଥାଏ।

# ତୋଳାକନିଆଁ

## ଗଳ୍ପ

**ବିପ୍ଳବ**



କୋଉଠୁଁ କନିସିରି, କୋଉଠୁଁ ମଦରଙ୍ଗା ତ କୋଉଠୁଁ ସୁନୁସୁନିଆ କେରାଏ ଯାହା ପାଇଲା ଅଣ୍ଟିରେ ପୂରେଇଲା ବେଲ।

ବେଳ ଆସି ଦି' ଘଡ଼ି ହେଲାଣି। ଏ ଟାଣ ଖରାଟାରେ କିଏ ଶାଗ ଖୁଣ୍ଟେ!

ଚମ୍ପା ମା' ମନକୁ ମନ କହିଲା କାନକୁ ଦି' କାନ ନ ଶୁଭିବା ପରି।

ବୁଢ଼ା ମହାଦେବଙ୍କ କୂଅ ମୂଳରେ ଖରା ଖାଉଥିଲା ରତନୀ ବୁଢ଼ୀ। ତା' କାନ ପିତ୍ତଳରେ। ଚମ୍ପା ମା' କଥା ଶୁଣି ପଦ ମେଳିଲା, 'ମନ୍ଦିରେ ବାଜୁଛି ଗିନି, ତଡ଼ିବା ଘଇତା ନବାକୁ ଆଇଚି, କି ବୁଦ୍ଧି କରିବି ନାନୀ।'

ଦେଖେଇ ଶିଖେଇ କହିବାରେ ରତନୀ ବୁଢ଼ୀକୁ କେହି ବଳେଇ ଯିବେନି। ଆଭୁଡ଼ା ପଡ଼ି କଖାରୁ ବଡ଼ି।

ଚମ୍ପା ମା' ଧୀରେ ଧୀରେ ନିଜ ଅସନ୍ତୋଷ ପ୍ରକାଶ କଲା। ମରମ କଥାକୁ ଛାତିରେ ଚାପି ରତନୀ ବୁଢ଼ୀକୁ ପଚାରିଲା– "କ'ଣ ହେଇଛି ଖୁଡ଼ୀ? ତମ କଥାକୁ ମିହନତକରି ବୁଝିବା ଲୋକ ଏ ବ୍ରହ୍ମାଣ୍ଡରେ ନାହାନ୍ତି। ମୁଁତ ଛାର। କଥାଟା ଟିକେ ଫିଟା।"

"ତୁ ତ ଆଜିକାଲିକା ଛୁଆ। ମୁଁ ତ ହେକାଳିଆ ବୁଢ଼ୀ। ତତେ କୋଉ କଥା ଅଛପା ଯେ ଚବଟାରି ହଉଚୁ? ଜାଣିନୁ... ବଗଲା ଆଇଚି। ବେଲ ଘଇତା ମ...। ବାର ନଛନା ଦେଇ ମା' ପୁଅ ତଡ଼ିଲେ। ତା' ଅଦଉତି ସହି ନ ପାରି ବରଷେ ହେବ ବୋପା ଘରେ ପଡ଼ିଛି। ଏବେ ବୁଢ଼ୀ ଦିହ ଅଠାକାଠି। ଗଙ୍ଗା ପାଣି ଦିଆହଉଚି। ମାଇପିକୁ ମାଇପି ଆତାଏ। ମରଦ କ'ଣ କରିବ। ହେଇଥିପେଇଁ ଧଉଡ଼ି ଆଇଚି। ସେଥିରେ ଇଆର ଘଇତା ସୁଆଙ୍ଗ ବଳିପଡୁଚି। ଦେଖୁନୁ ଶାଗ ତୋଳିବାକୁ ଆଣ୍ଠିଏ ଖାତରେ ପଇଚି।

ଚମ୍ପା ମା' ଲକ୍ଷ୍ୟକଲା ବେଲ ଶାଗତୋଳାରେ ବେସ୍ତ ଥିଲେ ବି କଥା ତା' କାନଯାଏଁ ପହଞ୍ଚି ଯାଉଥିବ। ସେ ଚୁପ୍‌ଚାପ୍ ବାଟ କାଟିଲା। ଯେତେହେଲେ ଗାଁ ନେଖାରେ ଝିଆରୀ। ରତନୀ ବୁଢ଼ୀର ପାଟି ଖଲଖଲ। ତା' କଥାରେ ବାଗବାଇସ ନ ଥିଲେ ବି କେହି ଧରିବେନି। ଇଏ କାହିଁକି ଶୁକିଲାରେ ଅଭଲେଇ ହବ!

ବେଲ କାନ ପାଖରେ କଥାଗୁଡ଼ା ତାଳଫୋଟକା ପରି ଫୁଟୁଥାଏ। ରତନୀ ବୁଢ଼ୀ କଥା ଶୁଣି ପିଛିଲା ଦିନସବୁ ନଈବଢ଼ିର ଫେଣ ପରି ଆଖି ଆଗରେ ଭାସିଯାଉଛି।

ବେଲ। ନାଁଟି ଭାରି ପୁରୁଣାକାଳିଆ କହି ଗାଁ ପିଲାଏ ଚିଡ଼ାନ୍ତି। ଏମିତି କି ଝିଅ ସାଙ୍ଗ ବି। ତା' ଜେଜେମା' କହେ– "ମୋ' ନାତୁଣୀ ଗୋରା ତକତକ ପାକେଲା ଆମ୍ବ, ଦିହରୁ ମାଛି ଖସିପଡ଼ିବ।" ହେଲେ ଗୋଟିଏ କଳଙ୍କ ତା' ମଥାରେ ବୋଳି ହେଇ ରହିଚି। ପେଟରେ ଥିଲାବେଳେ ବାପକୁ ଖାଇଥିଲା। ମା' କିନ୍ତୁ ଦ୍ୱିତୀୟ ହେଲାନି। ତାଆରି ମୁହଁକୁ ଚାହିଁ ରହିଲା। ସେଇ ଗୋଟିଏ ବୋଲି ଝୁଅ। ଆଗିଲା ପିଛିଲା କେହି ନାହିଁ। ସେଇ ପୋରୁହାଁ, ସେଇ ଦୁହାଁ।

ଦିନେ ଜାତମୁଣ୍ଡିଆ ପୋଟଳେଇଙ୍କ ଝାମୁଯାତରେ ବଗଲା ତାକୁ ଦେଖି ଲୋଭେଇ ଯାଇଥିଲା। ସେଇଠୁଁ ତା' ହାତ ଧରିବ ବୋଲି ମନ ଥୟକରି ମଧ୍ୟସ୍ଥି ହାତରେ ବେଉରା ପଠେଇଥିଲା। ବେଲ ଦେଖିବାକୁ ଭାଆରି ଘଟଣିଆ ବୋଲି ବଗଲା ରେଣ୍ଟି କଲା। ତା' ମା' ରେଣ୍ଟ ଛିଣ୍ଡେଇଲା। ଗୋଟିଏ ବୋଲି ପୁଅ, ମୂଲିଆ ଘରେ ବାହା ଦେବି, ଯାନିଯଉତୁକ କିଛି ନାଇଁ। ସେଥିରେ ପୁଣି ତୋଳାକନିଆଁ! ଏତେ ନିକୁଛିଆ କାମ? ଖାଲି ରୂପକୁ କ'ଣ ଚାଟିବ?

ବଗଲା ନଛୋଡ଼ବନ୍ଦା। ଶେଷରେ ବୁଢ଼ୀର ଟାଣପଣ ଫସି ଯାଇଥିଲା। ଅରାଚଣ୍ଡୀ ମନ୍ଦିରରେ ହାତଗଣ୍ଠି ପଡ଼ିଥିଲା।

ଭଲ ଘର, ଭଲ ବର। ପହିଲେ ପହିଲେ ବେଲ ମନ ଗଗନରେ ଉଡ଼ିଲା। ଦିନାକେତେ ଯା'ନ୍ତେ ବେଲ ଅନୁଭବ କଲା ଯେ ଶାଶୁ ତାକୁ ଅସୁଖ ପାଉଚି। ବୁଢ଼ୀ କଥା ପଦକେ ଖୁଣ୍ଟା ଦିଏ। ଅଭେକା ଘର, ତୋଳାକନିଆଁ ଛୁଆ। ନୂଆ ନୂଆ ଅସୁଖ ଲାଗୁଥିଲା। ପୁରୁଣା ହେବା ସହ ଏ କଥା ବି ଦେହସୁଆ ହୋଇଗଲା। ଦିନେ ଭାତ ଗାଳିବା ଟାଣ ହେଇଥିଲା ବୋଲି ବୁଢ଼ୀ ତତଲା ଡାଲି ତା' ଉପରକୁ ଫୋପାଡ଼ି ଦେଇଥିଲା ଆଉ ତା' ବାଁ ହାତ ଅଧାଯାଏଁ ଫୋଟକା ହେଇଯାଇଥିଲା। ସେଇଥିରେ ଗୋଟିଏ ହାତରେ ବୁଢ଼ୀକୁ ଘଷା ଆଉଁଶା କରୁଥିଲା। ବୁଢ଼ୀର ବାତ ଦିହ। ଘଷାମୋଡ଼ା ନ ଖାଇଲେ ନିଦ ହୁଏନି। ଗୋଡ଼ ହାତ ଘୋଳାବିନ୍ଧା ହୁଏ।

ଯୋଉଦିନ ବଗଲା ମଦ ପିଇ ନଈବାଲିରେ ଶୋଦାଶୋଦି କରୁଥିଲା, ସେଦିନ କଥା ଭାବି ତା' ଛାତିରେ ଏବେ ବି ନିଆଁ ଲାଗିଯାଏ। ଶାଶୁବୁଢ଼ୀ ତ ସଞ୍ଜ ପହରୁ ଖାଇ ଶୋଇ ପଡ଼ିଥିଲେ। ବଗଲା ଖାଇବାବେଳ ଉଛୁର ହେଇଯାଇଥିଲେ ବି ସେ ଆସୁ ନଥିଲା। ରାତି ବଢ଼ୁଥିଲା। ବେଲ ପେଟ ଭିତରେ ଭୋକରେ ମୂଷା ଦୌଡ଼ୁଥାଏ। ସେ ଖାଲି ଦାଣ୍ଡବାରି ହେଉଥିଲା। ଭୁଆସୁଣୀଟା କୁଆଡ଼େ ଯିବ ରାତିରେ! ଦାଣ୍ଡ ନିଶୂନ ହେଇ ଆସୁଥିଲା। ଦାଣ୍ଡରେ ଯାଉଥିଲା ଅଧାବୟସିଆ ଲୋକଟେ ଯାକୁ ଚିହ୍ନିଲା ପରି କହିଲା, ବଗଲା ଆଜି କୋଉ ଫେରିବ, ନିଶାପାଣି କରି ନଈ ଅତଡ଼ିରେ କାହାକୁ ଶୋଧୁଚି।

ବେଲ ଛାତିରେ ଢିଙ୍କି ପାହାର ପଡ଼ିଲା। ସେ ଶୁଣୁଥିଲା ଇଏ ଲୁଚି ଲୁଚି ନିଶାପାଣି କରୁଛି। ଆଜି ସତ ଧରାପଡ଼ିଲା। ଛାତି ଦମ୍ଭକରି ଚାଲିଲା ଗାଁ ବନ୍ଧ ଆଡ଼େ, ଆକାଶରେ ମେଘଢଙ୍କା ଜହ୍ନ। ଝାପ୍ସା ଦିଶୁଥିଲା ରାସ୍ତାଘାଟ। ନଈବନ୍ଧ ପାଖରେ ଦେଖିଲା ବଗଲା ଗାଁ ମୁହାଁ। ସେଇଠୁଁ ଫେରିଲା।

ବଗଲା ତାକୁ ଚିହ୍ନିପାରିଲା ନା କ'ଣ କେଜାଣି ତା' ଆଗକୁ ଦୌଡ଼ି ଆସି ଅଟକେଇଲା ଆଉ ଧମକେଇ ପଚାରିଲା– "ଅନ୍ଧାରରେ କୋଉ ନାଗର ପାଖକୁ ଯାଉଥିଲୁ, ମୋତେ ଦେଖି ଫେରିଆସିଲୁ?"

ବେଲ ଛାତିରୁ ଅତଡ଼ା ଖସିଲା। କାନ୍ଦ କାନ୍ଦ ହୋଇ ସେ ଘରକୁ ଦଉଡ଼ିଲା। ଘରେ ପହଞ୍ଚି ବଗଲା ପୁଣି ଗାଳି କଲା, ମାଡ଼ ଦେଲା। ବୁଢ଼ୀ ନିଦ ଭାଙ୍ଗିଲା। ସେ ଉଠି ପୁଅ କଥାରେ ଭାସିଯାଇ ବେଲକୁ ଗାଳି କଲା। ମାଡ଼ ଗାଳି ଖାଇ ମୁଣ୍ଡରେ ଅପବାଦର ବୋଝ ମୁଣ୍ଡେଇ ତହିଁ ଆରଦିନ ଶାଶୁଘରୁ ବାଟ କାଟିଲା ବେଲ।

ୟା' ଭିତରେ ଦେଢ଼ବର୍ଷ ଗତ। ମଲା କି ଗଲା ତା' ଖବର କେହି ରଖିନାହାନ୍ତି। ଅଚାନକ ଆଜି ସକାଳୁ ହାଜର ବଗଲା, ବୁଢ଼ୀର ଶେଷ ସମୟ। ବୋହୂକୁ ଖୋଜୁଚି।

ବେଲ ଆଖିରୁ ଲୁହ ପୋଛିଲା। ୟା' ଭିତରେ ଅଣ୍ଟିରେ ଅଣ୍ଟିଏ ଶାଗ ହେଇଗଲାଣି। ବଗଲା ତା' ପାଖକୁ ଲାଗି ଆସିଲା ଆଣ୍ଟିଏ ବହଳ କାଦୁଅକୁ। ଆଉ ପଚାରିଲା– "ଆଜି କ'ଣ ଶାଗତୋଳା ସରିବନି?"

ବେଲ କିଛି ପାଟି ଫିଟେଇଲାନି।

– "ଏଇ କ'ଣ ଭାବୁଚୁ? ରାଗିଚୁ ମୋ' ଉପରେ, ରାଗିଚୁ ମୋ' ବୋଉ ଉପରେ?"

– "ତୋଳାକନିଆଁର କ'ଣ କାହା ଉପରେ ରାଗ କରିବାର ଅଧିକାର ଥାଏ?" ବେଲ ଉତ୍ତର ଦେଇ ମୁହଁରେ ଲୁଗା କାନି ଜାକିଧରିଲା। ତା' ଆଖି କୋଣ ମେଘୁଆ ହୋଇ ଆସୁଥାଏ।

ବଗଲା ତଳକୁ ମୁହଁ ପୋତିଦେଲା ଆଉ ନେହୁରା ହୋଇ କହିଲା– "ମରିବାକୁ ପଡ଼ିଥିବା ମା' ରାଣ ଖାଇ କହୁଛି ତୋ' ଉପରକୁ କେବେ ବି ହାତ ଉଠେଇବିନି କି ନିଶାପାଣି କରିବିନି।"

ବେଲ ମେଘୁଆ ଆଖିରୁ ଦୁଇଟୋପା ଲୁହ ନିଗିଡ଼ି ପଡ଼ିଲା।

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ସାହିତ୍ୟ-ବୀକ୍ଷା-ଅନ୍ୱୀକ୍ଷା




**ଲେଖକ:** ଡ. ବାବାଜିଚରଣ ପଟ୍ଟନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ସାହିତ୍ୟ ସମାଲୋଚନା ଓ ପ୍ରବନ୍ଧାବଳୀ ସଂକଳନଟିରେ ମୋଟ ୨୮ଟି ବିଷୟ ରହିଛି, ଯହିଁରୁ କେତେକ ସମାଲୋଚନାତ୍ମକ ଓ ଆଉ କେତେକ ମୌଳିକ ପ୍ରବନ୍ଧ। 'ସାହିତ୍ୟ କାହିଁକି?', 'ସାହିତ୍ୟର ଭାଷା', 'ସାହିତ୍ୟରେ ଆଧୁନିକତା', 'ବାସ୍ତବବାଦ ଓ ଓଡ଼ିଆ ସାହିତ୍ୟ', 'ମିଥ୍ ଓ ଓଡ଼ିଆ କବିତା' ଓ 'ଘୁମୁରା' ଆଦି ପ୍ରବନ୍ଧ ଶ୍ରେଣୀରେ ଯିବ ଓ ଅନ୍ୟ ଲେଖାଗୁଡ଼ିକ ସାହିତ୍ୟ-ସମାଲୋଚନାରେ ଗଣାହେବ। ପ୍ରବନ୍ଧଗୁଡ଼ିକ ମଧ୍ୟରେ ଶେଷ ପ୍ରବନ୍ଧ 'ଘୁମୁରା' ସାହିତ୍ୟ ବିଷୟକ ନୁହେଁ, ନୃତ୍ୟ ସମ୍ପର୍କିତ (ଘୁମୁରା କଳାହାଣ୍ଡି, ସମ୍ବଲପୁର ଓ ବଲାଙ୍ଗୀର ଅଞ୍ଚଳର ଏକ ବାଦ୍ୟଭିତ୍ତିକ ନୃତ୍ୟ)। ବିଷୟ ବିବେଚନା ଦୃଷ୍ଟିରୁ ଦେଖିଲେ ଏଥିରେ କୌଣସି ସଂରଚନାଗତ ପାରସ୍ପରିକତା ଲକ୍ଷ୍ୟ କରିହୁଏ ନାହିଁ। ଏସବୁ ନାନା ସମୟରେ ନାନା ଭାବେ ଲିଖିତ ଲେଖାଗୁଡ଼ିକର ଦୁଇ-ମଲାଟ ଭିତରେ ଥଇଥାନ। ତେବେ ପ୍ରାବନ୍ଧିକ ବାବାଜିଚରଣଙ୍କ ବିଷୟ ବିଶ୍ଳେଷଣରେ ଯେଉଁ ମୌଳିକତା ଥାଏ, ତାହା ଗ୍ରନ୍ଥରେ ସର୍ବତ୍ର ସୁରକ୍ଷିତ। ସାହିତ୍ୟ-ସମାଲୋଚନାରେ ସେ ତାଙ୍କର ଅଧିତ ଜ୍ଞାନ ଓ ସ୍ୱତନ୍ତ୍ର ବିଚାରଣାକୁ ହିଁ ସର୍ବଦା ପ୍ରାଥମିକତା ଦେଇଥା'ନ୍ତି, ଯାହା ଏ ଗ୍ରନ୍ଥରେ ଉପଲବ୍ଧ। 'ସାହିତ୍ୟ କାହିଁକି?' ପ୍ରବନ୍ଧରେ ସେ କହନ୍ତି: ୧. "ଭାଷାର ଶବ୍ଦ ନେଇ ଯା' ନାହିଁ ତାହା ଲେଖିଦେବା ସାହିତ୍ୟ ନୁହେଁ।" ୨. "ସାହିତ୍ୟ ଐଶୀଦତ୍ତ ପ୍ରତିଭାର ଶବ୍ଦ-ସାଧନା।" ୩. "ନିଜର ମାନସିକ ଶାନ୍ତି ଓ ସୁଖ ପ୍ରାପ୍ତିରେ ସ୍ରଷ୍ଟା ନିଜକୁ ନିୟୋଜନ କରାଇଥିବା ଅକ୍ଷରକର୍ମ ହିଁ ସାହିତ୍ୟ।" ଏସବୁ ପ୍ରାବନ୍ଧିକଙ୍କର ସ୍ୱ-ଉଦ୍ଭାବିତ ମତ ନୁହେଁ, ପର ମତ; ମାତ୍ର ପ୍ରକଟନରେ କି ମୌଳିକତା! ବହିର ନାମକରଣ ତାଙ୍କ ଗୁରୁ ପ୍ରଫେସର ଦାଶରଥି ଦାସ କରିଛନ୍ତି। ସାରସ୍ୱତ ବାକ୍ୟଗଠନରେ ଗୁରୁଙ୍କ ଢାଞ୍ଚାକୁ ବି ସେ ଛଡ଼ାଇ ଆଣିଛନ୍ତି। ବହିଟି ଓଡ଼ିଆ ଭାଷାର ଏକ ପ୍ରମୁଖ ବୌଦ୍ଧିକ ସମ୍ପଦ ବିବେଚିତ ହେବ ବୋଲି ଆଶା।

### କାବ୍ୟକାର ଓ କାବ୍ୟକଳା




**ଲେଖକ:** ଡ. ନାରାୟଣ ପଣ୍ଡା
**ପ୍ରକାଶକ:** ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୮୫/-

ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥଟିରେ ୧୫ଟି ବିଷୟ ସ୍ଥାନିତ, ଯାହା ମୂଳତଃ କବିତା ଆଧାରିତ। ପ୍ରାବନ୍ଧିକ ଆମ ସମୟର ଜଣେ ବାରିହୋଇ ପଡ଼ିବା ଭଳି କବି ଓ ଅଧ୍ୟୟନନିଷ୍ଠ ତର୍ଜମା ପ୍ରତି ସମର୍ପିତ। ଏହି କାରଣରୁ ସଂକଳନଭୁକ୍ତ ପ୍ରବନ୍ଧଗୁଡ଼ିକରେ ତାଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ବେଶ୍ ସ୍ପଷ୍ଟ। 'ଭୂମିକା'ରେ ସେ କହନ୍ତି: "ସର୍ଜନାତ୍ମକ ସାହିତ୍ୟର ଅତଳ ଗହ୍ୱରରୁ ମୁକ୍ତା ଉତ୍ତୋଳନ କରି ତାହାକୁ ଚକ୍‌ଚକ୍ କରି ଦେଖାଇଦିଏ ସମାଲୋଚନା।" ପୁଣି କହନ୍ତି: "କଳାକୁ ବ୍ୟାଖ୍ୟା କରିବାର କଳା ହିଁ ସମାଲୋଚନା।" 'ସମାଲୋଚନା'ର ବଡ଼ ବିଶେଷତ୍ୱ ହେଉଛି ଅବବୋଧରେ ସ୍ୱଷ୍ଟତା ଓ ପ୍ରକାଶ ତରିକାରେ ସରଳ ସୌକୁମାର୍ଯ୍ୟ – ମୋର ମନେହୁଏ ନାରାୟଣଙ୍କ ପ୍ରବନ୍ଧ/ସମାଲୋଚନାଗୁଡ଼ିକରେ ଏହି ଧର୍ମ ପାଳିତ। 'ସାରସ୍ୱତ ସାଗ୍ନିକ ସାଧକ ଜୟଦେବ ବାସ୍ତବରେ ଗଣର ଗୌଣିକ'– ଏ ବାକ୍ୟ ଧାରକରା ନୁହେଁ, ଲେଖକର ମନନ ପ୍ରସୂତ। ଫକୀରମୋହନଙ୍କୁ ପ୍ରାବନ୍ଧିକ 'ଓଡ଼ିଆ ଭାଷା ଓ ସାହିତ୍ୟର କାରିଗର' କହିଛନ୍ତି– ଏଥିରୁ ମନେହୁଏ, ତାଙ୍କ କାରିଗରିକୁ ଚିହ୍ନିବାର ଅବକାଶ ସେ ପାଇଛନ୍ତି। 'ଗୋପବନ୍ଧୁ: ବ୍ୟକ୍ତି ଓ ବ୍ୟକ୍ତିତ୍ୱ' ପ୍ରବନ୍ଧରେ ପ୍ରାବନ୍ଧିକ ଗୋପବନ୍ଧୁଙ୍କ କବିତା ଭିତରୁ 'ମଣିଷ-ଚିହ୍ନା' କବିତ୍ୱକୁ ଆବିଷ୍କାର କରିଛନ୍ତି। 'କଷଟି'ରେ କଷିକଷି ସୁନା ଚିହ୍ନିବା ପରି ନାରାୟଣ ତାଙ୍କର ପ୍ରାୟ ପ୍ରବନ୍ଧରେ ଅଧ୍ୟୟନ ନିର୍ଭରତା ବାହାରେ ସ୍ୱପ୍ରଜ୍ଞାର ଯେଉଁ ନିୟୋଜନ କରିଛନ୍ତି, ତାହା ସମକାଳର ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ତାଙ୍କ ନିଆରାପଣ। ପ୍ରବନ୍ଧର ଶୁଷ୍କ ଆଧାରଭୂମିରେ କ୍ଷୀଣ ଝରଣା ପରି ଠାଏ ଠାଏ ପ୍ରବାହିତ କବିତ୍ୱ। ଆଶା, ବହିଟି ସୁଧୀ ପାଠକଙ୍କ ଦ୍ୱାରା ଅଭିନନ୍ଦିତ ହେବ।

## କବିତା

### ଶବ୍ଦବ୍ରହ୍ମ

**ପିନାକୀ ମିଶ୍ର**

ତୁମକୁ ଜଣା–
କୋଉଠି କେମିତି ବସିବ,
କିଏ କରିବ ତୁମର ଆଳତି
ତାହା ତୁମ ନିଷ୍ପତ୍ତି।

ଛନ୍ଦରେ ପଡ଼ିବା ଦିନଠୁ ତୁମକୁ ଲୋଡ଼ୁଛି
ସେ ଚପଳ ବାଳୁତ ଧାଇଁ
ସେ ଯଶୋମତୀ ଗାଇଛନ୍ଦ,
ଯାଚିଦେଉଛି ସବୁଥର ଫେନାୟିତ ରସାମୃତ।

ଓଠ ଥରିବାଦିନୁ ଚିହ୍ନିଲି ଗୋପନମଗ୍ନରେ
ଭେଟିଲି ମୋ' ଭାବନାର ଖୁସି ଅଗଣାରେ
ତ ଅଳିଅଝଟ ବିମଳଆଖିର ବାଳୁତକାନ୍ଦରେ।

ଯହୁଁ ବଡ଼ହେଲି କେତେକୁଆଡ଼େ ଧାଇଁଛି
ନବନବ ପ୍ରଜ୍ୱଳ ମଣି ମୁକ୍ତା
ରତ୍ନ ପ୍ରାପ୍ତିର ସନ୍ଧାନ,
ପାହାଡ଼ଚଢ଼ା, ନଈପହଁରା, ଗଛମୂଳ ନୀରବତା
କେତେ କଳାକୌଶଳ ଦେଇ
ଆସିଛି ତୁମ ପାଖକୁ,
ସେ ମୋହ – ତୁମହାତ ଧରି –
ପରମଙ୍କ ଆଡ଼କୁ ମୋର ହେବ ସହଜଯାତ୍ରା।

ତୁମେ ମୋର ନିତ୍ୟାନ୍ତ ଜରୁରୀ
ମୁଁ ତୁମ ଅଗଣାର ଉର୍ବରପଟାଳି।

ଦଣ୍ଡେ ନ ପାଇଲେ ହତବାକ୍ ମୁଁ
ଆଲୁଅ ଥାଏ ଯେ, ହେଲେ
ପବନ ପତଙ୍ଗ ପଲ୍ଲବ ନଥାଏ,
ଶବ୍ଦମାୟା କୋରକିତ କରେ
ମୋ' ଚମ୍ପକକଳିକା,
ଶବ୍ଦସୁନ୍ଦରୀ ମୋତେ ହାତଠାରି ଡାକିନିଏ–
ପଥରଗୁମ୍ଫା ଅଭ୍ୟନ୍ତରକୁ
ଦିଆକରାଏ ତୁଷାରଶୁଭ୍ରା
ଦେବୀର ବାତ୍ସଲ୍ୟପରଶ
ସେଇଠି ରଣଦେବୀ ବି ଶାନ୍ତା କାନ୍ତା।

ଗମ୍ଭୀରାରୁ ବାହାରି ମୁଁ ଚାହେଁ ଆକାଶକୁ
ତାକୁ ବି କୃତଜ୍ଞତା,
ଦମ୍ଭ ମୋର କଇଁଛଖୋଳ ଭିତରେ ସଞ୍ଚିତ,

ସାକ୍ଷୀରହ ହେ ନୀଳଶୂନ୍ୟ, ଅରୁଣ, ପବନ,
ମୁଁ ରାତି ଉଜାଗର ପରେ
ସକାଳକୁ ଫୁଟାଏ କବିତାକମଳ
କେମିତି ମୁଁ ଶୁଣିପାରେ
କବିତା କଳାବତୀର ରାଗମଲ୍ଲାର
ଆଉ ରସୋଚ୍ଛଳ ଶବ୍ଦ ନୂପୁର।

ପଥର ଦେବତା
କାଷ୍ଠ ଦେବତା
ଅରଣ୍ୟ ଦେବତା
ଅନ୍ତର ଦେବତା
ତୁମେ ମୋର ପ୍ରାଣର ଦେବତା
ନିଅ ନିଅ ତୁମେ ଦେଇଥିବା
ଏ ଅଧମର ହାତଗଢ଼ା
ସଘନ କବିତା।

ମୋ: ୯୪୩୮୧୧୮୩୯୭

### ନଈପାଣିରେ ଛାଇ

**ସ୍ୱୟମ୍ବରା ପଟ୍ଟନାୟକ**

ଅନେକ ଦିନ ପରେ
ମୁଁ, ଆମ ଗାଁ ନଈକୂଳରେ
ଛିଡ଼ା ହୋଇଥିଲି
ନଈପାଣିରେ ମୋ' ଛାଇକୁ ଖୋଜୁଥିଲି
ଯାହାକୁ ମୁଁ ବହୁତ ଦିନ ତଳେ
ଏଇ ନଈପାଣିରେ ହଜେଇ ଦେଇଥିଲି।

ନଈକୁ ଦେଖି ମନେପଡୁଥିଲା
ଜେଜେମା' କହୁଥିଲା
ଏ ନଈରେ ଗୋଟେ କୁମ୍ଭୀର ଥିଲା
କୁମ୍ଭୀରଟି ଲୁଚିଛପି ରହୁଥିଲା
ଥରେ ଲୁଚିଛପି ଅନ୍ଧାର ରାତିରେ
ତା' ଅଭିଆଡ଼ୀ ନଣନ୍ଦକୁ
ନଈ ଭିତରକୁ ଭିଡ଼ିନେଇଥିଲା।

ସେଥିପାଇଁ ଜେଜେମା'
ବୋଉକୁ ମନା କରିଥିଲା
ନଈକୁ ଯିବା ପାଇଁ,
ବୋଉ କହେ ତା'ର ଏ ଗାଁରେ
ଆଉ କିଛି ନୁହେଁ
କେବଳ ଏ ନଈଟି
ଦେଖିବା ପାଇଁ ଇଚ୍ଛା ଥିଲା।

କୁମ୍ଭୀର ଡରରେ ବୋଉ କେବେ
ଏ ନଈ ପାଖକୁ ଆସି ନ ଥିଲା
ମତେ ମଧ୍ୟ ମନା କରିଥିଲା।

ମୋର କୁମ୍ଭୀରକୁ ଭୟ ଥିଲା
ମୁଁ କିନ୍ତୁ କେବେକେବେ
ସାଙ୍ଗ ସାଥୀ ମେଳରେ ଲୁଚିଛପି
ନଈକୂଳକୁ ଚାଲି ଆସୁଥିଲି
ମତେ କିନ୍ତୁ କେବେ କେଉଁ କୁମ୍ଭୀର ନେଇ ନ ଥିଲା।
ଏବେ ମୋର ସ୍କୁବା ଡାଇଭିଂ ଶିଖିଥିବା ଝିଅର
କୁମ୍ଭୀରକୁ ଏତେ ଟିକେ ମଧ୍ୟ ଭୟ ନାହିଁ
ସେଇ ନଈରେ ସେ ନିର୍ଭୟରେ ପହଁରି ବୁଲୁଛି
ଏବଂ କୁମ୍ଭୀରକୁ ଟକ୍କର ଦେଉଛି, ତଥାପି
ତାକୁ କେଉଁ କୁମ୍ଭୀର ଲୁଚିଛପି ନେଇପାରୁନି।

ଏଇ ତ ହେଉଛି ନଈପାଣିରେ ଛାଇ
ଯାହା ପ୍ରବାହିତ ହେଉଥାଏ
ପିଢ଼ି ପରେ ପିଢ଼ି ପରିବର୍ତ୍ତିତ ହୋଇ।

ମୋ: ୯୯୩୭୫୭୧୫୯୨

### ଗୀତି-କବିତା

### ଆଜି ବି ଝୁରୁଛି


**ଜଗଦୀଶ ସାହୁ**

ବାପଘର ଯେବେ ଯାଏ ମୋ ଘରଣୀ
ପିଲାଛୁଆ ସାଥେ ନେଇକି
ଇଚ୍ଛାହୁଏ ମୋର ତୁମକୁ ଭେଟନ୍ତି
ତୁମ ଶାଶୁଘରେ ଯାଇକି।

ସେଇ କଥା ଭାବି ନିଦ ଆସେନାହିଁ
ଛଟପଟ ହୁଏ ରାତିରେ
ତୁମର ପୁରୁଣା ଚିଠି ଓ ଫଟୋକୁ
ଜାବୁଡ଼ି ଧରି ମୋ' ଛାତିରେ
ମନକୁ ବୁଝେଇ ଶୋଇପଡ଼େ ତୁମ
ପସନ୍ଦର ଗୀତ ଗାଇକି ବାପଘର ଯେବେ...।

ମୋ: ୯୦୭୮୧୮୫୬୧୬

## କାଳକାଳକୁ



"ମଣିଷ ଜନ୍ମତଃ ଅଜ୍ଞାନ, ମୂର୍ଖ ନୁହେଁ;
ଶିକ୍ଷା ତାକୁ ମୂର୍ଖ ବନାଏ।"
–ବର୍ଟ୍ରାଣ୍ଡ ରସେଲ୍

**ବର୍ଟ୍ରାଣ୍ଡ ରସେଲ୍**ଙ୍କ ଜନ୍ମ ୧୮ ମେ ୧୮୭୨ରେ ଓ ପରଲୋକ ୨ ଫେବୃଆରୀ ୧୯୭୦ରେ। ଆଦ୍ୟ ବିଂଶ ଶତକର ପ୍ରଭାବଶାଳୀ ଏହି ତାର୍କିକ ଶିକ୍ଷାପ୍ରାପ୍ତ କେମ୍ବ୍ରିଜ୍, ଚିକାଗୋ ଓ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରୁ। ଆଣବିକ ନିରସ୍ତ୍ରୀକରଣର ସେ ଥିଲେ ଦୃଢ଼ ସମର୍ଥକ। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ 'ଜର୍ମାନ୍ ସୋସିଆଲ୍ ଡେମୋକ୍ରାସି' (୧୮୯୬), 'ଦ ପ୍ରୋବ୍ଲେମ୍‌ସ ଅଫ୍ ଫିଲୋଶଫି' (୧୯୧୨), 'ଜଷ୍ଟିସ୍ ଇନ୍ ୱାର୍ ଟାଇମ୍‌ସ' (୧୯୧୬), 'ହ୍ୱାଇ ମ୍ୟାନ୍ ଫାଇଟ୍' (୧୯୧୬), 'ମିଷ୍ଟିସିଜିମ୍ ଆଣ୍ଡ ଲଜିକ୍ ଆଣ୍ଡ ଅଦର ଏସେଜ୍' (୧୯୧୮) ଅନ୍ତର୍ଭୁକ୍ତ। 'ମୁକ୍ତ ଚିନ୍ତନ'ର ପ୍ରମୁଖ ଉଦ୍‌ଗାତା ଭାବେ ସେ ନୋବେଲ ପୁରସ୍କାରରେ ସମ୍ମାନିତ ୧୯୫୦ରେ। 'କଳିଙ୍ଗ ପୁରସ୍କାର' (୧୯୫୭) ଓ 'ଜେରୁଜେଲମ୍ ପୁରସ୍କାର' (୧୯୬୩)ରେ ବି ସେ ସମ୍ମାନିତ। "ଯାହା ଆମେ ଜାଣନ୍ତି, ତାହା ବିଜ୍ଞାନ, ଯାହା ଜାଣନ୍ତି ନାହିଁ, ତାହା ଦର୍ଶନ"– ଏହା ତାଙ୍କର ମତ।

# ॥ ଜରି ॥

## ଆଭାସ ଗଳ୍ପ

**ଡ. ଲଲାଟେନ୍ଦୁ ସାହୁ**



ପୁଅ– ମା' ନୂଆବର୍ଷରେ ଆମେ ଜରି ଗୋଟାଇବା ନାହିଁ, ନହେଲେ ବର୍ଷସାରା ଜରି ଗୋଟେଇ ପେଟ ପୋଷିବାକୁ ହେବ।

ମା'– ବର୍ଷକଯାକର ଜରି, ବୋତଲ, ଶିଶି ଗୋଟେଇ ଯେତିକି ଆମେ ପାଆନ୍ତି ନାହିଁ, ଜିରୋ ନାଇଟ୍‌ରେ ହେଉଥିବା ପାର୍ଟି ଯୋଗୁଁ ଗୋଟିଏ ଦିନରେ ତା'ଠୁ ଅଧିକ ପାଇପାରିବା। ତା'ପରେ ଆମେ ନୂଆବର୍ଷ ପାଳିବା। ଧନୀମାନେ ନୂଆବର୍ଷ ଆସିବା ଆଗରୁ ପାଳନ୍ତି, ଆମେ ଆସିବା ପରେ ପାଳିବା। ନୂଆବର୍ଷକୁ କ'ଣ ଜଣା, ତାକୁ କିଏ, କେତେବେଳେ ଓ କେମିତି ପାଳୁଛନ୍ତି?

■

ମ୍ୟୁନିସିପାଲିଟି ବିଜ୍ଞାପନ ମାଧ୍ୟମରେ ଜଣେଇଦେଲା– ସହରରେ ଜରି ବ୍ୟବହାର ନିଷିଦ୍ଧ ହେଲା। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘନ ଘନ ଚଢ଼ଉ କଲେ। ମାତ୍ରାଧିକ ଜରି ଜବତ କରାଗଲା। ଯେଉଁଦିନ ସହର ଉପକଣ୍ଠରେ ଥିବା ଜରି ଗୋଦାମ ଉପରେ ଚଢ଼ଉ ହେଲା, ଖୋଦ୍ ହାକିମ ସେଠୁ ଗୋଟେ ବି ଜରି ପାଇଲେ ନାହିଁ। ହେଲେ ଜଣେ ଷ୍ଟାଫ୍ ଗୋଟେ ଜରିଭର୍ତ୍ତି ମୁଣା ହାକିମଙ୍କ ହାତକୁ ବଢ଼େଇଦେଲା। ଜରିଭର୍ତ୍ତି ମୁଣାରେ ଜରି ଥିଲା ନା ଆଉ କିଛି– ତାହା କେହି ଜାଣିପାରିଲେ ନାହିଁ।

■

ମାଧପୁର ଗାଁରେ ଗତକାଲି ଭୟାବହ ଅଗ୍ନିକାଣ୍ଡ ଘଟି ଜଣଙ୍କ ଘର ପୂରା ପାଉଁଶ ହୋଇଯାଇଛି। ସମ୍ପୃକ୍ତ ଦରିଦ୍ର ବ୍ୟକ୍ତି ତହସିଲ କାର୍ଯ୍ୟାଳୟକୁ ଯାଇ କିଛି ପଇସା, ଜରିପାଲ ଖଣ୍ଡେ ପାଇଲେ। ଛେଳି, ମେଣ୍ଢାଙ୍କ ପାଇଁ ଗୁହାରି କରି ଆଉ ଖଣ୍ଡେ ଜରି ହାତେଇବାକୁ ଚାହିଁଲେ। ଜଣେ କର୍ମଚାରୀ ତାଙ୍କୁ ପାଲଖଣ୍ଡକର ଦର ଦେବାକୁ କହି ହଜାରେ ମାଗିଲେ। ଅଗ୍ନିକାଣ୍ଡରେ ବିଧ୍ୱସ୍ତ ବ୍ୟକ୍ତି କହିଲେ ତିନିଶହ ଟଙ୍କାରେ ତ ଏଭଳି ଜରି ମିଳୁଛି, ସେ କାହିଁକି ହଜାରେ ଦେବ। ମୂଳଚାଲରେ ଦୁଇଶହ ଟଙ୍କାରେ ସେ ପଲିଥିନ୍ ଜରି କିଣି ଖୁସିରେ ଘରକୁ ଫେରିଲା। ଏପଟେ ସମ୍ପୃକ୍ତ କର୍ମଚାରୀ ସେ ବ୍ୟକ୍ତିଙ୍କୁ ତାଙ୍କ ପୁଅଠାରୁ ଅଲଗା ଦର୍ଶେଇ ଦୁଇଟା ଟିପଚିହ୍ନ ନେଇ କାଗଜପତ୍ରକୁ ଏପରି ଲାମିନେସନ୍ (ଜରି ପ୍ରଲେପନ) କରିଦେଲେ ଯେ ଯେତେ ପାଣି ପଡ଼ିଲେ ବି ସେ ଟିପଚିହ୍ନ ଲିଭିବ ନାହିଁ।

■

ବର୍ଷାରୁ ରକ୍ଷା ପାଇବା ପାଇଁ ମୁନା ଗୋଟେ ଜରି ତିଆରି ବର୍ଷାତି କିଣିଲା। ଦିନେ ସାଙ୍ଗମାନଙ୍କ ସହ ଝିପିଝିପି ବର୍ଷା ବେଳାରେ ଛାତରେ ଦାରୁପାର୍ଟି ଚାଲିଥାଏ। ସମସ୍ତେ ଜରି ପୋଷାକରେ ଆବୃତ। ମୁନାଘର ପଡ଼ୋଶୀ ଛାତ ଉପରୁ କ'ଣ ଗୋଟେ ଖସିପଡ଼ିବାର ଉଚ୍ଚା ଶବ୍ଦରେ ଯାଇ ଝରକା ପଟେ ମୁନାକୁ ପଚାରିବାରୁ ଉତ୍ତର ପାଇଲେ – ଛାତ ଉପରୁ ଜରି ବର୍ଷାତିଟା ତଳକୁ ପଡ଼ିଗଲା। ହେଲେ ଏତେବଡ଼ ଶବ୍ଦ କେମିତି ହେଲା। ମୁନା ବୋଧେ ଜରି ବର୍ଷାତି ଭିତରେ ଥିଲା!

■

କୋଭିଡ୍‌ରେ ମରିଯାଇଥିବା ସନ୍ଦେହରେ ଜଣକୁ ଜରିରେ ୱାଫି କରାଗଲା। ବୋଧେ ତାକୁ ଗରମ ହେଲା କି କ'ଣ, ତା' ଦିହରୁ ଝାଳ ବାହାରିବା ଦେଖି ଜଣେ ତରୁଣ ଡାକ୍ତରଙ୍କ ପାଖକୁ ନିଆଗଲା। ଡାକ୍ତର ତା' ନାଁ ପଚାରି ବୁଝିଲେ ତା' କାନ ପାଖରେ ତା' ନାମ ଧରି ଜୋରରେ ଡାକିଲେ। ତା'ପରେ ତା' କାନ ଖରାପ କହି ଔଷଧ ଲେଖିଦେଲେ। ସେ ଥିଲେ ଜଣେ ଇଏନ୍‌ଟି ଡାକ୍ତର। ହାତରେ ସେ ଜରିର ଗ୍ଲୋବ୍‌ସ ପିନ୍ଧିଥିଲେ, ଏବେ ତାଙ୍କ ପାପୁଲିରୁ ଝାଳ ବାହାରି ଜରି ଦେଇ ତଳକୁ ଠପ୍ ଠପ୍ ପଡୁଥାଏ।

ମୋ: ୮୩୨୮୯୭୧୭୧୦

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୭/୨୦୨୫ Bhubaneswar, Saturday, May 17/ 2025

# ଆଜିଠୁ ପୁଣି ଆରମ୍ଭ

**ବେଙ୍ଗାଲୁରୁ, ୧୬।୫ (ପି.ଟି.)**

ନିକଟରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ବନ୍ଦ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟ ଭାଗ ଶନିବାରଠାରୁ ପୁଣି ଆରମ୍ଭ ହେବାକୁ ଯାଉଛି। ଆଇପିଏଲ୍‌କୁ ନେଇ ଦର୍ଶକଙ୍କ ଉତ୍କଣ୍ଠା ବଢ଼ି ଚାଲିଥିବାବେଳେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ କୋଲକାତା ନାଇଟ ରାଇଡର୍ସ (କେକେଆର)। ବିଶେଷ କରି ଟେଷ୍ଟରୁ ଅବସର ଘୋଷଣା କରିଥିବା ବିରାଟ କୋହଲିଙ୍କ ଉପରେ ପ୍ରଶଂସକଙ୍କ ନଜର ରହିବ। ଅପ୍ରତ୍ୟାଶିତଭାବେ ୧୦ ଦିନର ବ୍ରେକ୍ ପରେ ଆରସିବି ଓ କେକେଆର ନିଜ ନିଜର ରଣନୀତିକୁ ନେଇ ପଡ଼ିଆକୁ ଓହ୍ଲାଇବେ। ତେବେ ଉଭୟ ଦଳର ଗୋଟିଏ ଲକ୍ଷ୍ୟ ରହିବ। ତାହା ହେଲା ପ୍ଲେ-ଅଫ୍ ଯୋଗ୍ୟତା। ଆରସିବି ଏବେ ୧୧ ମ୍ୟାଚରୁ ୧୬ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଆଉ ଗୋଟିଏ ବିଜୟ ଦଳର ପ୍ଲେଅଫ୍ ଯୋଗତା ପାଇଁ ପର୍ଯ୍ୟାପ୍ତ ହେବ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ କେକେଆର ୧୨ ମ୍ୟାଚରୁ ୧୧ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ପ୍ଲେ-ଅଫ୍‌ରେ ପ୍ରବେଶ କରିବାକୁ ହେଲେ ଏହି ଦଳକୁ ଅବଶିଷ୍ଟ ଖେଳିବାକୁ ଥିବା ସବୁ ମ୍ୟାଚ ଜିତିବାକୁ ହେବ।

ଆଇପିଏଲ୍ ବ୍ରେକ୍ ହେବା ବେଳକୁ ଆରସିବି କ୍ରମାଗତ ୪ ମ୍ୟାଚରେ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ କେକେଆର ଏହାର ଶେଷ ୩ ମ୍ୟାଚରୁ ୨ଟିରେ ବିଜୟୀ ହୋଇଥିଲା। ମେ'୩ରେ ଅନୁଷ୍ଠିତ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଆରସିବି ଅଧିନାୟକ ରଜତ ପାଟିଦାର ଅଙ୍ଗୁଳିରେ ଆଘାତ ପାଇଥିଲେ। ମାତ୍ର ଶୁକ୍ରବାର ନେଟ୍ସରେ ଦୀର୍ଘ ସମୟ ବିତାଇ ଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଭାରତ-ପାକ୍ ଲଢ଼େଇଜନିତ ବ୍ରେକ୍ ପରେ ଆରସିବିର ଅଧିକାଂଶ ବିଦେଶୀ ଖେଳାଳି ଦଳକୁ ଫେରିଛନ୍ତି। ଫିଲ୍ ସଲ୍ଟ, ଲୁନ୍‌ଗି ଏନ୍‌ଗିଡି, ଟିମ୍ ଡାଭିଡ, ଲିଆମ ଲିଭିଂଷ୍ଟୋନ ଓ ରୋମାରିଓ ଶେଫର୍ଡ ଆଗାମୀ ମ୍ୟାଚ ପାଇଁ ଉପଲବ୍ଧ ହେବେ। ତେବେ ଆହତ ଯୋଗୁ ବାଦ୍ ପଡ଼ିଥିବା ଦେବଦତ୍ତ ପଡିକାଲ ଓ ଦ୍ରୁତ ବୋଲର ଜୋଶ ହାଜେଲଉଡ୍‌ଙ୍କ ଅନୁପସ୍ଥିତି ଦଳ ଅନୁଭବ କରିବ। ପଡିକାଲଙ୍କ ସ୍ଥାନରେ ସାମିଲ ହୋଇଥିବା ମୟଙ୍କ ଅଗ୍ରୱାଲ ଭଲ ଖେଳିବେ ବୋଲି ଆରସିବି ନିଶ୍ଚିତ ଆଶା କରିବ। କାନ୍ଧରେ ଆଘାତ ପାଇଥିବା ହାଜେଲଉଡ୍‌ଙ୍କ ସମ୍ପର୍କରେ ଫ୍ରାଞ୍ଚାଇଜ୍ ପକ୍ଷରୁ କିଛି ଅପ୍‌ଡେଟ୍ କରାଯାଇନାହିଁ।

ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଯୁବ ଖେଳାଳି ଅଙ୍ଗକ୍ରିଶ୍ ରଘୁବଂଶୀଙ୍କୁ ଛାଡ଼ିଦେଲେ କେକେଆରର ଅନ୍ୟ କୌଣସି ବ୍ୟାଟର ସ୍ଥିର ପ୍ରଦର୍ଶନ ଦେଇପାରି ନାହାନ୍ତି। ଏହା ଦଳପାଇଁ ଚିନ୍ତାର କାରଣ ହୋଇଛି। ଏପରି କ୍ଷେତ୍ରରେ ଦଳ ଭେଙ୍କଟେଶ ଆୟର, ଆନ୍ଦ୍ରେ ରସେଲ ଓ ରିଙ୍କୁ ସିଂଙ୍କଠାରୁ ଅଧିକ କିଛି ଆଶା କରିବ। ତେବେ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ, ବୈଭବ ଆରୋରା ଓ ହର୍ଷିତ ରାଣାଙ୍କୁ ନେଇ ଦଳର ବୋଲିଂ ଲାଇନ୍‌ଅପ୍ ବେଶ୍ ଭଲ। ଜ୍ୱର ଯୋଗୁ ଆଇପିଏଲ୍‌ରୁ ଓହରି ଯାଇଥିବା ମୋଇନ୍ ଅଲୀଙ୍କ ଅନୁପସ୍ଥିତି କିନ୍ତୁ ଦଳ ଅନୁଭବ କରିବ।

ଚିନ୍ନାସ୍ୱାମୀ ପିଚ୍ ଏପର୍ଯ୍ୟନ୍ତ ଦ୍ରୁତ ବୋଲରଙ୍କୁ ସୁହାଇ ଆସିଛି। ଅନେକ କ୍ଷେତ୍ରରେ ବାଉନ୍ସରୁ ସ୍ପିନରମାନେ ମଧ୍ୟ ସହାୟତା ପାଇଛନ୍ତି। ମାତ୍ର ଏକ ସପ୍ତାହରୁ ଊର୍ଦ୍ଧ୍ୱ ବ୍ରେକ୍ ଏବଂ ମୌସୁମିବାୟୁ ଆସୁଥିବାରୁ ପିଚ୍ର ପ୍ରକୃତିରେ ପରିବର୍ତ୍ତନ ହୋଇପାରେ। ଏପରିସ୍ଥଳେ ଦଳ ଗୁଡ଼ିକ ନିଜ ରଣନୀତିରେ ପରିବର୍ତ୍ତନ କରିବାକୁ ହେବ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ବେଙ୍ଗାଲୁରୁ ବନାମ କୋଲକାତା

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଫୁଟବଲ ଖେଳି କୋଲକାତା ନାଇଟ ରାଇଡର୍ସ ଖେଳାଳିଙ୍କ ଅଭ୍ୟାସ।

## ମୁସ୍ତାଫିଜୁରଙ୍କୁ ଏନ୍‌ଓସି

**ଢାକା, ୧୬।୫ (ପି.ଟି.):** ଆଇପିଏଲ୍ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପେସ୍ ବୋଲର ମୁସ୍ତାଫିଜୁର ରହମନଙ୍କୁ ଅନୁମତି ଅବା ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେଇଛି। ଶନିବାର ୟୁଏଇର ଶାରଜାଠାରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଖେଳିବା ପରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଦୁଇଟି ମ୍ୟାଚ ମେ ୧୮ ଓ ୨୪ରେ ଖେଳିବେ। ଅଷ୍ଟ୍ରେଲିଆନ ବ୍ୟାଟର ଜେକ୍ ଫ୍ରେଜର ମ୍ୟାକ୍‌ଗୁର୍କଙ୍କ ବଦଳ ଖେଳାଳିଭାବେ ଖେଳିବେ। ଦିଲ୍ଲୀରେ ରବିବାର ଗୁଜରାଟ ଟାଇଟନ୍ସ ସହିତ ମୁକାବିଲା କରିବ ଦିଲ୍ଲୀ କ୍ୟାପିଟାଲ୍ସ। ମୁସ୍ତାଫିଜୁର ସେହିଦିନ ଦଳ ସହିତ ଯୋଗଦେବେ। ସୂଚନାଯୋଗ୍ୟ, ୨୯ ବର୍ଷୀୟ ଏହି ବାମହାତୀ ପେସ୍ ବୋଲର ବର୍ତ୍ତମାନ ୟୁଏଇରେ ଅଛନ୍ତି। ତାଙ୍କ ଜାତୀୟ ଦଳ ସେଠାରେ ମେ ୧୭ ଓ ୧୯ରେ ୟୁଏଇ ବିପକ୍ଷରେ ଦୁଇଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ଅନଓ୍ୱର ଲଢ଼ିବେ

**ବେଙ୍ଗାଲୁରୁ, ୧୬।୫ (ପି.ଟି.):** ଭାରତୀୟ ପ୍ରଫେଶନାଲ ବକ୍ସର ଫୈଜାନ ଅନଓ୍ୱର ସ୍ଥାନୀୟ ସନ୍ତର୍ବ ଫୁଲିୟନଠାରେ ରବିବାର ଆୟୋଜିତ ଏକ ସୁପର ଫାଇଟର ସିରିଜ ଅନ୍ତର୍ଗତ ଡବ୍ଲ୍ୟୁବିଏ ଏସିଆ ମିଡଲ ଇଷ୍ଟ ସୁପର ଲାଇଟଓ୍ୱେଟ୍ ଟାଇଟଲ ଫାଇଟ୍‌ରେ ଘାନାର କେପାକ୍‌ପୋ ଅଲଟିଙ୍କୁ ଭେଟିବେ। ଲଢ଼େଇ ରାତିରେ ୧୦ଟି ଆକ୍ସନ ଭାରା ବାଉଟ ଦେଖିବାକୁ ମିଳିବ। ଏଥିରେ ଚାରୋଟି ଇଣ୍ଟରନ୍ୟାଶନାଲ ମ୍ୟାଚ୍-ଅପ୍ ଏବଂ ଦୁଇଟି ଡବ୍ଲ୍ୟୁବିଏ ଏସିଆ ମିଡଲଇଷ୍ଟ ଟାଇଟଲ ମୁକାବିଲା ସାମିଲ। ଏଥିରେ କମନ ଇଭେଣ୍ଟରେ ସ୍ଥାନ ପାଇଥିବା ୟୁକ୍ରେନ୍‌ର ଡାନିଲୋ ହୋଞ୍ଚାରୁକ୍ ଦାଗେସ୍ତାନର ରସଲାନ କାମିଲୋଭଙ୍କ ସହ ମୁକାବିଲା କରିବାକୁ ଥିବାବେଳେ ମହିଳା ବାଉଟ୍‌ରେ ବେଲାରୁଷର ସେନ୍‌ଶେଷନ ଆଲେକ୍ ସାଣ୍ଡ୍ରା ସିଡ୍‌ନିକୋଭାଙ୍କୁ ଭାରତର ରାନୀ ଦେବୀ ଭେଟିବେ।



ବେଙ୍ଗାଲୁରୁରେ ଶୁକ୍ରବାର ନେଟ୍ ସେସନ ଅବସରରେ ବିରାଟ କୋହଲି।

## ଥୋଇବାଙ୍କ ସହ ଓଏଫ୍‌ସି ଚୁକ୍ତି ମିଆଦ ବୃଦ୍ଧି

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ)**

ଓଡ଼ିଶା ଏଫ୍‌ସି ଏହାର ନିର୍ଭରଯୋଗ୍ୟ ଡିଫେଣ୍ଡର ଥୋଇବା ସିଂ ମୋଇରାଙ୍ଗଥେମ୍‌ଙ୍କ ସହ ଚୁକ୍ତି ମିଆଦକୁ ୨୦୨୯ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଥୋଇବା ୨୦୧୯-୨୦ ସିଜନରେ ମାତ୍ର ୧୭ ବର୍ଷରେ କ୍ଲବ ସହ ଯୋଗ ଦେଇଥିଲେ। ବୟସ ବଢ଼ିବା ସହ ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ଡିଫେଣ୍ଡରରେ ପରିଣତ ହୋଇଛନ୍ତି। ଚଳିତ ସିଜନରେ ସେ ଅଭିଜ୍ଞ କାର୍ଲୋସ ଡେଲଗାଡୋ ଓ ମୋର୍ତାଦା ଫଲ୍‌ଙ୍କ ସହ ମିଶି ଓଏଫ୍‌ସିର ରକ୍ଷଣଭାଗକୁ ଦୃଢ଼ କରିଥିଲେ। ୨୦୨୩-୨୪ ଆଇଏସ୍ଏଲ୍ ସିଜନରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ବିପକ୍ଷ ମ୍ୟାଚରେ ରୟ କ୍ରିଷ୍ଣାଙ୍କୁ ତାଙ୍କର ଚତୁର ପାସ୍ ମ୍ୟାଚକୁ ଗୁରୁତ୍ୱପୂର୍ଣ୍ଣ ବରାବର ସ୍ଥିତିକୁ ଆଣିବାରେ ସହାୟକ ହୋଇଥିଲା। ଡିଏଗୋ ମୌରିସିଓ ଫିନିଶ୍ କରିଥିଲେ। ୨୦୨୪-୨୫ ସିଜନରେ ତାଙ୍କ ଓପନିଂ ଗୋଲ ଯୋଗୁ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ୨-୨ରେ ମ୍ୟାଚ ଡ୍ର ରଖିଥିଲା। ଜାତୀୟ ଦଳକୁ ଡାକରା ତାଙ୍କ ବ୍ୟକ୍ତିଗତ କ୍ୟାରିୟର ଏବଂ କ୍ଲବ ପାଇଁ ଗର୍ବର ମୁହୂର୍ତ୍ତ ଥିଲା। ଓଡ଼ିଶା ଏଫ୍‌ସି ଥୋଇବାଙ୍କୁ ସ୍ୱାଗତ କରିବା ସହ ଚୁକ୍ତି ମିଆଦ ବୃଦ୍ଧି ପାଇଁ ଅଭିନନ୍ଦନ ଜଣାଇଛି।



## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାର ରୋହିତ ଶର୍ମା ଷ୍ଟାଣ୍ଡ ଉଦ୍‌ଘାଟନ ଅବସରରେ ଉପସ୍ଥିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ, କ୍ରିକେଟର ରୋହିତ ଶର୍ମା, ତାଙ୍କ ସ୍ତ୍ରୀ ରିତିକା ଓ ପରିବାରବର୍ଗ।

## କିଟ୍ ଅନ୍ତର୍ଜାତୀୟ ଚେସ୍: ସାଭଚେଙ୍କୋ ଚାମ୍ପିୟନ

**ଭୁବନେଶ୍ୱର, ୧୬।୫ (ତପନ ସ୍ୱାଇଁ)**

**ଭାରତର ସର୍ବାଧିକ (୧.୨୦ କୋଟି) ପୁରସ୍କାର ରାଶି ବିଶିଷ୍ଟ ଚେସ୍ ଟୁର୍ନାମେଣ୍ଟ ହେବ**

କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର ୧୬ଶ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର 'ଏ' ବର୍ଗରେ ରୁଷିଆ ଗ୍ରାଣ୍ଡମାଷ୍ଟର (ଜିଏମ୍) ବୋରିସ ସାଭଚେଙ୍କୋ ଚାମ୍ପିୟନ ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାଭଚେଙ୍କୋ ୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ରୁଷୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଡାଭିଡ ଗୋଚେଲାଶଭିଲି, ଭିଏଟ୍‌ନାମ ଜିଏମ୍ ଏନ୍‌ଗୁଏନ ଭାନ୍ ହୁଇ, ପଶ୍ଚିମବଙ୍ଗ ଆଇଏମ୍ କୌସ୍ତୁଭ କୁଣ୍ଡୁ ଓ ମହାରାଷ୍ଟ୍ରର ଶ୍ରାୟନ ମଜୁମଦାର ୭.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଆଇସିଏଫ୍ ଜିଏମ୍ ଆର.ଆର. ଲକ୍ଷ୍ମଣ, ବେଲାରୁଷ ଜିଏମ୍ ଏଭଗେନି ପୋଡୋଲଚେଙ୍କୋ, ଆନ୍ଧ୍ର ପ୍ରଦେଶର ଜ୍ଞାନ ସାଇ ସନ୍ତୋଷ ଏମ୍, ସ୍ଲୋଭାକିଆ ଜିଏମ୍ ମାନିକ ମିକୁଲାସ ଓ କାଜାଖସ୍ତାନ ଆଇଏମ୍ ଟୋଲୋଗୋନ ଟେନଗିନ ସେମେଟେଇ ୭ ପଏଣ୍ଟ ଲେଖାଏ ପାଇ ଟପ୍-୧୦ ଫିନିଶ୍ କରିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୬.୫ ପଏଣ୍ଟ ସହିତ ସର୍ବାଧିକ ୨୬ତମ ସ୍ଥାନରେ ରହିଛନ୍ତି। ୩ ବର୍ଗରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୪୩ ଦେଶର ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଟ୍ରଫି ସହ ଯଥାକ୍ରମେ ୩ ଲକ୍ଷ, ୨ ଲକ୍ଷ ଓ ୧, ୪୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୩ ବର୍ଗରେ ମୋଟ ୪୩୬ଟି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଅଚ୍ୟୁତ ସାମନ୍ତ ୨୦୨୬ରେ ହେବାକୁଥିବା ପ୍ରତିଯୋଗିତା ପାଇଁ ପୁରସ୍କାର ରାଶିକୁ ୧.୨୦ କୋଟିଙ୍କୁ ବୃଦ୍ଧି କରାଯିବ ବୋଲି ପ୍ରକାଶ କରିଛନ୍ତି। ଫଳରେ ଏହା ହେବ ଭାରତର ସର୍ବାଧିକ ପୁରସ୍କାର ରାଶି ବିଶିଷ୍ଟ ଚେସ୍ ଟୁର୍ନାମେଣ୍ଟ। ଚଳିତ ବର୍ଷ ପର୍ଯ୍ୟନ୍ତ ପୁରସ୍କାର ରାଶି ୬୦ ଲକ୍ଷ ଥିବାବେଳେ ଏହାକୁ ଦ୍ୱିଗୁଣିତ କରାଯାଇଛି। ଏହି ପୁରସ୍କାର ରାଶି ଆଗାମୀ ବର୍ଷଠାରୁ ବିଶ୍ୱର ଆହୁରି ଅଧିକ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟରଙ୍କୁ ଆକର୍ଷିତ କରିବ।

### 'ସି' ବର୍ଗରେ ସାହିଲ ଚାମ୍ପିୟନ, ତନ୍ମୟ ରନରଅପ୍

କିଟ୍ ଚେସ୍ ଫେଷ୍ଟିଭାଲର 'ସି' ବର୍ଗ (୧୬୦୦ ରେଟିଂରୁ କମ୍) ଟୁର୍ନାମେଣ୍ଟରେ ମହାରାଷ୍ଟ୍ରର ସାହିଲ ଘୋର୍ଘାଟେ ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶାର ତନ୍ମୟ ତ୍ରିପାଠୀ ରନରଅପ୍ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାହିଲ ୮ ଓ ତନ୍ମୟ ୭.୫ ପଏଣ୍ଟ ପାଇଥିଲେ। ଓଡ଼ିଶାର କାମିଲା ସିଦ୍ଧେଶ ଓ ନରୟ ନାୟକଙ୍କ ସମେତ ଆଉ ୭ ଖେଳାଳି ମଧ୍ୟ ୭.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ଗତ ୧୨ ତାରିଖରେ ଶେଷ ହୋଇଥିବା 'ବି' ବର୍ଗ (୧୯୦୦ ରେଟିଂରୁ କମ୍) ପ୍ରତିଯୋଗିତାରେ ପଶ୍ଚିମବଙ୍ଗର ମୈତ୍ରେୟୀ ମଣ୍ଡଳ ଚାମ୍ପିୟନ ହୋଇଥିଲେ। ୧୦ ରାଉଣ୍ଡରୁ ସେ ୯ ପଏଣ୍ଟ ପାଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଶେଖର ଚନ୍ଦ୍ର ସାହୁ, ମୁଖ୍ୟ ଆର୍ବିଟର ବସନ୍ତ ବି.ଏଚ. ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ଆୟୋଜକ କିସ୍ ପ୍ରତିଯୋଗୀମାନେ ୧୮ଟି ପୁରସ୍କାର ଲାଭ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ୭୦ରୁ ଊର୍ଦ୍ଧ୍ୱ ଦେଶର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।



କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ୱାଙ୍ଖେଡେରେ ରୋହିତଙ୍କ ନାମରେ ଷ୍ଟାଣ୍ଡ୍

**ମୁମ୍ବାଇ, ୧୬।୫ (ପି.ଟି.)**

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ଶୁକ୍ରବାର ସୁପ୍ରସିଦ୍ଧ ୱାଙ୍ଖେଡେ ଷ୍ଟାଡିୟମର ଏକ ଷ୍ଟାଣ୍ଡକୁ ଭାରତର ସିନିୟର ବ୍ୟାଟର ରୋହିତ ଶର୍ମାଙ୍କ ନାମରେ ନାମିତ କରିଛି। ଏମସିଏ ଏହା ପୂର୍ବରୁ ଭାରତର ପୂର୍ବତନ ଅଧିନାୟକ ଅଜିତ ୱାଦେକର ଏବଂ ପୂର୍ବତନ ବିସିସିଆଇ ସଭାପତି ଶରଦ ଯାଦବଙ୍କ ଷ୍ଟାଣ୍ଡ ମାନ ରହିଛି। ରୋହିତ ତୃତୀୟ ବ୍ୟକ୍ତି ଭାବେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଗତ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଏହି ବିସ୍ଫୋରକ ବ୍ୟାଟର କହିଛନ୍ତି ଏହା ଦିନେ ଘଟିବ ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ବାସ୍ତବିକ ତାଙ୍କ ପାଇଁ ଏହା ସ୍ୱତନ୍ତ୍ର। ଗତବର୍ଷ ବିଶ୍ୱକପ୍ ଟ୍ରଫି ପରେ ଭାରତର ନେତୃତ୍ୱ ନେବା ପରେ ରୋହିତ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିସାରିଛନ୍ତି। ବର୍ତ୍ତମାନ ସେ କେବଳ ଅନ୍ତର୍ଜାତୀୟ ଦିନିକିଆ ଓ ଆଇପିଏଲ୍ ଖେଳିବା ଜାରି ରଖିଛନ୍ତି। ରୋହିତଙ୍କ ନାମରେ ଷ୍ଟାଣ୍ଡ ନାମିତ କରାଯିବା ବେଳେ ଅଭ୍ୟାସ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଖେଳାଳି ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜନେତା ଶରଦ ପାୱାର ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କ ଉପସ୍ଥିତି ବାସ୍ତବିକ ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ରୋହିତ ତାଙ୍କ ଭାଷଣରେ କହିଥିଲେ।

## ଇଂଲଣ୍ଡ ଟୁର୍ ପାଇଁ ଭାରତ 'ଏ' ଦଳ

**ନୂଆଦିଲ୍ଲୀ, ୧୬।୫ (ପି.ଟି.)**

ଇଂଲଣ୍ଡ ଟୁର୍ ପାଇଁ ଶୁକ୍ରବାର ଭାରତ 'ଏ' କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳ କାଣ୍ଟରବୁରୀଠାରେ ମେ ୩୦ରୁ ଇଂଲଣ୍ଡ ଲୟନ୍ସ ଦଳ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଆଇପିଏଲ୍ ଫାଇନାଲ ଯଦିଓ ମେ ୨୫ରୁ ଜୁନ୍ ୩କୁ ଘୁଞ୍ଚାଇ ଦିଆଯାଇଥିଲେ ସୁଦ୍ଧା ମୂଳ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବ ନାହିଁ। ଭାରତୀୟ ସିନିୟର ଦଳର ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଭାରତ 'ଏ' ଦଳ ଜୁନ୍ ୧୩ରୁ ୧୬ ପର୍ଯ୍ୟନ୍ତ ଏକ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚ ଖେଳିବ।

**ଭାରତ 'ଏ' ଦଳ:** ଅଭିମନ୍ୟୁ ଇଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁଣ ନାୟାର, ଧ୍ରୁବ ଜୁରେଲ (ଉପଅଧିନାୟକ), ନୀତିଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶନ (ଉଇକେଟକିପର), ମାନବ ସୁଥର, ତନୁଷ କୋଟିଆନ୍, ମୁକେଶ କୁମାର, ଆକାଶ ଦୀପ, ହର୍ଷିତ ରାଣା, ଅଂଶୁଲ କାମ୍ବୋଜ, ଖଲିଲ ଅହମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ।

**ବିଶେଷ ସୂଚନା:** ଦ୍ୱିତୀୟ ମ୍ୟାଚ ପୂର୍ବରୁ ଦଳରେ ଯୋଗ ଦେବେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ